CMYK

* Vol.- 46, Issue No. 64
* Thursday, 4 June 2026
* ଗୁରୁବାର, ୪ ଜୁନ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ: ୨୧ ଜୀବନ୍ତ ଦଗ୍ଧ

## ୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩।୬: ଦକ୍ଷିଣ ଦିଲ୍ଲୀର ମାଲବ୍ୟ ନଗର ଅଞ୍ଚଳରେ ଥିବା ଲେମନ୍ ଗ୍ରିନ୍ ରେଷ୍ଟୁରାଣ୍ଟରେ ବୁଧବାର ସକାଳେ ବଡ଼ଧରଣ ଅଗ୍ନିକାଣ୍ଡ ଘଟି ୨୧ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଅଗ୍ନିକାଣ୍ଡରେ ମୃତ୍ୟୁ ହୋଇଥିବା ଲୋକଙ୍କ ମଧ୍ୟରୁ ଅନେକ ମଧ୍ୟ ଏସିଆ ଓ ଆଫ୍ରିକାର ନାଗରିକ ଅଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ପାଖାପାଖି ସକାଳ ୯ଟାରେ ରେଷ୍ଟୁରାଣ୍ଟର ବେସମେଣ୍ଟରୁ ନିଆଁ ଲାଗିଥିଲା। ଦିଲ୍ଲୀ ଅଗ୍ନିଶମ ସେବାକୁ ଖବର ଦିଆଯିବା ମାତ୍ରେ ତୁରନ୍ତ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ପାଞ୍ଚ ମହଲା ବିଶିଷ୍ଟ କୋଠାରେ ପାଖାପାଖି ୪୦ ଲୋକ ଥିବା ଅନୁମାନ କରାଯାଉଛି। ଖବର ମିଳିବା ମାତ୍ରେ ଘଟଣାସ୍ଥଳକୁ ଏକାଧିକ ଅଗ୍ନିଶମ ଗାଡି ପଠାଯାଇଥିଲା। କୋଠା ଭିତରେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରି ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦିଲ୍ଲୀ ଅଗ୍ନିଶମ ସେବା କର୍ମଚାରୀ କୋଠାରୁ ୩୭ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିଏଟିଏସ୍ ଆମ୍ବୁଲାନ୍ସ ମାଧ୍ୟମରେ ନିକଟସ୍ଥ



ହସ୍ପିଟାଲକୁ ନେଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୧୮ଜଣଙ୍କ ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ ଘୋଷଣା କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡି ନଥିବାବେଳେ ଅଗ୍ନିକୁ ଆୟତ୍ତ କରିବା ପାଇଁ ୧୦ଟି ଦମକଳ ଗାଡି ନିୟୋଜିତ କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ସମୟରେ ଅଗ୍ନିଶମ କର୍ମଚାରୀମାନେ ଧୂଆଁ ଭର୍ତ୍ତି ବେସମେଣ୍ଟରେ ପ୍ରବେଶ କରି ଭିତରେ ଫସି ରହିଥିବା ତିନି ଜଣଙ୍କୁ ବାହାର କରିବାରେ ସଫଳ ହୋଇଥିଲେ। ଅଗ୍ନିକାଣ୍ଡ ସମୟରେ ରେଷ୍ଟୁରାଣ୍ଟ ଭିତରେ କେତେ ଲୋକ ଉପସ୍ଥିତ ଥିଲେ ତାହା ତୁରନ୍ତ ଜଣାପଡିନାହିଁ। କର୍ତ୍ତୃପକ୍ଷ କ୍ଷୟକ୍ଷତିର ପରିମାଣ ଆକଳନ କରିବା ସହିତ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ଯେ, ଅଗ୍ନିକାଣ୍ଡ କୋଠାର ତଳ ମହଲାରେ ଚାଲିଥିବା ଏକ ରେଷ୍ଟୁରାଣ୍ଟରୁ ହୋଇଥାଇପାରେ। ଅଗ୍ନିକାଣ୍ଡ କିପରି ଆରମ୍ଭ ହେଲା ଓ ଅଗ୍ନି ନିରାପତ୍ତା ନିୟମ ଉଲ୍ଲଂଘନ କିମ୍ବା ତ୍ରୁଟି ଏହି ଦୁଃଖଦ ଘଟଣା ପାଇଁ ଦାୟୀ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ପୁଲିସ ଓ ଅଗ୍ନିଶମ ବିଭାଗର ଅଧିକାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ବିଧାୟକ ସତୀଶ ଉପାଧ୍ୟାୟ ଏହାକୁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲବ୍ୟ ନଗର ଅଗ୍ନିକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରି ଏତେ ଲୋକଙ୍କ ଜୀବନହାନିକୁ ଦୁଃଖଦ ଘଟଣା ବୋଲି କହିଛନ୍ତି। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୋଦି କହିଛନ୍ତି ଯେ, କର୍ତ୍ତୃପକ୍ଷ ପ୍ରଭାବିତ ଲୋକଙ୍କୁ ସମସ୍ତ ସମ୍ଭବ ସହାୟତା ଯୋଗାଇ ଦେଉଛନ୍ତି। ସେ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଓ ଆହତଙ୍କ ପାଇଁ ୫୦୦୦୦ ଟଙ୍କା ଘୋଷଣା କରିଛନ୍ତି।

# କର୍ଣ୍ଣାଟକରେ ଶିବକୁମାର ସରକାର

ବେଙ୍ଗାଲୁରୁ,୩।୬: ଦକ୍ଷିଣ ଭାରତର କଂଗ୍ରେସର ଜଣେ ଜଣାଶୁଣା ଚେହେରା ଡିକେ ଶିବକୁମାର ବୁଧବାର କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଏହା ଦ୍ୱାରା ଦୁଇ ବର୍ଷ ଧରି ଖବର ଶିରୋନାମା ପାଲଟିଥିବା ଏକ ଦୀର୍ଘ ବିବାଦର ଅନ୍ତ ଘଟିଛି। ବୁଧବାର ଲୋକଭବନର ଗ୍ଲାସ ହାଉସରେ କଂଗ୍ରେସ ନେତା ଡିକେ ଶିବକୁମାର କର୍ଣ୍ଣାଟକର ୧୮ତମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ୍ ଶପଥ ପାଠ କରାଇଛନ୍ତି। ରାଜ୍ୟ ଗୃହମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିବା ପ୍ରଭାବଶାଳୀ ଦଳିତ ନେତା ଜି ପରମେଶ୍ୱର ଉପ-ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଅନ୍ୟ ୧୨ଜଣ ମନ୍ତ୍ରୀଙ୍କୁ ନୂତନ କ୍ୟାବିନେଟରେ ସାମିଲ କରାଯାଇଛି। ଲୋକଭବନରେ ଶିବକୁମାରଙ୍କ ଶପଥ ଗ୍ରହଣ ଉତ୍ସବରେ ଇନଫୋସିସ୍ ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି, ପୂର୍ବତନ କ୍ରିକେଟର ଅନିଲ କୁମ୍ବଲେ, ଅଭିନେତା ଜୟମାଳା ଓ ଶିବ ରାଜକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ସମାରୋହ ପାଇଁ



ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଲୋକଭବନରେ ପହଞ୍ଚିଥିଲେ। ଏହା ପୂର୍ବରୁ ଶିବକୁମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ହାଲ୍ ବିମାନବନ୍ଦରରେ ଖଡ଼ଗେ ଓ ରାହୁଲ ଗାନ୍ଧୀଙ୍କୁ ସ୍ୱାଗତ କରିଥିଲେ। ଶିବକୁମାରଙ୍କ ପତ୍ନୀ ଉଷା ଓ ଝିଅ ଐଶ୍ୱର୍ଯ୍ୟା ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ଫୋନରେ ଶିବକୁମାରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କୁ ଏକାସାଙ୍ଗରେ ନେଇ ଚାଲିବାକୁ ପରାମର୍ଶ ଦେଇଥିଲେ।

# ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା: ଅପରାଜିତା

ଭୁବନେଶ୍ୱର,୩।୬:ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା। ଏଥିସହିତ ଭୁବନେଶ୍ୱର ବିମାନବନ୍ଦର ତୃତୀୟ ଏୟାର ଟର୍ମିନାଲକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସହିତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିମାନବନ୍ଦର ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାହ୍ନରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱରର ଇଣ୍ଟିଗ୍ରେଟେଡ୍ ଅଫିସ୍ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ବିମାନବନ୍ଦର ପ୍ରାଧିକରଣ, ଭୁବନେଶ୍ୱର ବିମାନବନ୍ଦରର ନିର୍ଦ୍ଦେଶକ ଲୋକସଭା ସାଂସଦ ଏବଂ ବିମାନବନ୍ଦର ପରାମର୍ଶଦାତା କମିଟିର ଅନ୍ୟ ସଦସ୍ୟମାନଙ୍କର ସଂକ୍ଷିପ୍ତ ପରିଚୟ ପରେ, ଅଧ୍ୟକ୍ଷଙ୍କ ଅନୁମତିକ୍ରମେ ବିମାନବନ୍ଦର ପରାମର୍ଶଦାତା କମିଟିର ଆବାହକ, ଭୁବନେଶ୍ୱରର ନିର୍ଦ୍ଦେଶକ ଏକ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବିମାନ ଚଳାଚଳ, ଯାତ୍ରୀ ସଂଖ୍ୟା ବୃଦ୍ଧି, କାର୍ଗୋ ପରିଚାଳନା, ବିମାନବନ୍ଦର ସେବା ଗୁଣବତ୍ତା ମୂଲ୍ୟାୟନର ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ଚାଲୁଥିବା ଏବଂ ନୂତନ ପ୍ରକଳ୍ପ ସହ ଯାତ୍ରୀ ଅଭିଜ୍ଞତାର ଉନ୍ନତି ପାଇଁ ନିଆଯାଇଥିବା ନୂତନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

# ଶ୍ରୀମନ୍ଦିର ପାଇଁ ହେବ ଇ-ହୁଣ୍ଡି ବ୍ୟବସ୍ଥା

* ★ ରାଜ୍ୟ ତଥା ଦେଶ ବାହାର ଶ୍ରଦ୍ଧାଳୁ ସହଜରେ ଦେଇପାରିବେ ଦାନ
* ★ ଆୟକର ଛାଡ଼ ପାଇଁ ରହିବ ବ୍ୟବସ୍ଥା
* ★ ସାଇବର ଠକେଇ ରୋକିବା ଉପରେ ବୈଠକରେ ଗୁରୁତ୍ୱ



ଭୁବନେଶ୍ୱର,୩।୬: ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଉଚ୍ଚ ସ୍ତରୀୟ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା। ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା। ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ। ତେବେ ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଲ' କମିଶନର ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟପରିଚାଳକ ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଆଇ ହାତରେ ଆୟକର ଅଧିକାରୀ

## ଡୁପ୍ଲିକେଟ ପାନ୍ କାର୍ଡ ବାତିଲ କରିଦେବା ପାଇଁ ନେଉଥିଲେ ଲାଞ୍ଚ

ଭଦ୍ରକ,୩।୬: ଲାଞ୍ଚ ନେବା ବେଳେ ଆୟକର ଅଧିକାରୀଙ୍କୁ ମାଡ଼ି ବସିଲା ସିବିଆଇ। ଭୁବନେଶ୍ୱର ସିବିଆଇ ଟିମ ହାତରେ ଲାଞ୍ଚୁଆ ଆୟକର ଅଧିକାରୀ




ଓ ଏହି ଲାଞ୍ଚୁଆ ଅଧିକାରୀ ହେଉଛନ୍ତି ଭଦ୍ରକ ଆୟକର ବିଭାଗ କାର୍ଯ୍ୟାଳୟର ଅଫିସ ସୁପରିଣ୍ଟେଣ୍ଡେଣ୍ଟ ରମେଶ କୁମାର ମହାନ୍ତି। ଅଭିଯୋଗ ହୋଇଛି ଏକ ଡୁପ୍ଲିକେଟ୍ (ନକଲି) ପ୍ୟାନ୍ କାର୍ଡକୁ ବାତିଲ/ଡିଲିଟ୍ କରିବା ପାଇଁ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଇନକମ ଟ୍ୟାକ୍ସ ଅଫିସର। ଆଉ ଏହିକ୍ରମରେ ବୁଧବାର ରେଡ କରି ଅଭିଯୋଗକାରୀଙ୍କ ଠାରୁ ୪ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ରମେଶ କୁମାର ମହାନ୍ତିଙ୍କୁ ସିବିଆଇ ଟିମ୍ ଗିରଫ କରିଥିଲା। ବର୍ତ୍ତମାନ ରମେଶ କୁମାର ମହାନ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ତଦନ୍ତ ସମୟରେ, ରମେଶ କୁମାର ମହାନ୍ତି ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବାକୁ ସହମତି ପ୍ରକାଶ କରିଥିଲେ। ତେବେ ମାମଲାରେ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ସିବିଆଇ।

## ଏଲ୍-ନିନୋକୁ ନେଇ ଆଇଏମଡିର ବଡ଼ ସୂଚନା

# ସ୍ୱାଭାବିକଠାରୁ ହେବ କମ୍ ବର୍ଷା: ବଢ଼ିଲା ମରୁଡି ଚିନ୍ତା

ଭୁବନେଶ୍ୱର,୩।୬: ଏଲନିନୋ ପ୍ରଭାବରେ ଦେଶରେ ସ୍ୱାଭାବିକ ଠାରୁ ଚଳିତ ବର୍ଷ କମ୍ ବର୍ଷା ହୋଇପାରେ। ବର୍ଷା ଅଭାବରୁ ମରୁଡ଼ି ହେବା ନେଇ ଆଶଙ୍କା କରାଯାଉଛି। ଏହି ଆଶଙ୍କା ଭିତରେ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ପ୍ରସ୍ତୁତ ରହିବାକୁ ସବୁ ରାଜ୍ୟମାନଙ୍କୁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଛି ନିର୍ଦ୍ଦେଶ। ବିଳମ୍ବିତ ମୌସୁମୀ, ଅଭାବୀ ବର୍ଷାର ସ୍ଥିତି ଆଗାମୀ ଦିନରେ ଦେଶ ପାଇଁ ବଡ଼ ବିପତ୍ତି ଆଣିପାରେ। ମରୁଡ଼ି ସ୍ଥିତି ସୃଷ୍ଟି ହେବା ନେଇ ଆଭାସ ପାଇଲେଣି ସରକାର। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଦିଲ୍ଲୀରେ ମୌସୁମୀର ସ୍ଥିତି, ଏଲ୍-ନିନୋର ପ୍ରଭାବ, ଜଳ ଉପଲବ୍ଧତା, ବିହନ ବ୍ୟବସ୍ଥା, ଫସଲ ରଣନୀତି ଏବଂ ବିଭିନ୍ନ ରାଜ୍ୟର ମରୁଡ଼ି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକରେ, ଶିବରାଜ ସିଂହ ଚୌହାନ ରାଜ୍ୟ



ଗୁଡିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ପ୍ରସ୍ତୁତ ରୁହ, ମରୁଡ଼ି ଆସିପାରେ। ଗମ୍ଭୀରତାର ସହ ମୁକାବିଲା କରିବା ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କର। ଯେକୌଣସି ପ୍ରକାରର ପ୍ରତିକୂଳ ପାଗ ପରିସ୍ଥିତିରେ ଚାଷୀମାନଙ୍କୁ ସାହାଯ୍ୟ କରିବା ପାଇଁ ଯୋଜନା ତିଆରି କର। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ, ୨୦୨୬ ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବାର ସମ୍ଭାବନା ରହିଛି। ସାରାଦେଶରେ ଋତୁକାଳୀନ ବର୍ଷା ଦୀର୍ଘକାଳୀନ ହାରାହାରି ପ୍ରାୟ ୯୦ ପ୍ରତିଶତ ହେବ। କେନ୍ଦ୍ର ସରକାର ଏହାର ପ୍ରସ୍ତୁତିକୁ ତୀବ୍ର କରିସାରିଛନ୍ତି ଏବଂ ସମସ୍ତ ରାଜ୍ୟକୁ ସତର୍କ କରାଇଛନ୍ତି। ରାଜ୍ୟଗୁଡ଼ିକୁ ମରୁଡ଼ି ସହନଶୀଳ ଏବଂ ସ୍ୱଳ୍ପକାଳୀନ ବିହନର ଉପଲବ୍ଧତା ସୁନିଶ୍ଚିତ କରିବାକୁ କୁହାଯାଇଛି। ଆର୍ଦ୍ରତା ସଂରକ୍ଷଣ ଉପରେ ଧ୍ୟାନ ଦେବାକୁ ଏବଂ ବର୍ଷା ୨-୪ ସପ୍ତାହ ବିଳମ୍ବ ହେଲେ ବିକଳ୍ପ ଫସଲ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଶେଷଜ୍ଞଙ୍କ କହିବା ଅନୁସାରେ, ଜଳବାୟୁ-ପ୍ରତିରୋଧୀ କୃଷି ପଦ୍ଧତି ଗ୍ରହଣ ଦ୍ୱାରା ହିଁ ସମ୍ଭାବ୍ୟ ଚ୍ୟାଲେଞ୍ଜର ପ୍ରଭାବକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ। ଆଇଏମଡିର ଆକଳନ ଅନୁସାରେ ଆସନ୍ତାକାଲି କେରଳ ଛୁଇଁବ ମୌସୁମୀ।

# ୭ ଦିନ ମଧ୍ୟରେ ଭତ୍ତା ସମସ୍ୟାର ସମାଧାନ: ମନ୍ତ୍ରୀ

ଭୁବନେଶ୍ୱର,୩।୬: ଆଉ ସାତ ଦିନ ମଧ୍ୟରେ ଭତ୍ତା ସମସ୍ୟାର ହେବ ସମାଧାନ। ଏଣିକି ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ଭତ୍ତା ଟଙ୍କା। ସାମାଜିକ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ଭତ୍ତାକୁ ନେଇ କେନ୍ଦ୍ର ସରକାରଙ୍କର କିଛି ଟେକ୍ନିକାଲ ଅସୁବିଧା ଥିଲା। ଏଣିକି କେନ୍ଦ୍ର



ସରକାରଙ୍କ ନିର୍ଦ୍ଦେଶରେ ଏସଏନଏସ ସ୍ପର୍ଶ ମାଧ୍ୟମରେ ଆକାଉଣ୍ଟ ଭେଟିଂ ଚାଲିଛି। ଯାହା ମାଧ୍ୟମରେ ଆଇଏଫଏମଏସ ସେବା ମାଧ୍ୟମରେ ରିଏଲ ଟାଇମ ପେମେଣ୍ଟ ହେବ। ସେଥିପାଇଁ ଭତ୍ତା ପ୍ରଦାନରେ ଅସୁବିଧା ରହୁଛି। ଆଉ ସାତ ଦିନ ମଧ୍ୟରେ ଆକାଉଣ୍ଟ ଭେଟିଂ ହୋଇଗଲା ପରେ ଭତ୍ତା ସମସ୍ୟା ଆଉ ରହିବ ନାହିଁ। ଏକାସାଙ୍ଗେ ହିତାଧିକାରୀଙ୍କୁ ଭତ୍ତା ମିଳିଯିବ ବୋଲି ହିତାଧିକାରୀଙ୍କୁ ଆଶ୍ୱସ୍ତ କଲେ ସାମାଜିକ ସଶକ୍ତିକରଣ ମନ୍ତ୍ରୀ। ସୂଚନାନୁଯାୟୀ, ଜାତୀୟ ପେନସନ ଯୋଜନାରେ ଦୁଇ ମାସ ହେବ ଭତ୍ତା ମିଳିନି। ହିତାଧିକାରୀମାନେ ବ୍ୟାଙ୍କ ପଞ୍ଚାୟତ ଅଫିସକୁ ଦୌଡ଼ି ହନ୍ତସନ୍ତ ହେଉଛନ୍ତି। ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ନଦେଲେ ବିଜେଡି ଓ କଂଗ୍ରେସ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ୭ ଦିନ ଭିତରେ ଭତ୍ତା ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।

## କ୍ୟାବିନେଟ୍ ନିଷ୍ପତ୍ତି

# ଓଡ଼ିଶାରେ ଉପକୂଳ ରାଜପଥକୁ ମଞ୍ଜୁରୀ

## ■ ଖର୍ଚ୍ଚ ହେବ ୮,୩୦୦ କୋଟି ■ ଭିତ୍ତିଭୂମି ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୬: ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୩ କିଲୋମିଟରର ଏହି ରାଜପଥ ନିର୍ମାଣ ହେବ। ଏହି ମେଗା ପ୍ରକଳ୍ପରେ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଉପକୂଳ ରାଜପଥ ରାମେଶ୍ୱରଠାରୁ ପାରାଦୀପରେ ପହଞ୍ଚିବ। ଅର୍ଥାତ ଏହି ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ଛୁଇଁବ। ଏହି ପ୍ରକଳ୍ପ ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିକାଶରେ ସହାୟକ ହେବ। ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଅଂଶ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଗତି କରୁଛି। ୧୬ ନମ୍ବର ଜାତୀୟ ରାଜପଥର ଏହା ହେଉଛି ସ୍ୱର୍ଣ୍ଣ ଚତୁର୍ଭୁଜର ଅଂଶ ଏବଂ ଏହା ପୂର୍ବରୁ ଏକ ୬ ଥାକିଆ ରାଜପଥ ଅଟେ, ଯାହା ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ପ୍ରମୁଖ ସହର ଦେଇ ଗତି କରୁଛି। ଜାତୀୟ ରାଜପଥ ୨୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରୁଛି ଏବଂ ଏହା ସାତପଡ଼ା ଏବଂ କୋଣାର୍କ ଆଡକୁ ସଂପ୍ରସାରିତ ହୋଇଛି। ଦୁଇଟି ପ୍ୟାକେଜ୍‌ରେ ନିର୍ମାଣ ହେବାକୁ ଥିବା ଏହି ସଡ଼କପଥର ମୋଟ ଦୈର୍ଘ୍ୟ ୧୬୦.୧୮ କିଲୋମିଟର ରହିବ। ଏଥିରେ ମୋଟ ୮୩୦୦.୭୯ କୋଟି ଟଙ୍କା ବ୍ୟୟ ହେବ। ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମିର ୪-ଥାକିଆ ବିଶିଷ୍ଟ ରାସ୍ତା ପାଇଁ ମୋଟ୍ ୫୩୦୪.୮୦ କୋଟି ଟଙ୍କା ଓ ୮୦.୭୮ କିମି ବିଶିଷ୍ଟ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଥାକିଆ ବିଶିଷ୍ଟ ରାସ୍ତା ପାଇଁ ୨୯୯୫.୯୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ୧୭.୫ ବର୍ଷର ରିହାତି ଅବଧି ପ୍ରଦାନ କରାଯିବ। ଏହି ପ୍ରକଳ୍ପକୁ ଓଡ଼ିଶା ଭିତ୍ତିଭୂମି ବିକାଶରେ ନୂଆ ଅଧ୍ୟାୟର ଆରମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



କହିଛନ୍ତି। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟରେ ସଡ଼କ ସଂଯୋଗକୁ ସୁଦୃଢ଼ କରିବ, ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ, ଲଜିଷ୍ଟିକ୍ସ ଓ ଅର୍ଥନୈତିକ ପ୍ରଗତି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସେ ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସହାୟତା ଓ ରାଜ୍ୟର ପ୍ରଗତି ନିମନ୍ତେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ ଏହି ପ୍ରକଳ୍ପ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂପୁର ଜିଲ୍ଲା ଦେଇ ଗତି କରିବ। ଏନ୍‌ଏଚ୍-୧୬ର ଅଂଶ ଭାବେ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ଦେଇ ପୂର୍ବରୁ ୬-ଲେନ୍ ବିଶିଷ୍ଟ ରାଜପଥ ରହିଛି। ଭୁବନେଶ୍ୱରକୁ ପୁରୀ ସହ ଯୋଡୁଥିବା ଏନ୍‌ଏଚ୍-୩୧୬ ସାତପଡ଼ା ଓ କୋଣାର୍କ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ପୂର୍ବରୁ ପୁରୀରୁ କୋଣାର୍କ ଏବଂ ପୁରୀରୁ ସାତପଡ଼ାକୁ ଥିବା ରାସ୍ତାର ଜ୍ୟାମିତିକ ଡିଜାଇନ ଅତ୍ୟନ୍ତ ଦୁର୍ବଳ ରହିଛି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ସେଥିରେ ବ୍ୟାପକ ସୁଧାର ଘଟିବ। ଏହି ପ୍ରକଳ୍ପର ପ୍ରଥମ ପ୍ୟାକେଜ୍‌ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଥାକିଆ ଏବଂ ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ପେଭ୍‌ଡ ସୋଲଡର ସହ ୨ ଥାକିଆ ବିଶିଷ୍ଟ ରାସ୍ତା ତିଆରି ହେବ। ଏହାଦ୍ୱାରା ଗାଡ଼ିର ଗତି ଘଣ୍ଟାପ୍ରତି ୧୦୦ କିଲୋମିଟର ସୁନିଶ୍ଚିତ ହେବ ଏବଂ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂପୁର ଜିଲ୍ଲାରେ ଗମନାଗମନ ଦକ୍ଷତା ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଆଞ୍ଚଳିକ ଗମାନଗମନକୁ ବୃଦ୍ଧି କରିବ ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହେବା ପରେ ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବାର ଆଶା କରାଯାଉଛି।

ନବପ୍ରଭାତ



# ଭଗବାନ ଅନ୍ତରରେ, ହୃଦୟଙ୍ଗମ କରିବାକୁ ହେବ

ମଣିଷ ସମାଜରେ ଏହିପରି କେତେକ ଲୋକ ଅଛନ୍ତି । ଯେଉଁମାନେ କି ବହୁ ଶାସ୍ତ୍ର ପଢ଼ିଛନ୍ତି । ଯୁଗ ପୁରୁଷଙ୍କର ବାଣୀ ପଢ଼ନ୍ତି । ଭଗବାନ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ଏ କଥା କୁହନ୍ତି । କିନ୍ତୁ ତାଙ୍କୁ ହୃଦୟଙ୍ଗମ କରିପାରନ୍ତି ନାହିଁ । କାରଣ ସେମାନେ ଭଗବାନଙ୍କୁ ବାହାରେ ଖୋଜନ୍ତି । ମନ୍ଦିର ମସଜିଦ,ଗୀର୍ଜା ଓ ଗୁରୁଦ୍ୱାର ଯାଇ ପୂଜାର୍ଚ୍ଚନା କରନ୍ତି । ବିଭ୍ରାନ୍ତବାବୁ ବୋଲି ଜଣେ ଲୋକ ଥିଲେ ସେ ଭାରି ତରବରିଆ । ତେଣୁ ତାଙ୍କର ସବୁବେଳେ ଜିନିଷପତ୍ର ହଜିଯାଏ । ସେ ତାକୁ ପାଇବା ପାଇଁ ବ୍ୟସ୍ତ ହୋଇ ଏଣେ ତେଣେ ଖୋଜନ୍ତି । ଦିନେ ସେ ଅଫିସ ବାହାରିବା ବେଳକୁ ପକେଟରେ ମାରିଥିବା କଲମଟିକୁ ଖୋଜିବାକୁ ଲାଗିଲେ । ତାଙ୍କ ଝିଅ ଅନନ୍ୟା କହିଲା ବାପା କ'ଣ ଖୋଜୁଛ ? ସେ କହିଲେ ମୋର କଲମଟି ହଜିଯାଇଛି । ଅନନ୍ୟା ହସି ହସି କହିଲା ବାପା ତୁମେ ପକେଟରେ ରଖିଛ । ଏହିପରି କିଛି ଲୋକ ଥାଆନ୍ତି ଯେଉଁମାନେ କି ନିଜ ଭିତରେ ଭଗବାନ ଥିଲେ ମଧ୍ୟ ବାହାରେ ଖୋଜିବାକୁ ଯାଇ ଶ୍ରୀମନ୍ଦିର, କେଦାରନାଥ, ବଦ୍ରୀନାଥ, ରାମେଶ୍ୱର ପ୍ରଭୃତିକୁ ବଡ ବଡ ଯାତ୍ରା ସମୟରେ ଯାଆନ୍ତି ଓ ଭିଡ଼ ଭିତରେ ଯାଇ ଭିଡ଼ ଚାପରେ ବେଳେ ବେଳେ ମୃତ୍ୟୁମୁଖରେ ପଡନ୍ତି । ଦୀପ ଜାଳି ପବିତ୍ର ନଦୀରେ ସ୍ନାନ କରି ଫୁଲପତ୍ର ମହମବତି, କଦଳୀ ଚୋପା ପକାଇ ତାର ପବିତ୍ର ଜଳକୁ ପ୍ରଦୂଷିତ କରନ୍ତି ।



# କର୍ମର ଫଳ

ସହରର ଏକ ନିକାଞ୍ଚନ କ୍ଷେତ୍ରରେ ଜଣେ ଭିକ୍ଷୁ ରହୁଥିଲେ । ସେ ପ୍ରତିଦିନ ଭିକ ମାଗି ଆଣୁଥିଲେ ଏବଂ ଘରେ ରଖିବା ପରେ କହୁଥିଲେ, 'ଖରାପ କାମ କଲେ ଖରାପ ଫଳ ମିଳିବ, ଭଲ କାମ କଲେ ଭଲ ଫଳ ମିଳିବ ।' ଏହାପରେ ଖାଉଥିଲେ। ସେହି ସହରରେ ଜଣେ ବୃଦ୍ଧ ମହିଳା ରହୁଥିଲେ । ତାଙ୍କର ଚିନ୍ତାଧାରା ସେତେ ଭଲ ନଥିଲା । ଦିନେ ସେ ଭିକ୍ଷୁଙ୍କୁ କହିଲେ, ତୁମେ କ'ଣ ଭାବୁଛ । ତୁମେ ଯେମିତି କହୁଛ କ'ଣ ସେମିତି ଘଟିଥାଏ । ଭିକ୍ଷୁ କହିଲେ, ହଁ ! ତଥାଗତ ବୁଦ୍ଧ ମଧ୍ୟ ଏହା କହିଛନ୍ତି । ବୃଦ୍ଧ ମହିଳା ତାଙ୍କ କଥା ଶୁଣି ଅସନ୍ତୁଷ୍ଟ ହେଲେ । ସେ ପରଦିନ ଖରାପ କାମ କରିବା ଲାଗି ପ୍ରୟାସ କଲେ । ସେ ବିଷମିଶ୍ରିତ ମିଠେଇ ସେହି ଭିକ୍ଷୁଙ୍କୁ ପ୍ରଦାନ କଲେ । ଭିକ୍ଷୁ ସେହି ମିଠେଇ ନେଇ ଘରକୁ ଫେରିଲେ । ରାତି ହୋଇସାରିଥିଲା । ଏହି ସମୟରେ ଘର ବାହାରେ ଜଣେ ଯାତ୍ରୀ ଡାକ ପକାଇଲେ । ସେ ନିଜ ଯାତ୍ରା କଥା କହିଲେ । ଭିକ୍ଷୁ ସେହି ମିଠେଇ ଏବଂ ପାଣି ତାଙ୍କୁ ପିଇବାକୁ ଦେଲେ । ମିଠେଇ ଖାଇବା ପରେ



ସେହି ଯାତ୍ରୀ ମୃତ୍ୟୁବରଣ କଲେ । ଏହି କଥା ରାଜାଙ୍କ ସୈନିକମାନେ ଜାଣିବା ପରେ ଭିକ୍ଷୁଙ୍କୁ ବନ୍ଦୀ କରିନେଲେ । ରାସ୍ତାରେ ସେ ବୃଦ୍ଧ ମହିଳାଙ୍କୁ ଭେଟିଲେ । ସେ ଭିକ୍ଷୁଙ୍କ କଟାକ୍ଷ କଲେ । କିନ୍ତୁ ଭିକ୍ଷୁ କିଛି କହିଲେ ନାହିଁ । ସେହି ଯାତ୍ରୀଙ୍କ ପରିଚୟ ଜାଣିବା ଲାଗି ଯାଞ୍ଚ ହେବାରୁ ଜଣାପଡ଼ିଲା ଯେ ମୃତକ ଜଣକ ଉକ୍ତ ନଗରୀର ବାସିନ୍ଦା । ବୃଦ୍ଧ ମହିଳା ତା'କୁ ଦେଖିବା ଲାଗି ଆସିଲେ । ଯାତ୍ରୀଙ୍କ ଶବ ଦେଖିବା କ୍ଷଣି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା । କାରଣ ସେହି ମୃତ ଯାତ୍ରୀ ଜଣକ ତାଙ୍କର ପୁତ୍ର ଥିଲେ । ଏତିକିବେଳେ ତାଙ୍କର ଭିକ୍ଷୁଙ୍କ କଥା ମନେ ପଡ଼ିଲା ଏବଂ ସେ ସବୁ ସତକଥା ସିପାହୀଙ୍କୁ କହିଲେ ।

# ସୁଦର୍ଶନ ଚକ୍ର



ଭଗବାନ ବିଷ୍ଣୁଙ୍କ ହାତରେ ସର୍ବଦା ସୁଦର୍ଶନ ଚକ୍ର ଶୋଭା ପାଇଥାଏ । ଏହି ସୁଦର୍ଶନ ଚକ୍ର ଭଗବାନ ଶିବ ଭଗବାନ ବିଷ୍ଣୁଙ୍କୁ ଦେଇଥିଲେ । ଏକଦା ବିଷ୍ଣୁ ଶିବଙ୍କ ଆରାଧନା କରୁଥିଲେ । ବିଷ୍ଣୁ ଶିବଙ୍କୁ ପ୍ରସନ୍ନ କରିବାପାଇଁ ହଜାରେ ପଦ୍ମ ଫୁଲ ବିଛାଇ ରଖିଥିଲେ । ଭଗବାନ ଶିବ ଏହା ଜାଣିବାକୁ ଚାହୁଁଥିଲେ ବିଷ୍ଣୁଙ୍କ ଭକ୍ତିରେ କେତେ ସତ୍ୟତା ରହିଛି । ଆଉ ଏହାପରେ ବିଷ୍ଣୁ ଗୋଟିଏ ପରେ ଗୋଟିଏ ପଦ୍ମ ଫୁଲ ଶିବଲିଙ୍ଗରେ ଚଢାଇବା ସହ ଶିବମନ୍ତ୍ର ଜପିବା ଆରମ୍ଭ କଲେ । ମାତ୍ର ଶେଷରେ ଅର୍ଥାତ୍ ଯେତେବେଳେ ବିଷ୍ଣୁ ଶିବଙ୍କର ୧୦୦୦ ତମ ନାମ ନେଉଥିଲେ ସେତେବେଳେ ଶିବଲିଙ୍ଗରେ ଅର୍ପଣ କରିବା ପାଇଁ କୌଣସି ଫୁଲ ନ ଥିଲା । ଶେଷରେ ସେ ନିଜ ଆଖି ବାହାର କରି ଶିବଲିଙ୍ଗରେ ଚଢାଇଥିଲେ । ଭଗବାନ ବିଷ୍ଣୁଙ୍କୁ ପଦ୍ମନୟନ ବୋଲି କୁହାଯାଇଥାଏ । ତେଣୁ ସେ ଶିବଲିଙ୍ଗରେ ନିଜ ଆଖି ଅର୍ପଣ କରିଥିଲେ । ଆଉ ବିଷ୍ଣୁ ଭଗବାନଙ୍କ ଏହି ଭକ୍ତିଭାବ ଦେଖି ଶିବ ତାଙ୍କୁ ସୁଦର୍ଶନ ଚକ୍ର ଅର୍ପଣ କରିଥିଲେ।

# ମହାଭାରତରେ ଶ୍ରୀକୃଷ୍ଣଙ୍କ ପାଖରେ ଥିଲା ଚମତ୍କାରୀ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଧ୍ୱନିରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଧ୍ୱନି କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ



ପରାଶର ମୁନିଙ୍କ ଆଶ୍ରମରେ ରଖିଦେଇଯାଇଥିଲେ ବୋଲି କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

# ଅଜ୍ଞାତବାସର କଥା



ସାଧାରଣତଃ କୁହାଯାଏ ଯେ ଯେତେବେଳେ ପାଣ୍ଡବମାନେ ୧୨ ବର୍ଷ ନିର୍ବାସନରେ ଯାଇଥିଲେ, ସେତେବେଳେ ଯୁଧିଷ୍ଠିର ବିବାହ କରିଥିଲେ। ଦେବିକାଙ୍କୁ ମାତା କୁନ୍ତୀଙ୍କ ପାଖରେ ଯୁଧିଷ୍ଠିର ଛାଡିଯାଇଥିଲେ। ସେଥିପାଇଁ ଅଜ୍ଞାତବାସ ସମୟରେ ତାଙ୍କ ପାଖରେ ସେ ନଥିଲେ । ସେମାନଙ୍କର ପୁଅର ନାମ କ'ଣ ଥିଲା ? ଦେବିକାଙ୍କର ଯୁଧିଷ୍ଠିରରୁ ଯୌଧେୟ ନାମକ ଏକ ପୁତ୍ର ଥିଲେ। ଯିଏ ମହାଭାରତ ଯୁଦ୍ଧରେ ଭାଗ ନେଇଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିଲା। କାରଣ ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କର କୌଣସି ପୁଅ ଜୀବିତ ରହିଲେ ନାହିଁ। କେବଳ ପରୀକ୍ଷିତ ଉତ୍ତରାଙ୍କ ଗର୍ଭରେ ବଢୁଥିଲେ । ଯାହାଙ୍କୁ ଯୁଧିଷ୍ଠିର ୩୬ ବର୍ଷ ଶାସନ କରିବା ପରେ ପରେ ରାଜଗାଦି ହସ୍ତାନ୍ତର କରିଥିଲେ। ତା'ପରେ ସେ ନିଜ ଭାଇ ଓ ସ୍ତ୍ରୀମାନଙ୍କ ସହିତ ହିମାଳୟ ଆଡକୁ ଶେଷ ଯାତ୍ରା ପାଇଁ ଚାଲିଗଲେ । ତେବେ ବିଷ୍ଣୁ ପୁରାଣରେ ଯୁଧିଷ୍ଠିରଙ୍କ ପୁଅର ନାମ ଦେବକ ଏବଂ ତାଙ୍କ ମାତାଙ୍କ ନାମ ଯୌଦେହି ବୋଲି ଉଲ୍ଲେଖ କରାଯାଇଛି। ସେ କେଉଁ ରାଜବଂଶର ଥିଲେ ? ମହାଭାରତରେ ଦେବିକାଙ୍କୁ ଉଲ୍ଲେଖ କରାଯାଇଛି।

# ପ୍ରତିଦିନ ଶୋଇବା ପୂର୍ବରୁ କରନ୍ତୁ

## ଧ୍ୟାନ

ଆଜିକାଲି ଲୋକମାନେ ମାନସିକ ରୋଗର ଶିକାର ହେଉଛନ୍ତି । ଏହାର କାରଣ ହେଉଛି ଅତ୍ୟଧିକ ଚିନ୍ତା, ମାନସିକ ଚାପ ବା ଷ୍ଟ୍ରେସ ଏବଂ ନିଦ ଅଭାବ । ଏପରି ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ଏବଂ ଡିପ୍ରେସନକୁ ରୋକିବାରେ ଧ୍ୟାନ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । କିନ୍ତୁ ସମସ୍ତେ ସକାଳୁ ଉଠିବା ପରେ ଧ୍ୟାନ କରିବାକୁ ସକ୍ଷମ ନୁହନ୍ତି ଯଦି ଆପଣ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରେ ଅଛନ୍ତି, ତେବେ ଆପଣ ରାତିରେ ଶୋଇବା ପୂର୍ବରୁ ମଧ୍ୟ ଧ୍ୟାନ କରିପାରିବେ । ରାତିରେ ଧ୍ୟାନ କରି ଦିନସାରା ଷ୍ଟ୍ରେସ ଏବଂ ଅବସାଦ ବା ଡିପ୍ରେସନକୁ ସହଜରେ ଦୂର କରିପାରିବେ ।



**ରାତିରେ ଧ୍ୟାନ କରିବାର ଉପକାର :** ***ଭଲ ନିଦ:*** ଯଦି ଆପଣ ରାତିରେ ଶୀଘ୍ର ଶୋଇପାରୁ ନାହାନ୍ତି ଏବଂ ଶୋଇବା ପରିବର୍ତ୍ତେ ଆପଣ ମୋବାଇଲରେ ସ୍କ୍ରୋଲ୍ କରନ୍ତି, ତେବେ ରାତିରେ ଶୋଇବା ପୂର୍ବରୁ ଧ୍ୟାନ କରିବା ଲାଭଦାୟକ ହୋଇଥାଏ । ଶୋଇବା ପୂର୍ବରୁ ଧ୍ୟାନ କରିବା ଆପଣଙ୍କୁ ଆରାମ କରିବାରେ ସାହାଯ୍ୟ କରିଥାଏ । ଧ୍ୟାନର ନିୟମିତ ଅଭ୍ୟାସ ଷ୍ଟ୍ରେସରୁ ମୁକ୍ତି ଦେଇଥାଏ ଏବଂ ନିଦ ଭଲ ହୋଇଥାଏ । ***ଷ୍ଟ୍ରେସ ଦୂର କରେ :*** ଯେଉଁମାନେ ବହୁତ ଷ୍ଟ୍ରେସ ନିଅନ୍ତି ସେମାନେ ନିୟମିତ ଧ୍ୟାନ କରିବା ଉଚିତ । ବାସ୍ତବରେ, ଯେତେବେଳେ ଆପଣ ଷ୍ଟ୍ରେସ ଅନୁଭବ କରୁଛନ୍ତି, ସେତବେଳେ ଧ୍ୟାନ କରିବା ଉଚିତ । ***ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ :*** ଧ୍ୟାନ ମସ୍ତିଷ୍କକୁ ଭଲ ରଖିଥାଏ । ରକ୍ତ ପ୍ରବାହକୁ ବଢାଇଥାଏ । କ୍ରମାଗତ ଆଠ ସପ୍ତାହ ଧ୍ୟାନ କରିବା ଦ୍ୱାରା ମସ୍ତିଷ୍କରେ ପରିବର୍ତ୍ତନ ହୋଇପାରେ । ତେଣୁ, ଯଦି ସକାଳେ ଧ୍ୟାନ କରିବାକୁ ସକ୍ଷମ ନୁହଁନ୍ତି ତେବେ କେବଳ ରାତିରେ ଏହା କରନ୍ତୁ । ***ଡିପ୍ରେସନ କମ୍ କରେ :*** ଧ୍ୟାନ ଡିପ୍ରେସନକୁ କମ କରିବାରେ ସାହାଯ୍ୟ କରିଥାଏ । ନକାରାତ୍ମକ ଚିନ୍ତାଧାରାକୁ କମ କରିଥାଏ। ଅବସାଦ,ଚାପକୁ କମ୍ କରିଥାଏ । ରାତିରେ ନିଦ ସମସ୍ୟାର ସମ୍ମୁଖୀନ ହେଲେ, ସେମାନେ ରାତିରେ ଧ୍ୟାନ କରିପାରିବେ।

# ସୁସ୍ଥ ରହିବା ପାଇଁ ୧୦ଟି ଟିପ୍ସ

ଆଜିକାଲି ସୁସ୍ଥ ରହିବା ପାଇଁ ଲୋକମାନେ ଅନେକ ପ୍ରକାର ଚେଷ୍ଟା କରୁଛନ୍ତି । ସନ୍ତୁଳିତ ଭୋଜନ ଗ୍ରହଣ କରି ଶରୀରକୁ ସୁସ୍ଥ ରଖାଯାଇପାରିବ । କିଛି ସହଜ ଓ ସରଳ ଉପାୟ ଅବଲମ୍ବନ କରି ଦୈନନ୍ଦିନ କାର୍ଯ୍ୟ ଭିତରେ ସୁସ୍ଥତା ଲାଭ କରିହେବ । ଖାଦ୍ୟକୁ ଭଲ ଭାବେ ଚୋବାଇ ଖାଆନ୍ତୁ । ଏହାଦ୍ୱାରା ପାଚନକ୍ରିୟା ଠିକ୍ ହୋଇଥାଏ ଏବଂ ଶରୀର ସୁସ୍ଥ ରହେ । ଦ୍ୱିପ୍ରହର ଓ ରାତ୍ରି ସମୟରେ ଭୋଜନ କରିବା ପୂର୍ବରୁ ସାଲାଡ୍ ନିଶ୍ଚୟ ଖାଆନ୍ତୁ । ଅଟାରେ ଅଳ୍ପ ଚୋକଡ଼ ରଖି, ସେଥିରେ ରୁଟି ପ୍ରସ୍ତୁତ କରନ୍ତୁ । ରାତିରେ କମ୍ ପରିମାଣରେ ଖାଦ୍ୟ ଖାଆନ୍ତୁ । ଖାଦ୍ୟରେ ଲୁଣର ବ୍ୟବହାର କମ୍ କରନ୍ତୁ । ପନିପରିବାର ଚୋପାକୁ ସମ୍ପୂର୍ଣ୍ଣ ଛଡ଼ାନ୍ତୁ ନାହିଁ । ଫାଷ୍ଟଫୁଡ୍‌ରୁ ଦୂରେଇ ରହନ୍ତୁ । ସବୁଜ, ହଳଦିଆ, ଲାଲ୍ ରଙ୍ଗର ଫଳ ଓ ପନିପରିବା ଅଧିକ ଖାଆନ୍ତୁ । ଅଧିକ ଦିନ ଖାଦ୍ୟକୁ ଫ୍ରିଜ୍‌ରେ ରଖି ଖାଆନ୍ତୁ ନାହିଁ । ସକାଳେ ଓ ସନ୍ଧ୍ୟାରେ କିଛି ସମୟ ଭ୍ରମଣ ପାଇଁ ଯାଆନ୍ତୁ ଓ ନିୟମିତ ବ୍ୟାୟାମ ନିଶ୍ଚୟ କରନ୍ତୁ ।

## ● ଅଭିନ୍ନ ଭାବ ସୃଷ୍ଟି କରେ

# ପ୍ରକୃତ ପୂଜା

ଏ ସଂସାର ଭଗବାନଙ୍କର । ସମଗ୍ର ସଂସାର ଭଗବାନଙ୍କ ମୂର୍ତ୍ତି ବା ଶ୍ରୀବିଗ୍ରହ । ସେ ସର୍ବତ୍ର ପରିବ୍ୟାପ୍ତ । ସବୁଆଡେ ସେ ହିଁ । ବାସୁଦେବ ସର୍ବତ୍ର । ସେହି ବାସୁଦେବ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କୁ ଯେପରି ନାମରେ ଭକ୍ତ ଡାକୁ ସେ ଶୁଣନ୍ତି କାନପାରି । ଶ୍ରୀବିଗ୍ରହ ନିର୍ଜୀବ ନୁହନ୍ତି, ସଜୀବ । ଏପରି ଭାବ ହିଁ ତାଙ୍କ ପ୍ରତି ଶ୍ରଦ୍ଧା ଜାଗ୍ରତ କରେ । ଆମେ ମୂର୍ତ୍ତି ରୂପରେ ଭଗବାନଙ୍କୁ ପୂଜା କରି ଫୁଲ ପିନ୍ଧାଇଲେ , ଚନ୍ଦନ ଲଗାଇ ଦେଲେ ଆମ ଶ୍ରଦ୍ଧାଭାବ ଯଦି ତାଙ୍କ ମୂର୍ତ୍ତି ପ୍ରତି ଅର୍ପିତ ନ ହୋଇ ପାରିଲା କି ଲାଭ ? ଯେପରି ଭଗବାନଙ୍କ ପ୍ରତି ସବୁକିଛି ଅର୍ପିତ ହୁଏ ସେଥିପ୍ରତି ସଚେତ ରହିବା ଆବଶ୍ୟକ । ସେହିପରି ଆମେ ଆମର ପ୍ରତ୍ୟେକ କ୍ରିୟା ଦ୍ୱାରା ସଂସାରରେ ଭଗବାନଙ୍କୁ ପୂଜା କରିବା ଉଚିତ । ଶ୍ରୋତା , ଶ୍ରବଣ ଦ୍ୱାରା ବକ୍ତାକୁ ପୂଜା କରନ୍ତୁ ବା ଶ୍ରଦ୍ଧା ପ୍ରଦର୍ଶନ କରନ୍ତୁ । ତେବେ ଏହା ସତ୍‌ସଙ୍ଗର ବିଷୟ ହେବା ଦରକାର । ବକ୍ତା ତାଙ୍କର ବକ୍ତବ୍ୟ ଦ୍ୱାରା ଶ୍ରୋତାଙ୍କୁ ପୂଜା କରନ୍ତୁ । ଏହିପରି ସମସ୍ତେ ନିଜ ନିଜର କର୍ମ ଦ୍ୱାରା ପରସ୍ପରକୁ ପୂଜା କରନ୍ତୁ । ଏହା ନିରନ୍ତର ଚାଲି ରହୁ । ବ୍ରାହ୍ମଣ,କ୍ଷତ୍ରିୟ ଆଦି ଆଡକୁ ଦୃଷ୍ଟି ନ ରହି କେବଳ ଭଗବାନଙ୍କ ଆଡକୁ ଦୃଷ୍ଟି ରହିବା ବିଧେୟ । ଭଗବାନ ଶ୍ରୀରାମଙ୍କୁ ମୁନିରଷିମାନେ ଭଗବଦ୍ ସତ୍ତା ଭାବରେ ପ୍ରଣାମ କରନ୍ତି । କ୍ଷତ୍ରିୟ ଭାବରେ ନୁହେଁ,ସବୁ କିଛି ଭଗବାନଙ୍କର ଓ ଭଗବାନଙ୍କ ପାଇଁ -ଏହି ଭାବ ହିଁ ପୂଜନର ମୁଖ୍ୟ ଆଧାର । ବାସ୍ତବରେ ସବୁ କ୍ରିୟା ଭଗବାନଙ୍କର ହିଁ ପୂଜା । କେବଳ ସେ କରାଉଛନ୍ତି ଏହି ଜ୍ଞାନ ରଖି ବିନା ଅହଂରେ କାର୍ଯ୍ୟ ସମର୍ପିତ କରିବା ଦରକାର । ଆମେ କେବଳ ଆମର ତ୍ରୁଟି ସଂଶୋଧନ କରିଲେ ହେଲା । ପତ୍ର, ପୁଷ୍ପ, ଫଳ ସବୁ ଭଗବାନଙ୍କର ବସ୍ତୁ । କେବଳ ଶ୍ରଦ୍ଧା ଭାବରେ ଭଗବାନଙ୍କୁ ଅର୍ପଣ କଲେ ଆମର ସ୍ୱାର୍ଥବୁଦ୍ଧି, ଭୋଗବୁଦ୍ଧି ଓ ଫଳେଚ୍ଛା ନଷ୍ଟ ହୋଇଯିବ । ନିଜର ସାମର୍ଥ୍ୟକୁ ଭଗବାନଙ୍କର ମନେ କଲେ କର୍ତ୍ତୃତ୍ୱ ମଧ୍ୟ ନଷ୍ଟ ହୋଇଯିବ ଏବଂ ଭଗବତ୍ ପ୍ରାପ୍ତିର ଅନୁଭବ ହେବ । ପ୍ରକୃତ ପୂଜା ଅଭିନ୍ନ ଭାବ ସୃଷ୍ଟି କରେ । ସେତେବେଳେ ବ୍ୟକ୍ତିସତ୍ତା ବିଲୟ ଘଟେ । ଏଥି ପ୍ରତି ସର୍ବଦା ସଚେତ ରହିବାକୁ ହେବ ।



# ପ୍ରଭୁ ଶ୍ରୀରାମଙ୍କ

## ଚମତ୍କାରୀ ମନ୍ତ୍ର

❝

ଶ୍ରୀ ରାମଚନ୍ଦ୍ର ଜୀ ଶ୍ରୀହରି ବିଷ୍ଣୁଙ୍କ ଅବତାର ବୋଲି ବିବେଚନା କରାଯାଏ । ପ୍ରଭୁ ରାମ ତାଙ୍କର ଉତ୍କୃଷ୍ଟ ଚରିତ୍ର ପାଇଁ ଜଣାଶୁଣା, ତେଣୁ ତାଙ୍କୁ ରାମାୟଣ ଏବଂ ରାମଚରିତମାନସରେ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ବର୍ଣ୍ଣନା କରାଯାଇଛି । କଥାରେ ଅଛି, 'ରାମଙ୍କ ନାମ ରାମ ଠାରୁ ବଡ' । ବିଶ୍ୱାସ ଅନୁଯାୟୀ, ଯିଏ ପ୍ରତିଦିନ ପ୍ରଭୁ ରାମଙ୍କ ନାମ ନେଇଥାଏ, ସେ ତାଙ୍କ ଜୀବନର ସମସ୍ତ ଅସୁବିଧାରୁ ମୁକ୍ତି ପାଇଥାଏ । ଯେଉଁ ଘରେ ରାମ ଦାରବାର ପୂଜା ସମୟରେ ପ୍ରତିଦିନ କିଛି ମନ୍ତ୍ର ଜପ କରାଯାଏ, ସେଠାରେ ପ୍ରଭୁ ରାମଙ୍କ ଆଶୀର୍ବାଦ ସର୍ବଦା ରହିଥାଏ । ଭଗବାନ ରାମଙ୍କ ଆଶୀର୍ବାଦ ପାଇବା ପାଇଁ ଆସନ୍ତୁ ଜାଣିବା । ଶ୍ରୀ ରାମ ଧ୍ୟାନ ମନ୍ତ୍ର ଯେଉଁ ବ୍ୟକ୍ତି ପ୍ରତିଦିନ ଏହି ମନ୍ତ୍ରକୁ ଜପ କରନ୍ତି ତାଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।

ସମସ୍ୟାରୁ ମୁକ୍ତି ପାଇଁ ମନ୍ତ୍ର:

ଲୋକାଭିରାମ ରଣରଙ୍ଗଧୀରମ
ରାଜୀବନେତ୍ରମ
ରଘୁବଂଶନାଥମ୍ ।
କାରୁଣ୍ୟରୂପମ
କରୁଣାକରମ ତଂ
ଶ୍ରୀରାମଚନ୍ଦ୍ରମ ଶରଣମ
ପ୍ରପଦୟେ।।
ଆପଦାମପହର୍ତାରମ
ଦାତାରମ ସର୍ବସମ୍ପଦାମ୍ ।
ଲୋକାଭିରାମ ଶ୍ରୀ ରାମ
ଭୂୟୋ ଭୂୟୋ
ନମାମ୍ୟହମ୍ ।।

ଯଦି ଆପଣ ପ୍ରତିଦିନ ପ୍ରଭୁ ରାମଙ୍କର ଏହି ମନ୍ତ୍ର ଜପ କରନ୍ତି, ତେବେ ଆପଣଙ୍କ ଜୀବନର ସବୁଠୁ ବଡ ସମସ୍ୟା ମଧ୍ୟ ଏଡ଼ାଇ ଦିଆଯାଏ । ଏହା ସହିତ, ଏହା ଜୀବନର ଅସୁବିଧାକୁ ମଧ୍ୟ ନଷ୍ଟ କରିଥାଏ ।

# କାମନାବାସନା ଶୂନ୍ୟ ହେବା ଉଚିତ

❝

**ଗୀତାରେ ଅର୍ଜ୍ଜୁନଙ୍କୁ କିଛି ଉପଦେଶ ଦିଆଯାଇଛି । କିନ୍ତୁ ପ୍ରତ୍ୟେକ ମନୁଷ୍ୟକୁ ସେ ନିଜ ଭିତରେ କିପରି ଭଗବାନଙ୍କୁ ପାଇବ ନିଜ ଗୀତା ତାକୁ ନିଜକୁ ଲେଖିବାକୁ ପଡ଼ିବ । ପର୍ବପର୍ବାଣି ପାଳନ କଲେ ଜଣେ ଧାର୍ମିକ ହୋଇଯାଏ ନାହିଁ । ବିଦ୍‌ବତ୍ତା ଦ୍ୱାରା ସମାଜରେ ସମ୍ମାନ ପାଇହୁଏ ଧାର୍ମିକ ଗୁରୁ ଭାବେ ଧର୍ମ ଅନୁଷ୍ଠାନରେ ଜଣେ ସ୍ଥାପିତ କରିପାରେ ,ଏସବୁ ନିର୍ବାଚନରେ ଜିତି ମନ୍ତ୍ରୀ ପଦ ପାଇବା ପରି ।**

ଥରେ ଗୋଟିଏ ବୁଢ଼ୀଟିଏ ଥିଲା ସେ ବିଜୁଳିବତି ତଳେ କଣ ଗୋଟିଏ ଖୋଜୁଥିଲା । ନନ୍ଦଗୋପାଳ ବୋଲି ଏକ ପିଲା ପଚାରିଲା- ଆଇ କଣ ଖୋଜୁଛୁ । ବୁଢ଼ୀଟିଏ କହିଲା 'ବାପାରେ ମୋ କାନଫୁଲଟି କେଉଁଠି ହଜିଯାଇଛି ।' ପିଲାଟି କହିଲା କେଉଁଠାରେ ପକାଇଲ ବୋଲି ଜାଣିଲ । ବୁଢ଼ୀ କହିଲା ରୋଷେଇ କଲାବେଳେ ରୋଷେଇ ଘରେ ପଡ଼ିଗଲା । ପିଲାଟି କହିଲା- ତେବେ ଏଠି କାହିଁକି ଖୋଜୁଛ ? ବୁଢ଼ୀଟି କହିଲା 'ଆରେ ପୁଅ ରୋଷେଇ ଘରେ ଆଲୁଅ ନାହିଁ ଖୋଜିବି କେଉଁଠୁ ?' କେତେକ ଲୋକ ଅଛନ୍ତି ସେମାନେ ଭାବନ୍ତି ପୃଥିବୀର ଅଣୁ ପରମାଣୁରେ ଭଗବାନ ବିଦ୍ୟମାନ । ସେମାନେ ଏହା ମଧ୍ୟ ଶୁଣିଛନ୍ତି ବ୍ରହ୍ମସ୍ଥ ଜଗତ ମିଥ୍ୟା । ବ୍ରହ୍ମ ମଣିଷ ଭିତରେ ବିଦ୍ୟମାନ । ଏକଥା ଭୁଲି ଯାଇ ନିଜର ମୁଣ୍ଡଟିକୁ ଗୋଟିଏ ସ୍ଥାନରେ ବିକ୍ରୀ ହେଉଥିବା ବ୍ୟବସାୟିକ କେନ୍ଦ୍ର ମଲ୍‌ରେ ଭଗବାନଙ୍କୁ ଖୋଜନ୍ତି । ଆଉ ଦଳେ ଲୋକ ଅଛନ୍ତି ଗୀତା, କୋରାନ, ବାଇବେଲ ଭଗବତ ପ୍ରଭୃତି ଯଦି ଗୁଡ଼ାଏ ଜ୍ଞାନ ଆହରଣ କରିଛନ୍ତି ତୁମେ ଏସବୁ ପଢ଼ି ଭଲ ପ୍ରବଚକ ହୋଇପାର । ମାତ୍ର ଏଥି ସହିତ ଧର୍ମର କୌଣସି ସମ୍ପର୍କ ନାହିଁ । ପୁସ୍ତକରେ, ଧର୍ମ ଓ ଧାର୍ମିକ ମନୁଷ୍ୟ ବିଷୟରେ ଲେଖାଯାଇଛି । ଗୀତାରେ ଅର୍ଜ୍ଜୁନଙ୍କୁ କିଛି ଉପଦେଶ ଦିଆଯାଇଛି । କିନ୍ତୁ ପ୍ରତ୍ୟେକ ମନୁଷ୍ୟକୁ ସେ ନିଜ ଭିତରେ କିପରି ଭଗବାନଙ୍କୁ ପାଇବ ନିଜ ଗୀତା ତାକୁ ନିଜକୁ ଲେଖିବାକୁ ପଡ଼ିବ । ପର୍ବପର୍ବାଣି ପାଳନ କଲେ ଜଣେ ଧାର୍ମିକ ହୋଇଯାଏ ନାହିଁ । ବିଦ୍‌ବତ୍ତା ଦ୍ୱାରା ସମାଜରେ ସମ୍ମାନ ପାଇହୁଏ ଧାର୍ମିକ ଗୁରୁ ଭାବେ ଧର୍ମ ଅନୁଷ୍ଠାନରେ ଜଣେ ସ୍ଥାପିତ କରିପାରେ,ଏସବୁ ନିର୍ବାଚନରେ ଜିତି ମନ୍ତ୍ରୀ ପଦ ପାଇବା ପରି । ତେଣୁ ଆମେ କାମନାବାସନା ଶୂନ୍ୟ ହେବା ଉଚିତ ଓ ଭିତରେ ଥିବା ବ୍ରହ୍ମ ବା ଭଗବାନଙ୍କୁ ଚିହ୍ନିବାକୁ ଚେଷ୍ଟା କରିବା ଉଚିତ ।



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ

ନୟାଗଡ଼,(ନିପ୍ର): ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ନିକଟରେ ବିଜେଡିରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେବାପରେ



ବିଜେପିରେ ଯୋଗ ଦେଇଛନ୍ତି । ବି ଜେ ପିରେ ଯୋଗଦାନ ପରେ ନୟାଗଡ଼ ବ୍ଲକ୍‌ର ବିକାଶ ନିମନ୍ତେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି । ବ୍ଲକ ଅଧ୍ୟକ୍ଷଙ୍କ ସହ ପୂର୍ବତନ କନ୍ଧମାଳ ସାଂସଦ ତଥା ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମଧ୍ୟ ଉପସ୍ଥିତ ଥିଲେ । ଅଞ୍ଚଳର ବିକାଶ, ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ନୟାଗଡ଼ର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡିଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନୟାଗଡ଼ ବ୍ଲକ୍‌କୁ କିପରି ଆଗେଇ ନେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା

## ଖୋର୍ଦ୍ଧାରୋଡ ଷ୍ଟେସନ ଇନଚାର୍ଜଙ୍କୁ ସମ୍ବର୍ଦ୍ଧନା

ଜଟଣୀ,(ନିପ୍ର): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ଷ୍ଟେସନ ଇନଚାର୍ଜ ଭାବେ ଯୋଗ ଦେଇଛନ୍ତି ଏଲ ଡ଼ି ମହାନ୍ତି । ଏହି ଅବସରରେ ଶ୍ରମିକ କଂଗ୍ରେସ



ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ ଷ୍ଟେସନରେ ପହଞ୍ଚି ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ । କର୍ମଚାରୀଙ୍କ ପ୍ରତି ବିନା ଭେଦବାଦରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନର ଷ୍ଟେସନ ଇନଚାର୍ଜ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟ ସହକର୍ମୀ ମାନେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଶ୍ରୀ ମହାନ୍ତି ଜଣେ ବରିଷ୍ଠ ଟାଣୁଆ ଶ୍ରମିକ କଂଗ୍ରେସ ନେତା ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ,ଏମ ଜି କେ ରାଓ , ସଭାପତି ମୁସ୍ତାକ ଅଲ୍ଲୀ, ତ୍ରିଲୋଚନ ମହାନ୍ତି, ସୁନୀଲ ପରିଡାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ଆଇଆରପିଏମ ବିଭାଗ ପକ୍ଷରୁ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ପିପୁଲ୍ସ କଲେଜର ଆଇଆରପିଏମ୍ ବିଭାଗର ଯୁକ୍ତ ତିନିର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ତୃତୀୟ ତଥା ଶେଷ ବର୍ଷର ଛାତ୍ରଛାତ୍ରୀ ବୃନ୍ଦଙ୍କୁ କଲେଜ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ କଲେଜର ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଆଇକିୟୁଏସି ସଂଯୋଜକ ସୁଶାନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ । ଆଇଆରପିଏମ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ସୋନାଲି ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ସେମାନଙ୍କ ତିନି ବର୍ଷର ଅଭିଜ୍ଞତା ପ୍ରକାଶ କରିଥିଲେ ।

## ୩୩ବର୍ଷ ପରେ ବନ୍ଧୁମିଳନ

ମାର୍ଶାଘାଇ,(ନି.ପ୍ର): ବ୍ଲକ ଅନ୍ତର୍ଗତ ଗୋଜବାୟାଣୀ ପୀଠରେ ଦଶିପୁର ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୧୯୯୩ ମସିହା ମାଟ୍ରିକ ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ମିଳିତ ସହଭାଗିତାରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ ଉତ୍ସବରେ ଶିକ୍ଷାଦାନ କରିଥିବା ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ ସ୍ୱାଇଁ, ସହକାରୀ ଶିକ୍ଷକ ଗଗନ ବିହାରୀ ବେଉରା, ମନୋଜ ଜେନା,ଶରତ ଆଚାର୍ଯ୍ୟ, ଅକ୍ଷୟ



ରାଉତ, କ୍ଷୀରୋଦ ରାଉଳ, ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଗହଣରେ ସେଦିନର ଅତିଥିକୁ ଉଜ୍ଜୀବିତ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ

### ଶୁଖି ଝଡିଲା ମାଖନ ଓ ତରଭୁଜ କସି

ରେଢ଼ାଖୋଲ,(ନିପ୍ର): ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରି ସହାୟତାର ହାତ ବଢାଇଛି । ଚାଷୀଙ୍କୁ ଉନ୍ନତ ରକମର ବିହନ, ସାର ଓ ନୂଆ ପଦ୍ଧତିରେ ଚାଷ କରିବା ପାଇଁ ପ୍ରେରଣା ଦେଇ କୃଷି ପ୍ରତି ଆଗ୍ରହୀ ସୃଷ୍ଟି କରିଛି । କିନ୍ତୁ କେଉଁଠି ନା କେଉଁଠି ଏସବୁ ଯୋଜନା ଚାଷୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବାରୁ ନିରାଶ ହୋଇପଡିଥିବା ଅଭିଯୋଗ ମଧ୍ୟ ଆସିଛି ।



ଏଭଳି କେତେକ ଚାଷୀ ଅଛନ୍ତି ଯେଉଁମାନେ ନିଜସ୍ୱ ପ୍ରଚେଷ୍ଟାରେ ଉନ୍ନତ ଚାଷ କାମକରି ନିଜେ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା କରୁଛନ୍ତି । ଏଭଳି ଜଣେ ଚାଷୀ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଡଇଁଚା ପଞ୍ଚାୟତ ରୁକୁଣୀପୁର ଗାଁର ଶଙ୍କର ସାହୁ (୩୮) । ସେ ଛୋଟ ସମୟରୁ ଚାଷ କାମ ପ୍ରତି ଆଗ୍ରହୀ ହୋଇ ବିଭିନ୍ନ ଚାଷ କରି ନିଜ ପରିବାର ପ୍ରତିପୋଷଣ ସହ କିଛି ଆୟ କରି ଲାଭବାନ ହୋଇଥାନ୍ତି । ହେଲେ ଚଳିତ ବର୍ଷ ସେ ତାଙ୍କ ଜମିରେ ୧୦୦୦ ମାଖନ ଓ ୧୦୦୦ ତରଭୁଜ ଚାଷ କରିଥିଲେ ହେଲେ ଦଇବ ସାଜିଲା ଦାଉ । ଚାଷୀଙ୍କ କହିବାନୁଯାୟୀ ସେ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ତରଭୁଜ ଓ ମାଖନ ଚାଷରେ ଭାବି ଥିଲେ ଚଳିତ ବର୍ଷ ଭଲ ଚାଷ ହେବା ସହ ସେ ୨ରୁ ୩ ଲକ୍ଷ ଟଙ୍କା ଉପାର୍ଜନ କରିବେ । ହେଲେ ସବୁ କ୍ଷତି ସହିବାକୁ ପଡ଼ିଲା ।

ଚଳିତ ବର୍ଷ ଅତ୍ୟଧିକ ଖରା ତଥା ଗ୍ରୀଷ୍ମ ପ୍ରବାହ ଯୋଗୁଁ ବର୍ଷା ନ ହେବାରୁ ସବୁ ଚାଷ କ୍ଷତି ହୋଇଗଲା । ମାଖନ ଓ ତରଭୁଜ ପାଣି ଅଭାବରୁ ଶୁଖିଗଲା । ଫଳରେ ଲଗା ହୋଇଥିବା ଗଛ ଓ ଫଳ ମଧ୍ୟ ଶୁଖିଗଲା । ଯାହା ଅମଳ ହେବା ଭରଷା ଥିଲା, ତାହା ପାଇପାରିଲେ ନାହିଁ ଚାଷୀ । ଏନେଇ ବହୁବାର କୃଷି ବାଭାଗକୁ ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନଥିଲା ବୋଲି ଚାଷୀ କହିଛନ୍ତି ।

## ରାୟଗଡ଼: ଶିଶୁ ଶ୍ରମ ନିରାକରଣ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ରାୟଗଡ଼,(ନିପ୍ର): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଶ୍ରମ ଓ ଇ.ଏସ.ଆଇ ବିଭାଗର ମିଳିତ ସହଯୋଗରେ ରାୟଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । "ପ୍ରତ୍ୟେକ ଶିଶୁ ଶିଖୁ, ବଢୁ ଓ ସ୍ୱପ୍ନ ଦେଖୁ" ସ୍ଲୋଗାନକୁ ଆଧାର କରି ଆୟୋଜିତ ଏହି କର୍ମଶାଳାରେ ଶିଶୁ ଶ୍ରମ ନିରାକରଣ, ଶିଶୁ ଅଧିକାର ସୁରକ୍ଷା, ଶିକ୍ଷାର ଅଧିକାର ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରି ଶିଶୁ ସୁରକ୍ଷା କ୍ଷେତ୍ରରେ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ରାୟଗଡ଼ ପରି ଆଦିବାସୀ ବହୁଳ ଜିଲ୍ଲାରେ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ସାମଗ୍ରିକ ବିକାଶକୁ ପ୍ରଶାସନ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କହିଥିଲେ ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଓ.ଏସ.ସି.ପି.ସି.ଆର ଅଧ୍ୟକ୍ଷା ବବିତା ପାତ୍ର କହିଥିଲେ ଯେ ଶିଶୁ ଶ୍ରମ କେବଳ ଆଇନଗତ ଅପରାଧ ନୁହେଁ, ବରଂ ଏହା ଶିଶୁମାନଙ୍କ ଅଧିକାର ଓ ସ୍ୱପ୍ନ ପ୍ରତି ଏକ ଗୁରୁତର ଆଘାତ । ଯେଉଁ ସମାଜରେ ଶିଶୁମାନେ ନିର୍ଭୟରେ ଶିକ୍ଷା ଗ୍ରହଣ କରନ୍ତି । ନିଜ ପ୍ରତିଭାର ବିକାଶ କରନ୍ତି, ସେହି ସମାଜ ହିଁ ପ୍ରକୃତ ଅର୍ଥରେ ଏକ ବିକଶିତ ଓ ମାନବିକ ସମାଜ । ଦାରିଦ୍ର୍ୟ, ଅଶିକ୍ଷା, ନିଶାସକ୍ତି, ଭିକ୍ଷାବୃତ୍ତି ଏବଂ




ଶିଶୁ ଚାଲାଣ ଭଳି କାରଣଗୁଡ଼ିକ ଶିଶୁ ଶ୍ରମ ବୃଦ୍ଧିରେ ସହାୟକ ହେଉଥିବା ବେଳେ ଏହାର ନିରାକରଣ ପାଇଁ ସମାଜର ସମସ୍ତ ସ୍ତରର ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ ।

କର୍ମଶାଳାରେ ରାୟଗଡ଼ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗଦେଇ କିଶୋର ନ୍ୟାୟ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଶିଶୁ ଅଧିକାର ସୁରକ୍ଷା କେବଳ ଏକ ବିଭାଗର ଦାୟିତ୍ୱ ନୁହେଁ, ବରଂ ସମଗ୍ର ସମାଜର ଏକ ସାମୂହିକ ଦାୟିତ୍ୱ । ଶିଶୁ କଳାକାର ଏବଂ ଶିଶୁ ଶ୍ରମ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ ସମ୍ପର୍କରେ ସେ ବିସ୍ତୃତ ଭାବେ ବୁଝାଇଥିଲେ । ଶିଶୁମାନେ ନିଜର ପ୍ରତିଭା, କଳା, ସଂସ୍କୃତି କିମ୍ବା କ୍ରୀଡ଼ା କ୍ଷେତ୍ରରେ ଅଂଶଗ୍ରହଣ କରିବା ତାଙ୍କର ସାମର୍ଥ୍ୟ ବିକାଶର ଅଂଶ, କିନ୍ତୁ ଯେକୌଣସି ପ୍ରକାରର ଶୋଷଣମୂଳକ କିମ୍ବା ବାଧ୍ୟତାମୂଳକ କାମ ଶିଶୁ ଶ୍ରମର ଅନ୍ତର୍ଗତ ବୋଲି ସେ ସ୍ପଷ୍ଟ କରିଥିଲେ । ଶିଶୁମାନଙ୍କ ପ୍ରତିଭାର ବିକାଶ ସହ ସେମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ ।

ଏହି ଅବସରରେ ନ୍ୟାସନାଲ ଚାଇଲ୍ଡ଼ ଲେବର ପ୍ରୋଜେକ୍ଟ (ଏନସିଏଲପି)ର ନୀତି, ରଣନୀତି ଓ କାର୍ଯ୍ୟାନ୍ୱୟନ, ଶିଶୁ ଶ୍ରମ ନିରାକରଣ ଦୃଷ୍ଟିକୋଣରୁ ଶିକ୍ଷାର ଅଧିକାର ଆଇନର ଭୂମିକା, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଏବଂ ଶ୍ରମ ବିଭାଗର ମିଳିତ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଶିଶୁ ଶ୍ରମିକଙ୍କ ଉଦ୍ଧାର, ରିପୋର୍ଟିଂ, ପୁନର୍ବାସ, ବିଭାଗୀୟ ସମନ୍ୱୟ ଓ କୌଶଳଗତ କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଶେଷକରି ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରି ସେ କହିଥିଲେ ଯେ ଶିଶୁ ଶ୍ରମିକ କିମ୍ବା ଉଦ୍ଧାର ହୋଇଥିବା ଶିଶୁଙ୍କ ସମ୍ବାଦ ପ୍ରସାରଣ ସମୟରେ ସେମାନଙ୍କ ପରିଚୟ ଗୋପନ ରଖିବା ଅତ୍ୟନ୍ତ ଜରୁରୀ । ଶିଶୁଙ୍କ ଫଟୋ, ଭିଡିଓ କିମ୍ବା ଖବର ପ୍ରକାଶ ବେଳେ ମୁହଁକୁ ବ୍ଲର କରିବା କିମ୍ବା ପରିଚୟ ସ୍ପଷ୍ଟ ହେଉଥିବା ତଥ୍ୟକୁ ଗୋପନ ରଖିବା ଆଇନଗତ ଓ ନୈତିକ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ ।

## ବ୍ରିଟିଶ ସମୟର ରେନ୍ ଗଜ୍‌ର ହେବ ସଂରକ୍ଷଣ

କଟକ(ନିପ୍ର): ଜିଲ୍ଲାରେ ବ୍ରିଟିଶ ଶାସନ ସମୟରୁ ବ୍ୟବହୃତ ହୋଇଆସୁଥିବା ଏକ ବିରଳ ଓ ଐତିହାସିକ ରେନ୍ ଗଜ୍ (ବର୍ଷା ମାପିବା ଯନ୍ତ୍ର)ର ସଂରକ୍ଷଣ ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଯାଉଛି । ପ୍ରାୟ ୧୪୦ ବର୍ଷରୁ ଅଧିକ ପୁରୁଣା ଏହି ଯନ୍ତ୍ରଟି କେବଳ ଏକ ବୈଜ୍ଞାନିକ ଉପକରଣ ନୁହେଁ, ବରଂ ଓଡ଼ିଶାର ପାଣିପାଗ ଇତିହାସ ଓ ବ୍ରିଟିଶ ଯୁଗର ପ୍ରଶାସନିକ ବ୍ୟବସ୍ଥାର ଏକ ନିରବ ସାକ୍ଷୀ ଭାବେ ପରିଗଣିତ ହେଉଛି । ବର୍ତ୍ତମାନ ଏହି ରେନ୍ ଗଜ୍‌ଟି କଟକ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ରହିଛି । ତେବେ ପୂର୍ବରୁ ଏହାକୁ ମଙ୍ଗଳାବାଗ ଅଞ୍ଚଳରେ ଥିବା ଟେଲିଗ୍ରାମ ଅଫିସ ପରିସରରେ ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ସ୍ଥାନାନ୍ତର କରାଯାଇ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ରଖାଯାଇଥିଲା । ଗତକାଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କଟକ ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ପୁରାତନ ଯନ୍ତ୍ରକୁ ପରିଦର୍ଶନ କରିଥିଲେ । ଯନ୍ତ୍ରଟିର ନିର୍ମାଣ ଶୈଳୀ, ଗଠନ ଓ ତଥ୍ୟ ଆଧାରରେ ଏହା ବ୍ରିଟିଶ ଅମଳର ବୋଲି ସେ ସୂଚନା ଦେଇଥିଲେ । ତାଙ୍କ ମତାନୁସାରେ, ଏହି ରେନ୍ ଗଜ୍ ଓଡ଼ିଶାର ପାଣିପାଗ ଅଧ୍ୟୟନ ଇତିହାସରେ ଏକ ମୂଲ୍ୟବାନ ସମ୍ପଦ ଭାବେ ଗଣ୍ୟ ହୋଇପାରେ । ସୂଚନା ଅନୁଯାୟୀ, ବ୍ରିଟିଶ ଶାସନ କାଳରେ ବନ୍ୟା, ଘୂର୍ଣ୍ଣିଝଡ଼ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବର୍ଷାର ପରିମାଣ ରେକର୍ଡ କରିବା ଏବଂ ଜଳ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏପରି ରେନ୍ ଗଜ୍ ସ୍ଥାପନ କରାଯାଉଥିଲା । ମହାନଦୀ ଅବବାହିକାରେ ଅବସ୍ଥିତ କଟକ ବନ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ବର୍ଷାର ସଠିକ ତଥ୍ୟ ସଂଗ୍ରହ ତତ୍କାଳୀନ ପ୍ରଶାସନ ପାଇଁ ଅତ୍ୟନ୍ତ ଜରୁରୀ ଥିଲା । ଏହି ରେନ୍ ଗଜ୍ ସେହି ଐତିହାସିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ(ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ପରାଶିଙ୍ଗା ଗ୍ରାମ ପଞ୍ଚାୟତ ସଭା ଗୃହ, ଏରେଇଁ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ, ଏଲ.ଏ.ଡ଼ିସ୍.ଏସ୍. ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ଦୀପ୍ତିରଞ୍ଜନ ସାହୁ, ଶ୍ରମ ଅଧିକାରୀ, ଭଦ୍ରକ, ଅନୁସୟା ସେଠୀ , ସରପଞ୍ଚ, ତଥା ୭୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ଏବଂ ମୌଳିକ କର୍ତ୍ତବ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ତଥା ଲୋକ ଅଦାଲତ ବିଷୟରେ, ମଧ୍ୟସ୍ଥତା ମାଧ୍ୟମରେ କିପରି ବିଚାରାଧିନ ଥିବା କେସ୍ ଗୁଡ଼ିକର ଅତି ସରଳ ଓ ସହଜରେ ସେମାନଙ୍କୁ ମିଳାମିଶା କରାଯାଇପାରେ ଏବଂ ଜିଲ୍ଲା ଆଇନ ସେବା ପ୍ରଧୀକରଣ ଜରିଆରେ ଗରିବ ତଥା ନିଷ୍ପେସିତ ଲୋକମାନେ ଶୀଘ୍ର ଏବଂ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଉପସ୍ଥିତ ଥିବା ଅତିଥିଗଣ ମତବ୍ୟକ୍ତ କରିଥିଲେ ।

## ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ବୈଠକ

ଯାଜପୁର,(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଏବଂ ତଦାରଖ (ଦିଶା) କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରତିନିଧି ଯୋଗ ଦେଇଥିଲେ ।

## 'ମୋ ଗାଁରେ ମୋ ତହସିଲ' : ଜମି ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ଭିଡ଼

ଧାମନଗର,(ନିପ୍ର): ଧାମନଗର ତହସିଲ ପକ୍ଷରୁ ନଦୀଗାଁ ରାଜସ୍ୱ ବିଭାଗ ଅଧୀନରେ ଜନସାଧାରଣଙ୍କ ସୁବିଧା ପାଇଁ ଆୟୋଜିତ ହୋଇଥିବା 'ମୋ ଗାଁରେ ମୋ ତହସିଲ' କ୍ୟାମ୍ପ କୋର୍ଟରେ ବୁଧବାର ସ୍ଥାନୀୟ ଭଟସାହି ସ୍ଥିତ ବିଦ୍ୟାଳୟରେ ଅଞ୍ଚଳବାସୀଙ୍କ ବହୁ ସମସ୍ୟାର ସମାଧାନ କରାଯାଇଛି । କାର୍ଯ୍ୟକ୍ରମରେ ଲୋକ ନିଜର ଜମିଜନିତ ସମସ୍ୟା ନେଇ ପହଞ୍ଚିଥିଲେ । ପ୍ରାୟ ୧୬୦ ଜଣ ଲୋକ ନିଜର ଅଭିଯୋଗ ନେଇ କ୍ୟାମ୍ପରେ ପହଞ୍ଚି ଥିବାବେଳେ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଖତିଆନ ପ୍ରଦାନ କରାଯାଇଛି । କ୍ୟାମ୍ପରେ ବିଶେଷ ଭାବେ ଜମି ଖାତା ସଂଶୋଧନ ଏବଂ ବନ୍ଦୋବସ୍ତ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ଗ୍ରହଣ କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ତହସିଲଦାର ସାଇ ସିଲୋନା ଓ ପଲି ଭାରତ ମହାଳିକ, ସୁପର ଭାଇଜର ଧର୍ମ ପଦ ସାହୁ ଏବଂ ଆର.ଆଇ.ବିକ୍ରମ ଦାସ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ । ଉଲ୍ଲେଖଯୋଗ୍ୟ ଯେ, 'ମୋ ଗାଁରେ ମୋ ତହସିଲ' ମାଧ୍ୟମରେ ଜମିର ମାନଚିତ୍ର ସଂଶୋଧନ, ଜମି ଚିହ୍ନଟ ପଞ୍ଜୀକରଣ, ବିବାଦୀୟ ଜମିର ସମାଧାନ, ଆପତ୍ତି ବିହୀନ ଖତିଆନ ପ୍ରଦାନ ଏବଂ ରାଜସ୍ୱ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମାଧାନ ପାଇଁ ଲୋକଙ୍କୁ ସୁବିଧା ଯୋଗାଇ ଦିଆଯାଉଛି । ଏଭଳି ପ୍ରୟାସ ଦ୍ୱାରା ତହସିଲ ଅଫିସ ନ ଦୌଡ଼ି ଲୋକେ ନିଜ ନିକଟସ୍ଥ ଅଞ୍ଚଳରେ ସମସ୍ୟାର ସମାଧାନ ପାଇ ପାରୁଛନ୍ତି ।

## ନିଆଳୀ: ମହିଳା ସଂରକ୍ଷଣ ଓ ନିର୍ଯାତନା ପ୍ରତିବାଦରେ ଆନ୍ଦୋଳନ

ନିଆଳି,(ନିପ୍ର): ନିଆଳୀରେ ବିଜେଡ଼ି ସଂଗଠନ ପକ୍ଷରୁ ନାରୀ ଅଧିକାର ଅଭିଯାନ ପରିପ୍ରେକ୍ଷୀରେ ରାଜ୍ୟରେ ମହିଳାଙ୍କ ସୁରକ୍ଷା, ୩୩ ପ୍ରତିଶତ ମହିଳା ସଂରକ୍ଷଣ ଓ ବଢୁଥିବା ନାରୀ ନିର୍ଯାତନା ପ୍ରତିବାଦରେ ଏକ ବିଶାଳ ଆନ୍ଦୋଳନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବିଜେଡ଼ି ନେତା ତଥା ପୂର୍ବତନ ବିଧାୟକ ପ୍ରମୋଦ କୁମାର ମଲ୍ଲିକ୍‌ଙ୍କ ନେତୃତ୍ୱରେ ଶହ ଶହ ମହିଳା ସଂଗଠନ କର୍ମୀ ଆନ୍ଦୋଳନରେ




ସାମିଲ ହୋଇଥିଲେ । ପ୍ରଥମେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ବଜାର ଦେଇ ତହସିଲ୍ ଠାରେ ପଂହଚିଥିଲା । ସେଠାରେ ମହିଳା ନେତ୍ରୀ ତଥା କଂଟାପଡ଼ା ବ୍ଲକ୍ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଦେଶରେ ତୈଳ ଓ ଗ୍ୟାସର ସଂକଟ ଗଭୀର ରୂପ ନେଇଛି । ସବୁ କ୍ଷେତ୍ରରେ ବିଜେପି ସରକାର ବିଫଳ ହୋଇଛି କହି ବିଜେପି ସରକାରକୁ ସମାଲୋଚନା କରିଥିଲେ । ଆନ୍ଦୋଳନରେ କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହ, ରାଜ୍ୟ ସାଧାରଣ ସମ୍ପାଦିକା ତଥା ପୂର୍ବତନ ମହିଳା କମିଶନର ମିନତୀ ବେହେରା, ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ସୌଦାମିନୀ ମହାପାତ୍ର, ପୁଷ୍ପଲତା ପାତ୍ର, ପଦ୍ମିନୀ ପଣ୍ଡା ପ୍ରମୁଖ ମହିଳା ମାନଙ୍କ ନେତୃତ୍ୱ ନେଇଥିଲେ । ଏଥି ପ୍ରତି ଦୃଷ୍ଟି ଦିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

## ଜରୁରୀକାଳୀନ କ୍ରେଡିଟ ଲାଇନ ଗ୍ୟାରେଣ୍ଟି ଯୋଜନା ୫.୦ ଜନ ସଚେତନତା କାର୍ଯ୍ୟକ୍ରମ

କଟକ(ନିପ୍ର): ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଜରୁରୀକାଳୀନ ଜାତୀୟ କ୍ରେଡିଟ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ ଦ୍ୱାରା ପରିଚାଳିତ ଜରୁରୀକାଳୀନ କ୍ରେଡିଟ ଲାଇନ ଗ୍ୟାରେଣ୍ଟି ଯୋଜନା (ଇସିଏଲଜିଏସ୍) ୫.୦ ର ଜନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ପ୍ରମୋଦ ହୋଟେଲ ଠାରେ ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ଅଧିନସ୍ତ କ୍ଷେତ୍ର ଗୁଡ଼ିକ ପାଇଁ ରାଜ୍ୟସ୍ତରୀୟ ବ୍ୟାଙ୍କର ସମିତି ପକ୍ଷରୁ କଟକ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ସହାୟତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ସହ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଏହି ଯୋଜନା ରାଜ୍ୟର ସୂକ୍ଷ୍ମ, କ୍ଷୁଦ୍ର,ମଧ୍ୟମ ଉଦ୍ୟୋଗ ଗୁଡ଼ିକ(ଏମଏସଏମଇ ୟୁନିଟ୍) ପାଇଁ ସ୍ୱଳ୍ପକାଳୀନ ଆର୍ଥିକ ଆହ୍ୱାନ ଦୂର କରିବା, ନିଯୁକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶିଳ୍ପ କାର୍ଯ୍ୟକଳାପରେ ନିରନ୍ତରତା ବଜାୟ ରଖିବାରେ ସହାୟକ ହେବ । ପଶ୍ଚିମ ଏସିଆ ସଙ୍କଟରୁ ଉପୁଜିଥିବା ସାମୟିକ ଆର୍ଥିକ ଅସନ୍ତୁଳନକୁ ଦୂର କରିବା ପାଇଁ ଯୋଗ୍ୟ ଋଣଗ୍ରହୀତାଙ୍କ ପାଇଁ ଋଣ ଗ୍ୟାରେଣ୍ଟି ନିମନ୍ତେ ଲକ୍ଷ୍ୟ ପଦକ୍ଷେପ ଭାବେ ଏହି ଯୋଜନା ଆରମ୍ଭ କରାଯାଇଛି । ଏହାଦ୍ୱାରା ବିମାନ କ୍ଷେତ୍ରର ସଂସ୍ଥାଗୁଡ଼ିକ ସମେତ ଅଣଏମଏସଏମଇ ପାଇଁ ୯୦% ଏବଂ ଏମଏସଏମଇ ସଂସ୍ଥାଗୁଡ଼ିକ ପାଇଁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରୋତ୍ସାହନ ଦିଆଯାଇପାରିବ । ଏହି ଯୋଜନା ଜରିଆରେ ଚଳନ୍ତି ପୁଞ୍ଜିର ବୃଦ୍ଧି ସହିତ, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ ବର୍ତ୍ତମାନର ଆର୍ଥିକ ଆହ୍ୱାନ, ବର୍ଦ୍ଧିତ ଖର୍ଚ୍ଚ ଏବଂ ବଜାର ଅନିଶ୍ଚିତତାକୁ ଦୂର କରିବାରେ ସହାୟତା ପାଇବେ । ଉତ୍ପାଦନ, ନିଯୁକ୍ତି ସୃଷ୍ଟି ଏବଂ ବ୍ୟବସାୟିକ କାର୍ଯ୍ୟକଳାପରେ ଦୀର୍ଘସ୍ଥାୟିତ୍ୱ ବଜାୟ ରଖିବାରେ ସାହାଯ୍ୟ କରିବ ଏବଂ ଓଡ଼ିଶାର ଶିଳ୍ପ ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ ।।

# କେନ୍ଦ୍ର ସରକାରଙ୍କ ୧୨ ବର୍ଷ ସଫଳତା ପ୍ରଚାର ପାଇଁ ଆଇଏମପିସିସି ବୈଠକ

ଭୁବନେଶ୍ୱର, ୩।୬(ପିଆଇବି): କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା 'ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି' (ଆଇଏମପିସିସି) – ଓଡ଼ିଶା ମଣ୍ଡଳର ମାସିକ ବୈଠକ ଆଜି ଭୁବନେଶ୍ୱରସ୍ଥିତ ଏନଏବିଏମ – ପ୍ରସାର ଭାରତୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ "ଏନଡିଏ ସରକାରଙ୍କ ୧୨ ବର୍ଷ: ସଫଳତା, ଉପଲବ୍ଧି ଓ ମାଇଲଖୁଣ୍ଟ" ଅଭିଯାନର ପ୍ରଚାର ଓ ଜନସମ୍ପର୍କ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା, ସରକାରୀ ବିଭାଗ ଏବଂ ଜନସମ୍ପର୍କ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଗତ ୧୨ ବର୍ଷ ମଧ୍ୟରେ ଭାରତ ସରକାରଙ୍କ ସଫଳତା ଏବଂ ପରିବର୍ତ୍ତନମୂଳକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅଭିଭାଷଣରେ ଶ୍ରୀ ମିଶ୍ର ପରସ୍ପର ବୁଝାମଣା, ସହଯୋଗ ଓ ସୁଶାସନକୁ ସୁଦୃଢ଼ କରିବାରେ ସଂଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଫ୍ରେଞ୍ଚ ଲେଖକ ଆଲବର୍ଟ କାମସଙ୍କ ୧୯୫୭ ମସିହାର କ୍ଷୁଦ୍ର ଗଳ୍ପ "ଦ ସାଇଲେଣ୍ଟ ମ୍ୟାନ୍"ର ଉଦାହରଣ ଦେଇ କହିଥିଲେ ଯେ ନୀରବତା ମଧ୍ୟ ଏକ ପ୍ରକାର ସଂଯୋଗ ହୋଇପାରେ, କିନ୍ତୁ ଏହାର ଯଥୋଚିତ ସମାଧାନ ନ ହେଲେ ସଂସ୍ଥା ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିପାରେ । ନିରନ୍ତର ସଂଳାପ ଓ ଜନସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ଅଧିକାରୀମାନଙ୍କୁ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କିତ ସୂଚନାକୁ ସକ୍ରିୟ ଭାବେ ପ୍ରସାର କରିବାକୁ ଆହ୍ୱାନ ଜଣାଇଥିଲେ । ନାଗରିକମାନଙ୍କ ନିକଟରେ ସୂଚନା ପହଞ୍ଚାଇବା ଓ ସୂଚନାଗତ ବ୍ୟବଧାନ ଦୂର କରିବା ପାଇଁ ବିଭିନ୍ନ ଯୋଗାଯୋଗ ସଂସ୍ଥା ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ ବୋଲି ସେ




କହିଥିଲେ । ବୈଠକରେ ସଦସ୍ୟମାନେ ନିଜ ନିଜ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିବା ସହିତ ଉତ୍ତମ ଅଭ୍ୟାସ, ସଫଳତା ଏବଂ ନବୀନ ପ୍ରଚାର ପ୍ରୟାସ ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ଉପ-ନିର୍ଦ୍ଦେଶକ ଡଃ ଅଭିଷେକ ମିଶ୍ର, ଏମଏସଏମଇର ସହକାରୀ ନିର୍ଦ୍ଦେଶକ ଜଗଦୀଶ ସାହୁ, ସିଫାର ବରିଷ୍ଠ ବୈଜ୍ଞାନିକ ଡଃ ଜେ.କେ.ସୁନ୍ଦରାୟ, ସ୍ୱାସ୍ଥ୍ୟ ବିଭାଗର ଡଃ ସୁଚିତ୍ରା, ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଯୋଗାଯୋଗ ପରିଚାଳକ ରତିକାନ୍ତ ନାୟକ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମାଇ ଭାରତର ଉପ-ନିର୍ଦ୍ଦେଶକ ଅଭିଷେକ ମଣ୍ଡଳ, ନାଲକୋ ଭୁବନେଶ୍ୱରର ଶୁଭେନ୍ଦୁ କୁମାର ନାୟକ, ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଯୁବ ଅଧିକାରୀ ଏ.ଏସ୍. କବିର, ଆକାଶବାଣୀ କଟକ ସମ୍ବାଦ ବିଭାଗର ଉପ ନିର୍ଦ୍ଦେଶକ ଡଃ ଏସ୍.ଏନ୍. ପଟ୍ଟନାୟକ ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱର ସସ୍ମିତା ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରେ ଆଇଏମପିସିସିର ସଦସ୍ୟ ସଚିବ ତଥା କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ରଖି ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ସମନ୍ୱିତ ପ୍ରଚାର ପ୍ରୟାସର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ସଦସ୍ୟମାନେ ପରବର୍ତ୍ତୀ ଆଇଏମପିସିସି ବୈଠକର ବିଷୟବସ୍ତୁ ଓ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଶେଷରେ ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଶ୍ରୀ ଏମ୍.ପି. ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ତିଥି :(ଚତୁର୍ଥୀ): (ପୂର୍ବାଷାଢ଼ା ଧନୁ)
ଅମୃତ ବେଳା: ଦିବା ଘ ୨।୪୬ ଗତେ ଘ ୫।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ପୃଥାନନ୍ଦନ ! ଯେତେବେଳେ ସାଧକ ମନୋଗତ ସମସ୍ତ କାମନାକୁ ପୂର୍ଣ୍ଣରୂପେ ତ୍ୟାଗ କରିଦିଏ ଏବଂ ନିଜ ଦ୍ୱାରା ନିଜ ଠାରେ ସନ୍ତୁଷ୍ଟ ରହେ, ସେତେବେଳେ ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ।

- ଶ୍ରୀମଦ୍ ଭଗବଦ୍ ଗୀତା

# ସନ୍ତୁଷ୍ଟି ଦେବା ପାଇଁ ବିବୃତି !

ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ବା ବାଲେନ ଆଶ୍ୱାସନା ଦେଇଛନ୍ତି ଯେ, ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନିର ସୀମା ବିବାଦକୁ କୂଟନୀତିକ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରାଯିବ। ଏପରି ଉତ୍ତର ସେ ଉପସ୍ଥାପନ କରିଛନ୍ତି ଯେବେ ଶ୍ରମ ସଂସ୍କୃତି ପାର୍ଟିର ସାଂସଦ ଆରେନ ରାୟଙ୍କୁ ସଂସଦରେ ପଚରା ଯାଇଥିବା ଏକ ପ୍ରଶ୍ନର ଜବାବରେ। ବାଲେନ କହିଥିଲେ ଯେ, ନେପାଳ ଏହି ସମ୍ବନ୍ଧରେ ଭାରତକୁ ପ୍ରଥମେ ହିଁ ଏକ ଅଫିସିଆଲି କୂଟନୀତିକ ନୋଟ୍ ପଠାଇ ସାରିଛି ଏବଂ ସେଠାରୁ ଜବାବ ମଧ୍ୟ ମିଳି ଯାଇଛି। ଭାରତ ଠାରୁ ମିଳି ଥିବା ଜବାବରେ କୁହାଯାଇଛି ଯେ, ଉଭୟ ସରକାର ଐତିହାସିକ , ସର୍ବେକ୍ଷକ ଓ କ୍ଷେତ୍ରର ସୂଚନାକାରୀଙ୍କୁ ସାମିଲ କରି ଟିମ୍ ଗଠନ କରିବେ ଏବଂ ଆଲୋଚନା ମାଧ୍ୟମରେ ଏହାର ସମାଧାନ ବାହାର କରିବେ।

ଉଲ୍ଲେଖ କରାଯାଇପାରେ ଯେ ଭାରତ ଓ ନେପାଳ ମଧ୍ୟରେ ଲିପୁଲେଖ, ଲିମ୍ପିୟାଧୁରା, କାଲାପାନି ଅଞ୍ଚଳକୁ ନେଇ ବିବାଦ ୧୮୧୬ମସିହାର ସୁଗୌଲି ଚୁକ୍ତି ଉପରେ ଆଧାରିତ। ନେପାଳର କହିବାନୁସାରେ ମହାକାଳୀ ନଦୀ (କଳାପାଣି)କୁ ସୀମା ରେଖା ମନେ କରାଯାଇଛି। ଏଣୁ ଲିପୁଲେଖ ଘାଟ, ଲିମ୍ପିଆଧୁରା ଏବଂ ଏବଂ କଳାପାଣି ଏହାର ଭୂ-ଭାଗରେ ଆସେ। ନେପାଳ ୨୦୨୦ ମସିହାରେ ଏକ ନୂତନ ରାଜନୈତିକ ମାନଚିତ୍ର ପ୍ରକାଶ କରି ଏହି ଅଞ୍ଚଳଗୁଡ଼ିକୁ ନିଜର ବୋଲି ଦାବି କରିଥିଲା। ବ୍ରିଟିଶ ଯୁଗର ପୁରୁଣା ମାନଚିତ୍ର ଏବଂ ନଦୀର ଉତ୍ପତ୍ତି ଉପରେ ଆଧାର କରି ନେପାଳ ଯୁକ୍ତି ବାଢ଼ିଛି ଯେ, ଏହି ଅଞ୍ଚଳଗୁଡ଼ିକ ନେପାଳର। କିନ୍ତୁ ବାସ୍ତବରେ ଅଞ୍ଚଳଗୁଡ଼ିକ ଭାରତର ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଅଂଶ। ଏନେଇ ଭାରତ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ୧୯୫୦ ଦଶକରୁ ଏଠାରେ ଏହାର ଏକ ସୀମା ପୋଷ୍ଟ ଅଛି ଏବଂ ଏହି ଅଞ୍ଚଳ ୧୯୬୨ ମସିହାରୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ। ଲିପୁଲେଖ ଘାଟ ତିବ୍ବତକୁ ଯିବା ପାଇଁ ଏକ ରଣନୈତିକ ରାସ୍ତା, ଯାହା ଉପରେ ଭାରତ ଏକ ରାସ୍ତା ନିର୍ମାଣ କରିସାରିଛି। ଏହି ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଅନେକ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ବି କୌଣସି ସ୍ଥାୟୀ ସମାଧାନ ସୂତ୍ର ମିଳିପାରିନାହିଁ।

ବାଲେନଙ୍କ ବିବୃତି ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଏଯାବତ୍ କୌଣସି ମନ୍ତବ୍ୟ ରଖାଯାଇନାହିଁ। ଯେଉଁ ବିବାଦ କଥା ଉଠାଯାଉଛି ତାହା ହେଉଛି ଉତ୍ତରାଖଣ୍ଡର ଅଂଶ। ଭାରତ ଯେ ନେପାଳର ଅଂଶ ଜବରଦଖଲ କରିଛି । ଏସଂପର୍କରେ ଦୃଷ୍ଟାନ୍ତ ହିଁ ନାହିଁ। ଯାହା ମନେ ହୁଏ ବାଲେନ ନିଜ ଦେଶବାସୀଙ୍କୁ ସନ୍ତୁଷ୍ଟି ଦେବା ପାଇଁ ଏପରି କହିଥାଇପାରନ୍ତି,ଯାହାର କୌଣସି ଭିତ୍ତିଭୂମି ହିଁ ନାହିଁ।

# ଉତ୍ସାହ ଓ ନୈରାଶ୍ୟଜନକ

### ସୌଭାଗ୍ୟ ରଂଜନ ମହାନ୍ତି

ନିକଟରେ ପ୍ରକାଶିତ ସାମ୍ପୁଲ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ୨୦୨୪ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଭୟ ଉତ୍ସାହ ଓ ନୈରାଶ୍ୟର ସନ୍ଦେଶ ଦିଏ। ଦେଶରେ ଜନ୍ମହାର ମୋଟ ଜୀବନ୍ତ ଜନ୍ମସଂଖ୍ୟା ୨୦୧୪ରେ ପ୍ରତି ୧୦୦୦ ଜନସଂଖ୍ୟାରେ ୨୧ଥିବା ବେଳେ ୨୦୨୪ରେ ୧୮.୩କୁ ହ୍ରାସ ପାଇଛି। ସେହିପରି ଶିଶୁ ମୃତ୍ୟୁ ହାର(ଆଇଏମଆର) ୨୦୧୪ ରୁ ୨୦୧୯ ମଧ୍ୟରେ ପ୍ରତି ୧୦୦୦ରେ ୩୯ ଥିବା ସମୟରେ ୨୦୨୪ରେ ୨୪ କୁ ହ୍ରାସ ପାଇଛି। ଏହା ନିଃସନ୍ଦେହ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଦଶନ୍ଧି ଦଶନ୍ଧି ଧରି ଆବଶ୍ୟକୀୟ ବିନିଯୋଗ ଏବଂ ଫଳପ୍ରଦ ଯୋଜନା ଯୋଗୁଁ ଏହି ଉପଲବ୍ଧି ହାସଲ ହୋଇଛି। ତେବେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ବ୍ୟାପକ ବ୍ୟବଧାନ ଜାତୀୟ ହାରାହାରି କ୍ଷେତ୍ରରେ ରିପୋର୍ଟରେ କିଛି କୁହାଯାଇନାହିଁ। ଛତିଶଗଡରେ ଆଇଏମ୍ଆର ସର୍ବୋଚ୍ଚ ରେକର୍ଡ ୩୬ ଥିବାବେଳେ ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ୩୫ ଲେଖାଏଁ, ତାମିଲନାଡୁ, ହିମାଚଳ ଏବଂ ଦିଲ୍ଲୀରେ ୧୧ ଲେଖାଏଁ ଏବଂ କେରଳରେ ମାତ୍ର ୮ ରହିଛି। ଓଡିଶାରେ ପ୍ରତି ୧୦୦୦ ଜୀବନ ଶିଶୁରେ ଆଇଏମଆର ହାର ୨୮ ରୁ ୩୨ ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୨୦୨୪ରେ ୨୪ ଥିବା ରିପୋର୍ଟରେ କୁହାଯାଇଛି।

ଏହା ନିଶ୍ଚିତ ଯେ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ଓ ବିଫଳତା କେବଳ ସ୍ଥାନୀୟ ପ୍ରାଶସନର କାର୍ଯ୍ୟଦକ୍ଷତାକୁ ଦର୍ଶାଉଛି ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଶିଶୁ ମୃତ୍ୟୁ ହାର (ଆଇଏମଆର) କ୍ଷେତ୍ରରେ ଗ୍ରାମାଚଂଳ ଓ ସହରାଞ୍ଚଳ ମଧ୍ୟରେ ପ୍ରାର୍ଥକ୍ୟ ମଧ୍ୟ ଚିନ୍ତାଜନକ ପର୍ଯ୍ୟାୟରେ ରହିଛି। ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ପ୍ରତି ୧୦୦୦ ଶିଶୁରେ ମୃତ୍ୟୁହାର ୨୭ ଥିବାବେଳେ ସହରାଚଂଳରେ ଏହା ୧୭ ରହିଛି। ଏହି ପ୍ରାର୍ଥକ୍ୟ ସ୍ୱାସ୍ଥ୍ୟଯତ୍ନ ପ୍ରଦାନରେ ଅସମାନତା, ସଚେତନତା ଏବଂ ମାତୃତ୍ୱ ପୁଷ୍ଟିର ଅଭାବ ଏହାର କାରଣ ବୋଲି କୁହାଯାଏ। ସେହିପରି ମାତୃ ମୃତ୍ୟୁହାର (ଏମଏମଆର) ଜାତୀୟ ସ୍ତରରେ ୮୮ ଥିବା ବେଳେ ସାମଗ୍ରିକ ଭାବେ ମାତ୍ର ଗୋଟିଏ ପଏଣ୍ଟ ହ୍ରାସ ପାଇଛି। କିନ୍ତୁ ଏସଆରଏସ ରିପୋର୍ଟ ଅନୁଯାୟୀ ଓଡିଶା ଏମଏମଆରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୁହାଯାଏ। ୨୦୨୧-୨୩ ମସିହାରେ ରାଜ୍ୟରେ ପ୍ରତି ୧ଲକ୍ଷ ଜୀବନ ଶିଶୁଙ୍କ ଜନ୍ମ କ୍ଷେତ୍ରରେ ୧୫୩ ଜଣ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୨-୨୪ ବର୍ଷରେ ଏହା ହ୍ରାସ ପାଇଁ ୧୨୪ରେ ପହଁଚିଛି। ଅର୍ଥାତ୍ ଏମଏମଆର ୨୯ ପଏଣ୍ଟ ହ୍ରାସ ପାଇଛି। ମାତୃମୃତ୍ୟୁ ହାର ହ୍ରାସ କରିବା କ୍ଷେତ୍ରରେ ଓଡିଶା ଅନ୍ୟରାଜ୍ୟଙ୍କ ତୁଳନାରେ ସର୍ବାଗ୍ରେ ରହିଛି। ଏସଆରଏସର ସୂଚନା ଅନୁଯାୟୀ ଏହି ସମୟରେ ଆସାମରେ ଏମଏମଆର ୨୬, ଛତିଶଗଡରେ ୨୨, ତାମିଲନାଡୁରେ ୧୦ ଏବଂ କେରଳରେ ୬ ପଏଣ୍ଟ ହ୍ରାସ ପାଇଛି।

କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ଏମଏମଆର ସର୍ବାଧିକ ହ୍ରାସ ପାଇଥିଲେ ମଧ୍ୟ ଜାତୀୟ ହାର ତୁଳନାରେ ଏବେ ବି ଯଥେଷ୍ଟ ଅଧିକ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇ ଆସୁଛନ୍ତି। ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବକୁ ପ୍ରାଥମିକତା ଦେଇ ମା’ ଗୃହ ପ୍ରତିଷ୍ଠା କରିଛନ୍ତି। ରାଜ୍ୟରେ ଅପହଞ୍ଚ ଅଂଚଳରେ ମୋଟ ୧୨୫ଟି ମା’ ଗୃହ ଥିବାବେଳେ ଦୁର୍ଗମ ତଥା ରାସ୍ତାଘାଟ ନ ଥିବା ଅଂଚଳରୁ ଶିଶୁ ଓ ଗର୍ଭବତୀଙ୍କ ମୃତ୍ୟୁ ନେଇ ଯେଉଁ ରିପୋର୍ଟ ଆସୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଲେ ଭୁଲ ହୋଇନପାରେ।

ନିକଟରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମପଂଚାୟତର ଚଚରାଭଟା ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇନପାରିବାରୁ ଜଣେ ଗର୍ଭବତୀ ଦୁଇଟି ମୃତ ଯାଆଁଳା ଶିଶୁ ଜନ୍ମ କରିଥିବା ଘଟଣା ରାଜ୍ୟରେ କେବଳ ଚାଞ୍ଚଲ୍ୟ ସୃଷ୍ଟି କରିନାହିଁ, ବରଂ ରାଜ୍ୟର ବିକାଶ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। କେବଳ ଏହି ଗୋଟିଏ ଘଟଣା ନୁହେଁ। ରାସ୍ତାଘାଟ ନ ଥିବାରୁ ଗର୍ଭବତୀଙ୍କ ନିକଟରେ ଆମ୍ବୁଲାନ୍ସ ପହଁଚି ନ ପାରିବା, ଖଟିଆରେ ବୁହା ହେବା ଗଣମାଧ୍ୟମରେ ଶିରୋନାମା ପାଲଟିଛି। ସେହିପରି ନବଜାତକ ଯତ୍ନ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ମାତୃ ସ୍ତନ୍ୟପାନ କିନ୍ତୁ ରାଜ୍ୟର ୫୦ ପ୍ରତିଶତ ଶିଶୁଙ୍କ ଭାଗ୍ୟରେ ମା’ କ୍ଷୀର ଜୁଟୁ ନ ଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ୨୦୨୩-୨୪ରେ ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଛି। ଯାହାର ପରିଣତି ସ୍ୱରୁପ ଶିଶୁଙ୍କ ଉଚ୍ଚତା ଓ ଓଜନ ଅଭିବୃଦ୍ଧି ନିମ୍ନଗାମୀ ହେଉଥିବା ରିପୋର୍ଟରେ କୁହାଯାଇଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଶିଶୁ ମା’କ୍ଷୀରରୁ ବଞ୍ଚିତ ହେଉଛନ୍ତି। ଏଥିଲାଗି ବ୍ୟାପକ ପ୍ରଚାର ଓ ସଚେତନତା ଆବଶ୍ୟକ।

ମୋ-୯୪୩୭୯୯୪୩୭୯

# ଏଲ୍.ପି.ଜିର ବିକଳ୍ପ ବାୟୋଗ୍ୟାସ୍

### ଡାକ୍ତର ରାଜକିଶୋର ପଣ୍ଡା

**“ ଭାରତର ଗ୍ରାମାଞ୍ଚଳ ବିଶେଷତଃ କୃଷିକ୍ଷେତ୍ରକୁ ଦେଖିଲେ, ସେଠାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଫସଲର ଅବଶେଷ ଓ ଗୋବର ଆଦି ବାହାରୁଛି। ସେହିପରି ସହରାଞ୍ଚଳରୁ ପ୍ରତିବର୍ଷ ହାରାହାରି ଛଅ କୋଟି ଟନ୍ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି, ଯାହାର ଅଧାରୁ ଅଧିକ ହେଉଛି ଜୈବିକ। ଏହି ଜୈବିକ ବର୍ଜ୍ୟବସ୍ତୁକୁ ଅଦରକାରୀ ଭାବି ଫୋପାଡ଼ି ଦେବା ଫଳରେ ସେମାନେ କ୍ରମାଗତ ଭାବରେ ବିଭିନ୍ନ ସ୍ଥାନରେ ଜମା ରୁହନ୍ତି। ପରବର୍ତ୍ତୀ ସମୟରେ ସେଥିରୁ ମିଥେନ ନିର୍ଗତ ହୋଇ ‘ଗ୍ରୀନ୍ ହାଉସ୍’ ପ୍ରଭାବକୁ ବୃଦ୍ଧି କରିବା ସହିତ ଜମା ଆବର୍ଜନା ଗୁଡ଼ିକ ଡେଙ୍ଗୁ ଓ ମ୍ୟାଲେରିଆର କାରଣ ମଧ୍ୟ ହୋଇଥାନ୍ତି। ତେଣୁ ସେଗୁଡ଼ିକରୁ ବାୟୋଗ୍ୟାସ୍‌ର ଉତ୍ପାଦନ ପରିବେଶ ପାଇଁ ଅନୁକୂଳ ବୋଲି ଆମେ କହିପାରିବା।**

ପୃଥିବୀର ବିଭିନ୍ନ ସ୍ଥାନରେ ଚାଲିଥିବା ଅଶାନ୍ତ ଭୂରାଜନୈତିକ ପରିସ୍ଥିତିର ପ୍ରଭାବ, ବର୍ତ୍ତମାନ ଶକ୍ତି ବଜାର ଉପରେ ପଡ଼ିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ କିଛିକାଳ ଇରାନ ଅବରୋଧ କରି ରଖିଲା ପରେ ଏବେ ଆମେରିକା ମଧ୍ୟ ଏହି କାର୍ଯ୍ୟ କରୁଛି। ଖବର ମିଳିଛି ଯେ ଦୁଇପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇଛି। ତେଣୁ ଏଲ୍.ପି.ଜି, ଅଶୋଧିତ ତୈଳ ଓ ତଦ୍‌ଜନିତ ସାମଗ୍ରୀର ପରିବହନରେ ବିଷମ ସମସ୍ୟା ଉପୁଜିଛି। ଆଗକୁ ମଧ୍ୟ ପରିସ୍ଥିତି ଅନିଶ୍ଚିତ। ଏଲ୍.ପି.ଜିର ସଙ୍କଟକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କା, ବର୍ତ୍ତମାନ ଗୋଟିଏ ପ୍ରଶ୍ନକୁ ଦେଶ ସମ୍ମୁଖରେ ଉତ୍ଥାପନ କରିଛି। ପ୍ରଶ୍ନଟି ହେଉଛି କି କ’ଣ ଭାରତ ଆଜିର ସମୟରେ, ନିଜର ଆବଶ୍ୟକ ହେଉଥିବା ଇନ୍ଧନର ଗୋଟିଏ ବୈକଳ୍ପିକ ସ୍ରୋତକୁ ମଜବୁତ କରିବା ଦରକାର କି? ପ୍ରକୃତରେ ଦେଖିଲେ ଭାରତ ପାଖରେ ଏଭଳି ଏକ ସମ୍ବଳ ଅଛି ଯାହାର ମୂଲ୍ୟ ଏପର୍ଯ୍ୟନ୍ତ ବହୁତ କମ୍‌ଲୋକ ବୁଝିଛନ୍ତି । ଯାହାକୁ ସାଧାରଣତଃ ଅଳିଆ ବା ବର୍ଜ୍ୟ ଭାବି ପରିତ୍ୟାଗ କରି ଦିଆଯାଇଥାଏ। ଫୋପାଡ଼ି ଦିଆଯାଉଥିବା ଏହି ପଦାର୍ଥଟିକୁ ଭବିଷ୍ୟତରେ ଗ୍ୟାସ ଉତ୍ପାଦନର ଏକ ପ୍ରମୁଖ ସ୍ରୋତ ଭାବରେ ବ୍ୟବହାର କରାଯାଇ ପାରିବ। ଏହି ପଦାର୍ଥଟି ହେଉଛି ଜୈବିକ ଆବର୍ଜନା ବା ବର୍ଜ୍ୟ ଓ ଏଥିରୁ ଉତ୍ପନ୍ନ ହେଉଥିବା ଗ୍ୟାସ୍‌ର ନାମ ହେଉଛି ‘ବାୟୋଗ୍ୟାସ୍ ବା ଜୈବ ଇନ୍ଧନ’। ତେବେ ଆଗକୁ ଯିବା ପୂର୍ବରୁ ଏହି “ବାୟୋଗ୍ୟାସ୍”



କହିଲେ କ’ଣ ବୁଝାଏ, ତାହା ଉପରେ ଆଲୋକପାତ କରିବା। ବାୟୋଗ୍ୟାସ୍ ମୁଖ୍ୟତଃ ହାଇଡ୍ରୋକାର୍ବନ୍ ଗ୍ୟାସ୍ ଗୁଡ଼ିକର ମିଶ୍ରଣକୁ ବୁଝାଇଥାଏ, ଯେଉଁ ଗୁଡ଼ିକ କି ଦହନଶୀଳ ଓ ଦହନ ହେଲେ, ସେଥିରୁ ଶକ୍ତି ଓ ତାପ ନିର୍ଗତ ହୋଇଥାଏ। ବାୟୋଗ୍ୟାସ୍ ଗୋଟିଏ ଜୈବରସାୟନ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହୋଇଥାଏ। ଯେଉଁଥିରେ ବ୍ୟାକ୍ଟେରିଆମାନେ ଜୈବିକ ବର୍ଜ୍ୟକୁ ବିଘଟନ କରି ଗ୍ୟାସ ଉତ୍ପନ୍ନ କରିଥାନ୍ତି। ଯେହେତୁ ଏହା ଗୋଟିଏ ଜୈବିକ ପ୍ରକ୍ରିୟା ଦ୍ୱାରା ଉତ୍ପନ ହେଉଛି ସେଥିପାଇଁ ଏହାକୁ ବାୟୋଗ୍ୟାସ୍ କୁହାଯାଉଛି। ଏହାର ମୁଖ୍ୟ ଉପାଦାନ ହେଉଛି ମିଥେନ। ଗୋଟିଏ ଉତ୍କୃଷ୍ଟ ଉଦାହରଣ ବାୟୋଗ୍ୟାସ୍‌ର ହେଉଛି ‘ଗୋବର ଗ୍ୟାସ୍ ପ୍ଲାଣ୍ଟ’।

ଭାରତରେ ପ୍ରତିବର୍ଷ ପାଖାପାଖି ୬୨ ମିଲିଅନ୍ ଟନ୍ କଠିନ ବର୍ଜ୍ୟବସ୍ତୁ ନିର୍ଗତ ହେଉଅଛି, ଯେଉଁଥିରୁ ପାଖାପାଖି ଅଧା ହେଉଛି ଜୈବିକ। କୃଷିକ୍ଷେତ୍ରରୁ ବାହାରୁଥିବା ଫସଲର ଅବଶେଷ, ପଶୁଙ୍କ ମଳ(ଗୋବର ଆଦି), ସହରାଞ୍ଚଳର ଡ୍ରେନେଜ୍ ଜନିତ ବର୍ଜ୍ୟ ଓ ବିଭିନ୍ନ ଖାଦ୍ୟ ଜନିତ ବର୍ଜ୍ୟ ହେଉଛି ଜୈବିକ ବର୍ଜ୍ୟର ଅନ୍ତର୍ଭୁକ୍ତ। ଏହି ସବୁର ପ୍ରୟୋଗ ବାୟୋଗ୍ୟାସ୍ ଓ କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ କରାଯାଇପାରିବ। ବାୟୋଗ୍ୟାସ୍, ଯେଉଁଥିରେ ୯୫ ପ୍ରତିଶତରୁ ଅଧିକ ମିଥେନ ଥାଏ । ଏହା ଉପରେ ୨୫୦ ବାର୍ ଚାପର ପ୍ରୟୋଗ କରାଯାଇଥାଏ, ତାହାକୁ କମ୍ପ୍ରେସଡ୍ ବାୟୋଗ୍ୟାସ୍ ବୋଲି କୁହାଯାଇଥାଏ। ସି.ଏନ୍.ଜି. ପରି ଏହାକୁ ଯାନବାହାନରେ ଇନ୍ଧନ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା ଛଡ଼ା ବାୟୋଗ୍ୟାସ୍‌କୁ ଆମେ ଖାଦ୍ୟ ପ୍ରସ୍ତୁତି, ବିଦ୍ୟୁତ୍ ଉତ୍ପାଦନରେ ମଧ୍ୟ ବ୍ୟବହାର କରିପାରିବା। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର “ସଷ୍ଟେନେବୁଲ୍ ଅଲ୍‌ଟରନେଟିଭ୍ ଟୁୱାର୍ଡସ୍ ଆଫୋର୍ଡେବଲ୍ ଟ୍ରାନ୍ସ୍‌ପୋର୍ଟେସନ୍”(ଏସ୍.ଏ.ଟି.ଏ.ଟି) ନାମରେ ଏକ ଯୋଜନା ୨୦୧୮ ମସିହାରେ ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ହେଉଛି, ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ ପ୍ଲାଣ୍ଟ ମାନ ସ୍ଥାପନ କରିବା ଓ ଗମନାଗମନ ତଥା ପରିବହନରେ ପେଟ୍ରୋଲ, ଡିଜେଲର ବ୍ୟବହାରକୁ କମ୍ କରି ସେଥିରେ ବାୟୋଗ୍ୟାସ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ୨୦୨୫ ସୁଦ୍ଧା ଉପରୋକ୍ତ ଯୋଜନା ଅଧିନରେ ପାଖାପାଖି ଶହେଟି କମ୍ପ୍ରେସ୍‌ଡ ବାୟୋଗ୍ୟାସ ପ୍ଲାଣ୍ଟ କାର୍ଯ୍ୟ କରୁଛି ଓ ଆହୁରୀ ଅନେକ ଗୁଡ଼ିଏ ପ୍ଲାଣ୍ଟ ଇତି ମଧ୍ୟରେ ନିର୍ମାଣାଧୀନ ଅଛନ୍ତି। ଏହି ବ୍ୟବସ୍ଥାଟିକୁ ବିସ୍ତାର ରୂପ ଦେଲେ, କେବଳ ରୋଷେଇ କାର୍ଯ୍ୟ ନୁହେଁ ବରଂ କୃଷି, ନଗର ପରିଚାଳନା, ପରିବହନ ଓ ଔଦ୍ୟୋଗିକ ବ୍ୟବସ୍ଥାର ମଧ୍ୟ ସୁପରିଚାଳନା ହୋଇପାରନ୍ତା।

ଭାରତର ଗ୍ରାମାଞ୍ଚଳ ବିଶେଷତଃ କୃଷିକ୍ଷେତ୍ରକୁ ଦେଖିଲେ, ସେଠାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଫସଲର ଅବଶେଷ ଓ ଗୋବର ଆଦି ବାହାରୁଛି। ସେହିପରି ସହରାଞ୍ଚଳରୁ ପ୍ରତିବର୍ଷ ହାରାହାରି ଛଅ କୋଟି ଟନ୍ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି, ଯାହାର ଅଧାରୁ ଅଧିକ ହେଉଛି ଜୈବିକ। ଏହି ଜୈବିକ ବର୍ଜ୍ୟବସ୍ତୁକୁ ଅଦରକାରୀ ଭାବି ଫୋପାଡ଼ି ଦେବା ଫଳରେ ସେମାନେ କ୍ରମାଗତ ଭାବରେ ବିଭିନ୍ନ ସ୍ଥାନରେ ଜମା ରୁହନ୍ତି। ପରବର୍ତ୍ତୀ ସମୟରେ ସେଥିରୁ ମିଥେନ ନିର୍ଗତ ହୋଇ ‘ଗ୍ରୀନ୍ ହାଉସ୍’ ପ୍ରଭାବକୁ ବୃଦ୍ଧି କରିବା ସହିତ ଜମା ଆବର୍ଜନା ଗୁଡ଼ିକ ଡେଙ୍ଗୁ ଓ ମ୍ୟାଲେରିଆର କାରଣ ମଧ୍ୟ ହୋଇଥାନ୍ତି। ତେଣୁ ସେଗୁଡ଼ିକରୁ ବାୟୋଗ୍ୟାସ୍‌ର ଉତ୍ପାଦନ ପରିବେଶ ପାଇଁ ଅନୁକୂଳ ବୋଲି ଆମେ କହିପାରିବା। ଗ୍ରାମାଞ୍ଚଳରେ ଯଦି ସମବାୟ ଭିତ୍ତିରେ ପ୍ଲାଣ୍ଟ ସ୍ଥାପନ କରାଯାଏ, ତାହାହେଲେ ସେଠାକାର ବର୍ଜ୍ୟବସ୍ତୁରୁ ପ୍ରଚୁର ପରିମାଣରେ ବାୟୋଗ୍ୟାସ୍ ଉତ୍ପନ କରାଯାଇପାରିବ। ଗ୍ୟାସ୍ ବାହାରିଲା ପରେ ବାକି ଅଂଶକୁ ଖାଦ ରୂପରେ ଆମେ ପୁଣି କୃଷି କ୍ଷେତ୍ରରେ ବ୍ୟବହାର କରିପାରିବା। ଏହାଦ୍ୱାରା ଗୋଟିଏ ଚକ୍ର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରିବ। ଚକ୍ରଟି ହେଉଛି ଏହିପରି, କୃଷିକ୍ଷେତ୍ରରୁ ଜୈବିକ ଆବର୍ଜନା, ପ୍ଲାଣ୍ଟକୁ ଯାଇ ସେଥିରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ ଓ ବାକି ଅଂଶ ଖାଦ ରୂପରେ ପୁଣି କୃଷି କାର୍ଯ୍ୟରେ ବ୍ୟବହୃତ ହେବ। ଏହା ନିରନ୍ତର ଭାବରେ ଚାଲୁ ରହିବ। ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଏହାଦ୍ୱାରା ଆର୍ଥିକ ରୂପରେ ଲାଭବାନ ହୋଇପାରିବେ। ବର୍ତ୍ତମାନ ମହାରାଷ୍ଟ୍ର ଓ ପଞ୍ଜାବର କିଛି ସ୍ଥାନରେ କୃଷକ ନିଜର ଉତ୍ପାଦିତ ଫସଲର ଅବଶେଷ ଓ ଗୋବର ଆଦିକୁ ନେଇ ବାୟୋଗ୍ୟାସ୍ ପ୍ଲାଣ୍ଟକୁ ଯାଉଛନ୍ତି ଓ ବଦଳରେ ସେମାନଙ୍କୁ ପ୍ରାପ୍ୟ ମିଳୁଛି।

ସହରମାନଙ୍କରେ ପୌରପାଳିକା ବା ନଗର ନିଗମ ଯଦି ହୋଟେଲ, ବଜାର ଓ ନାଗରିକ ଆବାସସ୍ଥଳୀ ମାନଙ୍କରୁ ବାହାରୁଥିବା ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପନ୍ନ କରନ୍ତେ, ତାହାହେଲେ ସହରାଞ୍ଚଳର ଆବର୍ଜନାର ପରିମାଣ କମିଯାନ୍ତା। ଏହା ସହିତ ସହର ଗୁଡ଼ିକ ପାଇଁ ଏକ ଇନ୍ଧନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରନ୍ତା। କଳକାରଖାନା ଏପରିକି ସୂତାକଳ, କାଗଜ କଳରୁ ପ୍ରଚୁର ପରିମାଣରେ ଜୈବିକ ବର୍ଜ୍ୟ ବାହାରି ପରିବେଶକୁ ପ୍ରଦୂଷିତ କରିଥାଏ। ଏ କ୍ଷେତ୍ରରେ ମଧ୍ୟ ବାୟୋଗ୍ୟାସ୍ ଉତ୍ପନ୍ନ କରାଯାଇ, ସଂପୃକ୍ତ କାରଖାନାଗୁଡ଼ିକରେ ଇନ୍ଧନ ଭାବରେ ବ୍ୟବହାର କରାଯାଇପାରିବ ଓ ଏଲ୍.ପି.ଜି ଉପରୁ ନିର୍ଭରଶୀଳତା କମାଯାଇ ପାରିବ। ପରିସଂଖ୍ୟାନ ତଥ୍ୟ ଉପରେ ଆମେ ବର୍ତ୍ତମାନ ନଜର ପକାଇବା। ଇଣ୍ଟର ନ୍ୟାସ୍‌ନାଲ ଏନର୍ଜି ଏଜେନ୍ସି ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତରେ ଜୈବିକ ଇନ୍ଧନ (ଉଭୟ ତରଳ ଓ ବାଷ୍ପୀକୃତ) ର ବ୍ୟବହାର ୨୦୩୦ ସୁଦ୍ଧା ପଚାଶ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାଦ୍ୱାରା ବାହାରୁ ତୈଳ ଆମଦାନୀ ହ୍ରାସ ପାଇବ। ୱାର୍ଲଡ ବାୟୋଗ୍ୟାସ୍ ଆସୋସିଏସନ୍ ଦର୍ଶାଉଛି ଯେ, ଭାରତର ଏହାର ଜୈବିକ ବର୍ଜ୍ୟକୁ ବିନିଯୋଗ କରି ବାର୍ଷିକ ପାଖାପାଖି ୬୨-୯୦ ମିଲିଅନ୍ ମେଟ୍ରିକ୍ ଟନ୍ ବାୟୋଗ୍ୟାସ୍ ଉତ୍ପାଦନ କରିପାରିବ, ଯାହାକି, ୨୦୨୪ରେ ଏହାର ପ୍ରାକୃତିକ ଗ୍ୟାସ୍ ଚାହିଦାର ଏକଶହ କୋଡ଼ିଏ ପ୍ରତିଶତ। ୱାର୍ଲ୍ଡ ବାୟୋଗ୍ୟାସ୍ ଆସୋସିଏସନ୍ ଏହା ମଧ୍ୟ ଦର୍ଶାଇଛି ଯେ ବର୍ତ୍ତମାନ ଭାରତରେ ପାଖାପାଖି ପାଞ୍ଚ ମିଲିୟନ୍ ବାୟୋଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି। ଯାହାର ମୂଲ୍ୟ ୧.୬୪ ବିଲିୟନ୍ ଡଲାର। ୨୦୩୨ ସୁଦ୍ଧା ବାର୍ଷିକ ୧୦.୨ % ହାରରେ ବଢ଼ି ଏହା ୩.୪୯ ବିଲିଅନ୍ ଡଲାରରେ ପହଞ୍ଚିବ ବୋଲି ସଂସ୍ଥା ଆକଳନ କରିଛି। ବର୍ତ୍ତମାନ ଭାରତର ରାଜ୍ୟମାନଙ୍କରେ ମହାରାଷ୍ଟ୍ର ବାୟୋଗ୍ୟାସ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି।

ମୋ- ୮୧୪୪୦୪୨୯୯୭

# ଭାରତରେ ପଲିମର ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନର ଯୋଜନା

### ଅସିତ ମହାନ୍ତି

**“ ପଲିମର ନୋଟ୍ ପ୍ରଚଳନ କେବଳ ଏକ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ନୁହେଁ, ବରଂ ଭାରତର ଆର୍ଥିକ ନୀତି, କର୍ପୋରେଟ୍ ପ୍ରଭାବ ଏବଂ ବୈଦେଶିକ ନିର୍ଭରଶୀଳତା ସାମ୍ନା କରୁଥିବା ଚ୍ୟାଲେଞ୍ଜର ପ୍ରତୀକ। ଜନସାଧାରଣଙ୍କୁ ବୁଝିବାକୁ ପଡିବ ଯେ ନୋଟର ଶକ୍ତି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ପଛରେ କିଏ ଶକ୍ତି ରଖିଛି ତାହା ଜାଣିବା। ପ୍ରଥମ ନଜରରେ, ଭାରତରେ ପଲିମର ପ୍ଲାଷ୍ଟିକ୍ ନୋଟ୍‌ର ଧାରଣା ଆଧୁନିକତା ଏବଂ ସ୍ଥାୟୀତ୍ୱ ଆଡ଼କୁ ଏକ ପଦକ୍ଷେପ ପରି ମନେହୁଏ। କିନ୍ତୁ ଯେତେବେଳେ ଆମେ ଏହା ପଛରେ ଥିବା ଅର୍ଥନୈତିକ ଗଠନକୁ ଦେଖୁ, ଚିତ୍ରଟି ଅଧିକ ସ୍ପଷ୍ଟ ହୋଇଯାଏ। ଗତ ବର୍ଷଗୁଡ଼ିକରେ ଆଦାନୀ ଗ୍ରୁପ୍ ପେଟ୍ରୋକେମିକାଲ୍ କ୍ଷେତ୍ରରେ ପ୍ରଚୁର ପରିମାଣରେ ନିବେଶ କରିଛି।**

ଭାରତୀୟ ରିଜର୍ଭ ବ୍ୟାଙ୍କ ସମ୍ପ୍ରତି ପାରମ୍ପରିକ କାଗଜ ନୋଟକୁ ପଲିମର ପ୍ଲାଷ୍ଟିକ୍ ନୋଟ୍ ସହିତ ବଦଳାଇବା ପାଇଁ ପ୍ରସ୍ତାବ ଦେଇଛି। ଆରବିଆଇ କହିଛି ଯେ ଏହି ନୋଟଗୁଡ଼ିକ କେବଳ ଅଧିକ ସ୍ଥାୟୀ ହେବ ନାହିଁ ବରଂ ମୁଦ୍ରଣ କରିବା ପାଇଁ ମଧ୍ୟ ସହଜ ହେବ। ପଲିମର ନୋଟଗୁଡ଼ିକର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏଗୁଡ଼ିକ ଛିଣ୍ଡିବା ପ୍ରତିରୋଧୀ, ଆର୍ଦ୍ରତା ଏବଂ ଧୂଳି ପ୍ରତି କମ୍ ସମ୍ବେଦନଶୀଳ ଏବଂ ଦୀର୍ଘ ସମୟ ଧରି ସେଲ୍ଫ ଲାଇଫ୍ ରହିଛି। ଏହି କାରଣରୁ ଏଗୁଡ଼ିକ ପୂର୍ବରୁ ବିଶ୍ୱର ପ୍ରାୟ ଷାଠିଏ ଦେଶରେ ବ୍ୟବହୃତ ହେଉଛି। ଏକ ସୀମିତ ପାଇଲଟ୍ ପ୍ରୋଜେକ୍ଟ ଖୁବ୍ ଶୀଘ୍ର ଆରମ୍ଭ ହେବାର ଆଶା କରାଯାଉଛି, ସମ୍ଭବତଃ ୧୦ ଏବଂ ୨୦ ପରି ଛୋଟ ମୂଲ୍ୟ ସହିତ। ଅଷ୍ଟ୍ରେଲିଆ, କାନାଡା, ୟୁକେ ଏବଂ ଅନେକ ଏସୀୟ ଦେଶ ପଲିମର ନୋଟ୍ ଗ୍ରହଣ କରି ସେମାନଙ୍କର ମୁଦ୍ରା ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ ସ୍ଥାୟୀ କରିଛନ୍ତି। ଏହି ନୋଟଗୁଡ଼ିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରିବ, ଯାହା ନକଲି ନୋଟ୍ ସମସ୍ୟାକୁ ରୋକିବାରେ ସାହାଯ୍ୟ କରିବ। ଭାରତରେ, ଆରବିଆଇ ମଧ୍ୟ ବିଶ୍ୱାସ କରେ ଯେ ଏହି ପଦକ୍ଷେପ ଜନସାଧାରଣଙ୍କ ପାଇଁ ସୁବିଧା ଏବଂ ସୁରକ୍ଷା ଉଭୟ ଆଣିବ।

ତଥାପି, ଏହି ଧାରଣା ଅର୍ଥନୈତିକ ଏବଂ ରାଜନୈତିକ ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହୁଏ। ଯଦି ଏହି ନୋଟଗୁଡ଼ିକ ଘରୋଇ ଭାବରେ ଉତ୍ପାଦିତ ହୁଏ, ତେବେ କେଉଁ କମ୍ପାନୀଗୁଡ଼ିକ ଅଂଶଗ୍ରହଣ କରିବେ ତାହା ନିର୍ଣ୍ଣୟ କରିବା ଆବଶ୍ୟକ ହେବ। ଆଦାନୀ ଗ୍ରୁପ୍ ପେଟ୍ରୋକେମିକାଲ୍ କ୍ଷେତ୍ରରେ ବହୁଳ ନିବେଶ କରିଛି, ଏବଂ ପଲିମର ନୋଟ୍ ପାଇଁ ଆବଶ୍ୟକ କଞ୍ଚାମାଲ ଏହି ଶିଳ୍ପରୁ ଆସିଥାଏ। ଫଳସ୍ୱରୂପ, ଆରବିଆଇକୁ ଆଦାନୀ ଗୋଷ୍ଠୀରୁ ହିଁ କିଣିବାକୁ ପଡ଼ିପାରେ। ଏହାର ଅର୍ଥ ହେଉଛି ସାଧାରଣ ଟିକସ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏକ ଘରୋଇ ନିଗମକୁ ଯିବ।

ଅନ୍ୟପକ୍ଷରେ, ଯଦି ଭାରତ ବିଦେଶୀ କମ୍ପାନୀଗୁଡ଼ିକରୁ ଆମଦାନୀ କରେ, ତେବେ ଦେୟ ଡଲାରରେ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆର ସିସିଏଲ୍ ସିକ୍ୟୁର୍ ଏବଂ ବ୍ରିଟେନର ଡି ଲା ରୁ ଭଳି କମ୍ପାନୀଗୁଡ଼ିକ ଏହି କ୍ଷେତ୍ରରେ ପୂର୍ବରୁ ପ୍ରତିଷ୍ଠିତ ଏବଂ ଅନେକ ଦେଶକୁ ପଲିମର ନୋଟ୍ ଯୋଗାଣ କରୁଛନ୍ତି। ଏହା ଭାରତର ବୈଦେଶିକ ମୁଦ୍ରା ଉପରେ ଚାପ ବୃଦ୍ଧି କରିବ। ଏହିପରି, ପଲିମର ନୋଟ୍ ପ୍ରଚଳନ କେବଳ ଏକ ପ୍ରଯୁକ୍ତିବିଦ୍ୟା ଉନ୍ନତି ନୁହେଁ, ବରଂ ଭାରତର ମୁଦ୍ରାନୀତି, କର୍ପୋରେଟ୍ ସ୍ୱାର୍ଥ ଏବଂ ବୈଦେଶିକ ନିର୍ଭରଶୀଳତା ସମ୍ବନ୍ଧୀୟ ପ୍ରଶ୍ନର ପ୍ରତୀକ ମଧ୍ୟ। ଜନସାଧାରଣଙ୍କୁ ବୁଝିବାକୁ ପଡିବ ଯେ ନୋଟ୍ ଶକ୍ତି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ପଛରେ କିଏ ଶକ୍ତି ରଖେ।

ପ୍ରଥମେ, ଏହି ପ୍ଲାଷ୍ଟିକ୍ ନୋଟ୍ କିଏ ତିଆରି କରିବ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ। ଯଦି ଏହି କାମ ଆଦାନୀ ଗୋଷ୍ଠୀ ମଧ୍ୟରେ ଏକ କମ୍ପାନୀକୁ ଦିଆଯାଏ, ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ସିଧାସଳଖ ଆଦାନୀଙ୍କ ଠାରୁ କିଣିବାକୁ ପଡ଼ିବ। ଏହାର ଅର୍ଥ ହେଉଛି ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରୁ ଆଦାନୀ ଗୋଷ୍ଠୀ ଘରୋଇ ଭାବରେ ଲାଭବାନ ହେବ। ସମାଲୋଚକମାନେ କହିଛନ୍ତି ଯେ ଏହା ଏକ ଘରୋଇ ନିଗମକୁ ଜାତୀୟ ମୁଦ୍ରା ସୃଷ୍ଟି ଭଳି ଏକ ସମ୍ବେଦନଶୀଳ ପ୍ରକ୍ରିୟାରେ ସିଧାସଳଖ ଆର୍ଥିକ ଲାଭ ଦେବ। ଆଉ ଏକ ସମ୍ଭାବନା ହେଉଛି ଯଦି ଆଦାନୀ ଏହି କାମ ନ ପାଆନ୍ତି, ତେବେ ଭାରତକୁ ବିଦେଶୀ କମ୍ପାନୀଗୁଡ଼ିକ ଠାରୁ ଆମଦାନି କରିବାକୁ ପଡିବ। ଏହି କ୍ଷେତ୍ରରେ, ଭାରତକୁ ଡଲାରରେ ଦେୟ ଦେବାକୁ ପଡିବ। ଏହି କ୍ଷେତ୍ରରେ ଦୁଇଟି ପ୍ରମୁଖ କମ୍ପାନୀ ସକ୍ରିୟ ଅଛନ୍ତି - ଅଷ୍ଟ୍ରେଲିଆର ସିସିଏଲ୍ ସିକ୍ୟୁର୍ ଏବଂ ବ୍ରିଟେନର ଡିଇ ଲା ରୁଲ୍ । ଉଭୟ କମ୍ପାନୀ ପୂର୍ବରୁ ଅନେକ ଦେଶକୁ ପଲିମର ନୋଟ୍ ଯୋଗାଣ କରୁଛନ୍ତି। ଯଦି ଭାରତ ସେମାନଙ୍କ ଠାରୁ ଆମଦାନି କରେ, ତେବେ ଏହା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ପକାଇବ ଏବଂ ଡଲାର ନିର୍ଭରଶୀଳତା ବୃଦ୍ଧି କରିବ।

ଏହାର ଅର୍ଥ ହେଉଛି ପରିସ୍ଥିତି ଘରୋଇ ହେଉ କି ବିଦେଶୀ, ଲାଭ ସର୍ବଦା କୌଣସି ନା କୌଣସି କର୍ପୋରେଟ୍ ସଂସ୍ଥା ପାଖକୁ ଯିବ। ଜାତୀୟ ସ୍ୱାର୍ଥକୁ ଘରୋଇ ହାତରେ ହସ୍ତାନ୍ତର କରିବା ପାଇଁ ଆଦାନୀଙ୍କ କାର୍ଯ୍ୟକୁ ସମାଲୋଚନା କରାଯିବ। ଏବଂ ଯଦି ଆମଦାନି ବିଦେଶୀ କମ୍ପାନୀଗୁଡ଼ିକରୁ ହୁଏ, ତେବେ ଭାରତର ଅର୍ଥନୀତି ଉପରେ ଡଲାର ଦେୟର ବୋଝ ବୃଦ୍ଧି ପାଇବ।ଏହି ସମଗ୍ର ପରିସ୍ଥିତିରେ ପ୍ରକୃତ ପ୍ରଶ୍ନ ହେଉଛି ପଲିମର ନୋଟର ଲାଭ ଜନସାଧାରଣଙ୍କ ପାଖରେ ପହଞ୍ଚିବ କି କର୍ପୋରେଟ୍ ସ୍ୱାର୍ଥ ପର୍ଯ୍ୟନ୍ତ ସୀମିତ ରହିବ। ସ୍ଥାୟୀ ନୋଟ୍ ଜନସାଧାରଣଙ୍କୁ ସୁବିଧା ଯୋଗାଇବ, କିନ୍ତୁ ସେମାନଙ୍କ ପଛରେ ଥିବା ଆର୍ଥିକ ଗଠନ ନିର୍ଦ୍ଧାରଣ କରିବ ଯେ ପ୍ରକୃତରେ କିଏ ଲାଭବାନ ହେବ। ଯେତେବେଳେ ମୁଦ୍ରା ଭଳି ଏକ ସମ୍ବେଦନଶୀଳ ଦ୍ରବ୍ୟର ଉତ୍ପାଦନ ଘରୋଇ କିମ୍ବା ବିଦେଶୀ କମ୍ପାନୀଗୁଡ଼ିକ ଉପରେ ନିର୍ଭର କରେ, ଏହା କେବଳ ଏକ ପ୍ରଯୁକ୍ତିବିଦ୍ୟା ଉନ୍ନତି ନୁହେଁ ବରଂ ଅର୍ଥନୈତିକ ଏବଂ ରାଜନୈତିକ ଶକ୍ତି ସନ୍ତୁଳନର ପ୍ରଶ୍ନ ହୋଇଯାଏ।

ତେଣୁ, ପଲିମର ନୋଟ୍ ପ୍ରଚଳନ କେବଳ ଏକ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ନୁହେଁ, ବରଂ ଭାରତର ଆର୍ଥିକ ନୀତି, କର୍ପୋରେଟ୍ ପ୍ରଭାବ ଏବଂ ବୈଦେଶିକ ନିର୍ଭରଶୀଳତା ସାମ୍ନା କରୁଥିବା ଚ୍ୟାଲେଞ୍ଜର ପ୍ରତୀକ। ଜନସାଧାରଣଙ୍କୁ ବୁଝିବାକୁ ପଡିବ ଯେ ନୋଟର ଶକ୍ତି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ପଛରେ କିଏ ଶକ୍ତି ରଖିଛି ତାହା ଜାଣିବା। ପ୍ରଥମ ନଜରରେ, ଭାରତରେ ପଲିମର ପ୍ଲାଷ୍ଟିକ୍ ନୋଟ୍‌ର ଧାରଣା ଆଧୁନିକତା ଏବଂ ସ୍ଥାୟୀତ୍ୱ ଆଡ଼କୁ ଏକ ପଦକ୍ଷେପ ପରି ମନେହୁଏ। କିନ୍ତୁ ଯେତେବେଳେ ଆମେ ଏହା ପଛରେ ଥିବା ଅର୍ଥନୈତିକ ଗଠନକୁ ଦେଖୁ, ଚିତ୍ରଟି ଅଧିକ ସ୍ପଷ୍ଟ ହୋଇଯାଏ। ଗତ ବର୍ଷଗୁଡ଼ିକରେ ଆଦାନୀ ଗ୍ରୁପ୍ ପେଟ୍ରୋକେମିକାଲ୍ କ୍ଷେତ୍ରରେ ପ୍ରଚୁର ପରିମାଣରେ ନିବେଶ କରିଛି। ପଲିମର ନୋଟ୍ ତିଆରି ପାଇଁ ଆବଶ୍ୟକୀୟ ସ୍ୱତନ୍ତ୍ର ପ୍ଲାଷ୍ଟିକ୍ ପାଇଁ ପେଟ୍ରୋକେମିକାଲ୍ ଶିଳ୍ପ ହେଉଛି ମୂଳଦୁଆ। ଏହାର ଅର୍ଥ ହେଉଛି ଯଦି ପଲିମର ନୋଟ୍ ଭାରତରେ ଘରୋଇ ଭାବରେ ଉତ୍ପାଦିତ ହୁଏ, ତେବେ ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକ ପ୍ରମୁଖ ଯୋଗାଣକାରୀ ହେବେ। ରିଜର୍ଭ ବ୍ୟାଙ୍କକୁ ଏହି କମ୍ପାନୀଗୁଡ଼ିକ ଠାରୁ ନୋଟ୍ ତିଆରି ପାଇଁ କଞ୍ଚାମାଲ ଏବଂ ପ୍ରଯୁକ୍ତିବିଦ୍ୟା କିଣିବାକୁ ପଡିବ। ଏବଂ ଯେହେତୁ ଏହି କ୍ରୟ ଏକ ସରକାରୀ ପ୍ରତିଷ୍ଠାନ ଦ୍ୱାରା କରାଯିବ, ତେଣୁ ଏହା ସାଧାରଣ ଟିକସ ଏବଂ ଜାତୀୟ ସମ୍ବଳ ସହିତ ପ୍ରଦାନ କରାଯିବ। ଏହାର ଅର୍ଥ ହେଉଛି ସାଧାରଣ ଟଙ୍କା ସିଧାସଳଖ ଆଦାନୀ ଗ୍ରୁପ୍ ପାଖକୁ ଯିବ। ଏହା ସେହି ସମାନ ମଡେଲ୍ ଯେଉଁଠାରେ ସରକାରୀ ନୀତି ମାଧ୍ୟମରେ କର୍ପୋରେଟ୍ ନିବେଶକୁ ଲାଭରେ ପରିଣତ କରାଯାଏ। ସରକାର ଦାବି କରିପାରନ୍ତି ଯେ ଏହା ‘ବିକାଶ’, କିନ୍ତୁ ବାସ୍ତବରେ, ଏହି ବିକାଶ ଜନସାଧାରଣଙ୍କ ପାଇଁ ନୁହେଁ ବରଂ କର୍ପୋରେଟ୍ ସ୍ୱାର୍ଥ ପାଇଁ। ଯଦି ଆଦାନୀ ଗ୍ରୁପକୁ ଏହି ସୁଯୋଗ ଦିଆଯାଏ ନାହିଁ ଏବଂ ଭାରତ ବିଦେଶୀ କମ୍ପାନୀଗୁଡ଼ିକରୁ ଆମଦାନୀ କରେ, ତେବେ ପରିସ୍ଥିତି ଆହୁରି ଜଟିଳ ହୋଇଯାଏ। ଅଷ୍ଟ୍ରେଲିଆର ସିସିଏଲ୍ ସିକ୍ୟୁର୍ ଏବଂ ବ୍ରିଟେନର ଡିଇ ଲା ରୁ ଭଳି କମ୍ପାନୀଗୁଡ଼ିକ ଏହି କ୍ଷେତ୍ରରେ ପୂର୍ବରୁ ପ୍ରତିଷ୍ଠିତ। ସେମାନଙ୍କଠାରୁ ଆମଦାନି କରିବା ଅର୍ଥ ହେବ ଯେ ଭାରତକୁ ଡଲାରରେ ଦେୟ ଦେବାକୁ ପଡିବ। ଏହା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ବୃଦ୍ଧି କରିବ, ଯାହା ଶେଷରେ ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବ। ତେଣୁ, ଏହା ଘରୋଇ ଉତ୍ପାଦନ ହେଉ କିମ୍ବା ବିଦେଶୀ ଆମଦାନୀ ହେଉ, ଏହାର ଲାଭ କିଛି କର୍ପୋରେଟ୍ ସଂସ୍ଥାକୁ ମିଳିବ। ଆଦାନୀ ଗ୍ରୁପ୍ ପେଟ୍ରୋକେମିକାଲ୍ କ୍ଷେତ୍ରରେ ନିବେଶ କରିଛି ଯାହା ଦ୍ୱାରା ଏହା ପଲିମର ନୋଟ୍ ଭଳି ଭବିଷ୍ୟତର ପଦକ୍ଷେପରୁ ସିଧାସଳଖ ଲାଭ ପାଇପାରିବ। ଏହା ଏକ ପ୍ରକାରର ରଣନୈତିକ ନିବେଶ, ଯେଉଁଠାରେ କର୍ପୋରେଟଗୁଡ଼ିକ ପୂର୍ବ ଆଶା ସହିତ ଏକ କ୍ଷେତ୍ରରେ ନିବେଶ କରନ୍ତି ଏବଂ ପରେ ସରକାରୀ ନୀତି ମାଧ୍ୟମରେ ଲାଭ ପାଆନ୍ତି।

ଜନସାଧାରଣଙ୍କୁ ବୁଝିବାକୁ ପଡିବ ଯେ ନୋଟର ସ୍ଥାୟୀତ୍ୱ ଗୁରୁତ୍ୱପୂର୍ଣ୍ଣ ହେଲେ, ଏହି ପ୍ରକ୍ରିୟାରୁ ପ୍ରକୃତରେ କିଏ ଲାଭ ପାଉଛି ତାହା ଆହୁରି ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ଲାଭ କେବଳ କର୍ପୋରେଟ୍ ହାଉସ୍ ପର୍ଯ୍ୟନ୍ତ ସୀମିତ, ଏବଂ ସାଧାରଣ ଟଙ୍କା ସେମାନଙ୍କ ପକେଟ୍‌କୁ ଯାଉଛି, ତେବେ ଏହା ଏକ ପ୍ରଯୁକ୍ତିବିଦ୍ୟା ସଂସ୍କାର ନୁହେଁ ବରଂ ଆର୍ଥିକ ଶକ୍ତିର କେନ୍ଦ୍ରୀକରଣ। ପଲିମର ନୋଟ୍ ପ୍ରଚଳନ ପ୍ରତୀକ କରେ ଯେ ଭାରତର ମୁଦ୍ରା ନୀତି ଆଉ କେବଳ ବୈଷୟିକ ନୁହେଁ, ବରଂ କର୍ପୋରେଟ୍ ନିବେଶ ଏବଂ ସରକାରୀ ନିଷ୍ପତ୍ତି ମଧ୍ୟରେ ଏକ ଗଭୀର ସମ୍ପର୍କର ଅଂଶ ପାଲଟିଛି।

ମୋ-୯୪୩୭୨୮୮୦୨୮

# ବିଭିନ୍ନ ବ୍ଲକରେ ଯନ୍ତ୍ରୀଙ୍କ ବଦଳି

ରାୟଗଡା-୩/୬(ନି:ପ୍ର)ବିଭିନ୍ନ ବ୍ଲକର ବିଭିନ୍ନ ବର୍ଗର ଯନ୍ତ୍ରୀଙ୍କୁ ବଦଳି । ରାୟଗଡା ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସହକାରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି କରାଯାଇଛି ।ରାୟଗଡାରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଭ୍ରମରବର କିସାନଙ୍କୁ ରାୟଗଡ଼ରୁ ରାମନାଗୁଡ଼ା ବ୍ଲକ, ସେହିପରି ସହକାରୀ ଯନ୍ତ୍ରୀ ତ୍ରିନାଥ ମିଶ୍ରଙ୍କୁ ରାମନାଗୁଡ଼ାରୁ କାଶୀପୁର ବ୍ଲକ, କନିଷ୍ଠ ଯନ୍ତ୍ରୀ କୃଷ୍ଣପ୍ରିୟା ମଣ୍ଡଳଙ୍କୁ କାଶୀପୁରରୁ ରାୟଗଡା ବ୍ଲକ, ସେହିପରି କନିଷ୍ଠ ଯନ୍ତ୍ରୀ ବବୁଲ ହେମ୍ବ୍ରମଙ୍କୁ କୋଲନରା ବ୍ଲକରୁ ବିଷମକଟକ ବ୍ଲକ, କନିଷ୍ଠ ଯନ୍ତ୍ରୀ ବିଶ୍ୱଭୂଷଣ ବେହେରାଙ୍କୁ ବିଷମକଟକ ବ୍ଲକରୁ କାଶୀପୁର ବ୍ଲକକୁ ବଦଳି କରାଯାଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଲାଡି ରବୀନ୍ଦ୍ର କୁମାରାଙ୍କୁ ରାମନାଗୁଡ଼ା ବ୍ଲକରୁ ଗୁଣପୁର ବ୍ଲକ, ଆଉ କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କିଶୋର ଖିଲାରଙ୍କୁ ଗୁଣପୁରରୁ କାଶୀପୁର ବ୍ଲକ, କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ମାଝୀଙ୍କୁ କାଶୀପୁରରୁ କୋଲନାରା ବ୍ଲକ, ସେହିପରି ଭାବେ କନିଷ୍ଠ ଯନ୍ତ୍ରୀ ସାଗର କୁମାର ସାହୁଙ୍କୁ କାଶୀପୁରରୁ ରାମନାଗୁଡ଼ା ବ୍ଲକକୁ ବଦଳି କରାଯାଇଥିବା ସୂଚନା ହସ୍ତଗତ ହୋଇଛି । ଉକ୍ତ ଆଦେଶ ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆଦେଶ ପ୍ରକାରେ ଜାରି କରାଯାଇଛି । ଏହି ଆଦେଶର ନକଲ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଥିବା ଜଣାପଡିଛି । ଆଉ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ରହିଛିଯେ, ସେମାନଙ୍କ ଅଧୀନରେ ଥିବା ସମସ୍ତ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ୩ ଦିନ ମଧ୍ୟରେ କାର୍ଯ୍ୟ ମୁକ୍ତ କରିବା ପାଇଁ ଏବଂ ଯଦି ଏହି ଦିଆଯାଅଥିବା ସମୟସୀମା ମଧ୍ୟରେ କାର୍ଯ୍ୟ ମୁକ୍ତ କରାନଗଲେ ତେବେ ସେମାନଙ୍କୁ କେନ୍ଦ୍ରୀୟ ଭାବେ କାର୍ଯ୍ୟ ମୁକ୍ତ ହୋଇଥିବା ନେଇ ବିବେଚିତ ହେବେ ।

# ମୁଖ୍ୟରାସ୍ତା ଉପରେ ବେଆଇନ ନାଳ ନିର୍ମାଣ

ପାରଳାଖେମୁଣ୍ଡି,୩।୬ (ନିପ୍ର): ପାରଳାଖେମୁଣ୍ଡି ସହର ରାମନଗର ନିକଟସ୍ଥ ନାୟରା ପେଟ୍ରୋଲ ପମ୍ପ ସମ୍ମୁଖରେ ଚାଲିଥିବା ନାଳ ନିର୍ମାଣ କାର୍ଯ୍ୟକୁ ନେଇ ଗୁରୁତର ଅନିୟମିତତା ଓ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ଅଭିଯୋଗ ସାମ୍ନାକୁ ଆସିଛି । ଏହି ଅଭିଯୋଗକୁ ନେଇ ସମାଜସେବୀ ପି. ମୁରଲୀ କ୍ରୀଷ୍ଣା ରିଲେ ଅନଶନରେ ବସିଥିବା ବେଳେ ପ୍ରଶାସନର ନିରବ ଭୂମିକାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି । ପି. ମୁରଲୀ କ୍ରୀଷ୍ଣାଙ୍କ କହିବା ଅନୁଯାୟୀ, ପୂର୍ତ୍ତ ବିଭାଗ ପକ୍ଷରୁ କାମ ଆରମ୍ଭ ପୂର୍ବରୁ ପେଟ୍ରୋଲ ପମ୍ପ ପାଚେରୀ ନିକଟରେ ମାପଚୁପ କରାଯାଇଥିଲା । ୬୬ ଫୁଟ ଓସାର ରାସ୍ତା କାର୍ଯ୍ୟ କରାଯିବା ନେଇ ଚିହ୍ନଟ ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ସେହି ସ୍ଥାନକୁ ଏଡ଼ାଇ ମୁଖ୍ୟ ରାସ୍ତା ଆଡ଼କୁ ପ୍ରାୟ ୨୦ ଫୁଟ ଆଗକୁ ନାଳ ନିର୍ମାଣ କରାଯାଉଛି । ପୂର୍ବରୁ ରାସ୍ତା କାର୍ଯ୍ୟ ପାଇଁ ଅନେକ ଉଠା ଦୋକାନୀ, ଛୋଟୋ ଛୋଟୋ ପରିବା ଦୋକାନ ଓ ଅନେକ ଛୋଟୋ ବ୍ୟବସାୟୀ ନିଜ ବ୍ୟବସାୟ ହରାଇଛନ୍ତି । ତେବେ ବଡ ଲୋକୋଙ୍କ ଚାପରେ ପ୍ରଶାସନ କଳ ଜିଲ୍ଲାରେ କାର୍ଯ୍ୟ କରୁଥିବା ବେଳେ ମୁଖ୍ୟ ରାସ୍ତା କାବ୍‌ଜା କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ପ୍ରଶାସନ କୌଣସି ପଦକ୍ଷେପ ନେଇ ପାରୁନି । ଏହା କେବଳ ନିୟମ ବିରୋଧୀ ନୁହେଁ, ବରଂ ଜନସାଧାରଣଙ୍କ ଯାତାୟାତ ଓ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ପୂର୍ବରୁ ସେ ଜିଲ୍ଲାପାଳ, ତହସିଲଦାର, ପୌରପରିଷଦର ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଏକାଧିକ ଥର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଫଳରେ ଅଭିଯୋଗକାରୀ ଆଜିଠାରୁ ଅନଶନରେ ବସିଛନ୍ତି । ଦାବିର ସମର୍ଥନରେ ପୂର୍ବତନ ବିଧାୟକ କେ. ନାରାୟଣ ରାଓ ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ଉଠାଇଥିବା ଅଭିଯୋଗର ନିରପେକ୍ଷ ତଦନ୍ତ ଦାବି କରିଥିଲେ । ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ । ବିଜେପି ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନବାଚୀ କରିଛି ।

# ଗୋଶାଳା ଉଦ୍ଘାଟନ ଓ ଶ୍ରୀରାମଙ୍କ ପ୍ରତିମା ସ୍ଥାପନ

ରାଉରକେଲା,୩।୬ (ନିପ୍ର): ରାଉରକେଲା ସ୍ମାର୍ଟ ସିଟିର ଗୋପବନ୍ଧୁପାଲି ଅଞ୍ଚଳରେ ନୂତନ ଭାବରେ ପ୍ରତିଷ୍ଠିତ ଗୋଶାଳାର ଉଦ୍ଘାଟନ ଅବସରରେ, ପ୍ରଭୁ ଶ୍ରୀରାମଙ୍କ ପ୍ରତିମା ସ୍ଥାପନ ସହିତ ଏକ ଧାର୍ମିକ ସମାରୋହର ଆୟୋଜନ କରାଯାଇଥିଲା । ବୈଦିକ ମନ୍ତ୍ର ଏବଂ ରୀତିନୀତି ସହିତ ପୂଜା କରାଯାଇଥିଲା । ବିଭିନ୍ନ ଭଜନ ଗୋଷ୍ଠୀ ସୁମଧୁର ଭଜନ ପରିବେଷଣ କରି ପରିବେଶକୁ ଭକ୍ତିରେ ପରିପୂର୍ଣ୍ଣ କରିଥିଲେ । ଅଞ୍ଚଳର ମହିଳାମାନେ ଧାର୍ମିକ କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, ଭକ୍ତି ସହିତ ଭଜନ ଉପଭୋଗ କରିଥିଲେ । ଛୋଟ ପିଲାମାନେ ମଧ୍ୟ ଏହି କାର୍ଯ୍ୟକ୍ରମ ପାଇଁ ବିଶେଷ ଉତ୍ସାହ ଦେଖାଇଥିଲେ । ଭଜନ,କୀର୍ତ୍ତନ ସମୟରେ ଭକ୍ତିରେ ବୁଡ଼ି ରହିଥିବା ଏବଂ ପ୍ରଭୁ ଶ୍ରୀରାମଙ୍କ ସ୍ତୁତିଗାନ କରୁଥିବାର ଦେଖାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ, ଉପସ୍ଥିତ ସମସ୍ତ ଭକ୍ତଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅରୁଣ କୁମାର ତାତି, ରିତେଶ ସାହୁ, ଡକ୍ଟର ସତ୍ୟନାରାୟଣ ତାତି, ସିକନ୍ଦର ଠାକୁର, ଫେକୁ ମହାତୋ, ପାର୍ବତୀ ସାହୁ, ପିଙ୍କି ଭର୍ମା, ଆରତୀ କୁମାରୀ, ମୁସ୍କାନ ବାଗ ଏବଂ ଅଞ୍ଜୁ କୁମାରୀଙ୍କ ସମେତ ଅନେକ ଭକ୍ତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ନାଳରେ ମାଆ ଓ ଶିଶୁପୁତ୍ରର ଗଳିତ ଶବ

ପାରଳାଖେମୁଣ୍ଡ,୩।୬ (ନିପ୍ର): ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ କିନ୍ତାସାହି ନିକଟସ୍ଥ ଏକ ନାଳରୁ ଆଜି ଅବନ୍ତୀ ଦଳବେହେରା (୩୨) ଓ ତାଙ୍କ ଚାରିବର୍ଷର ଶିଶୁପୁତ୍ରର ଗଳିତ ଶବ ମିଳିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ତେବେ ଏହା ହତ୍ୟା ନା' ଅଘଟଣ ଏନେଇ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରିନି । ପାରିପାର୍ଶ୍ୱିକ ସ୍ଥିତିରୁ ଉଭୟଙ୍କ ଶବ ୫ ଦିନରୁ ଅଧିକ ଦିନ ଧରି ପଡ଼ିଥିବା ଅନୁମାନ କରାଯାଉଛି । ସୂଚନା ପ୍ରକାରେ, ନାଳ ଭିତରେ ଦୁଇଟି ଗଳିତ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ରାମଗିରି ଥାନାକୁ ଖବର ଦେଇଥିଲେ । ଅନୁଧ୍ୟାନ ବେଳେ ମୃତଦେହ କିନ୍ତାସାହି ଗ୍ରାମର କେଶବ ଶବରଙ୍କ ପତ୍ନୀ ଅବନ୍ତୀଙ୍କର ବୋଲି ଜଣାପଡ଼ିଥିଲା । ସେମାନଙ୍କ ଶରୀର ସଂପୂର୍ଣ୍ଣ ଧଳା ପଡ଼ିଯାଇଥିବା ବେଳେ ଶିଶୁଟିର ଶରୀରରେ ଆଘାତ ଚିହ୍ନ ରହିଛି । ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନ୍‌ଭିନ୍ କରିଥିଲା । ଉଭୟ ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରାମଗିରି ଥାନାଧିକାରୀ ଡି.ଗଜପତି ଦୋରା ସୂଚନା ଦେଇଛନ୍ତି ।

# ଅବକାରୀ ଚଢ଼ାଉ : ୧୧ ଗିରଫ ସହିତ ୨୧୧ ଲିଟର ମଦ ଜବତ

ରାଉରକେଲା,୩।୬ (ନିପ୍ର): ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଉଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ବେଦବ୍ୟାସ, ଚିକଟମାଟି ଓ ବାଗବୁଡି ଅଞ୍ଚଳରେ ଚଢ଼ାଉ କରାଯାଇ ମୋଟ ୧୧ ଗୋଟି କେଶ ରୁଜୁ କରାଯିବା ସହିତ ୧୬୬ ଲିଟର ବେଆଇନ ମହୁଲି ମଦ, ୪୫ ଲିଟର ବାହାର ଭାଟି ମହୁଲି ମଦ ଜବତ କରାଯାଇଛି ।



ଘଟଣାରେ ସମ୍ପୃକ୍ତ ଥିବା ୧୧ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ମଧ୍ୟରେ ରବି ଲୋହାର, ରାଧିକା ଲୋହାର, ଇନ୍ଦୁଆ ବେକ୍, ରାହୁଲ ସିଂ, ସୁନିତା ବରୁଆ, ମସ୍ତୁ କୁମ୍ଭାର, ସରୋଜିନୀ କିଷାନ, କର୍ମୀ ଲାକ୍ରା ଏବଂ ରାମି ଲାକ୍ରା ରହିଛନ୍ତି । ଏହି ଚଢ଼ାଉରେ ଅବକାରୀ ଇନିସପେକ୍ଟର ମୋହନ ପଧାନ ଓ ଇନିସପେକ୍ଟର ହେମନ୍ତ ମହାନନ୍ଦିଆ, ଏଏସ୍‌ଆଇ ବିନୋଦିନୀ ବେହେରା, ବିଦ୍ୟୁତ ଭୂଷଣ ଦାଶ, ଆଲୋକ ପ୍ରଧାନ ଓ ଯୁବରାଜ ବାଗଙ୍କ ସମେତ ହେମ ମଞ୍ଜରୀ ବିଶ୍ୱାଳ, ଗୋବର୍ଦ୍ଧନ ବିଶି, ସୌମ୍ୟ ରଞ୍ଜନ ସାହୁ, ଆୟେଶା ମିଂଜ୍, ତ୍ରିଲୋଚନ ପାଢ଼ୀ, ଆକାଶ ପଟେଲ, ନବୀନ ଭୂୟାଁ, ପ୍ରଦୀପ ଲୁଗୁନ, ବବୁଲ ସ୍ୱାଇଁ, ଭିକ୍ଟୋରିଆ ଡୁଙ୍ଗଡୁଙ୍ଗ, ଟେରେସା ବାର୍ଲା, ଲିଳିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ, ଜଗନ୍ନାଥ ମୁଣ୍ଡାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିକଳାଙ୍ଗ ଚାଷୀଙ୍କୁ ମିଳୁନି ଟୋକନ, ପଡ଼ିରହିଛି ୧୫୦ ବସ୍ତା ଧାନ

## ଅଭିଯୋଗ ପୋର୍ଟାଲରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ

କୁଚିଣ୍ଡା,୩।୬ (ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ଲ୍ୟାମ୍ପସ ଅଧୀନସ୍ଥ ଖରସନମାଲ ଗ୍ରାମର ଜଣେ ବିକଳାଙ୍ଗ ଚାଷୀଙ୍କୁ ଟୋକନ ନମିଳିବା ଯୋଗୁଁ ତାଙ୍କର ପ୍ରାୟ ୧୫୦ ବସ୍ତା ଧାନ ପଡ଼ିରହିଛି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ରବି ଫସଲର ଧାନ ବିକ୍ରି ପାଇଁ ସେ ରେଜିଷ୍ଟ୍ରେସନ କରିଥିଲେ । ମାତ୍ର ବର୍ତ୍ତମାନ ତାଙ୍କ ରେଜିଷ୍ଟ୍ରେସନ ହୋଇନଥିବା ଯୋଗୁଁ ତାଙ୍କ ଟୋକନ ଆସିପାରିନାହିଁ ବୋଲି ଲ୍ୟାମ୍ପସ କର୍ତ୍ତୃପକ୍ଷ କହୁଛନ୍ତି । ହେଲେ ଚାଷି ରେଜିଷ୍ଟ୍ରେସନ ପାଇଁ ଆସି ଓଟିପି ଏବଂ ଆଖି ସ୍କାନ କରିଥିଲେ ମଧ୍ୟ ପରବର୍ତ୍ତି ସମୟରେ ତାଙ୍କ ଟୋକନ ଆସିନଥିଲା ଯାହା ଫଳରେ ସେ ଲ୍ୟାମ୍ପସ କର୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ ।

କିନ୍ତୁ ତାଙ୍କ ଟୋକନ ନଆସିବାରୁ ତାଙ୍କ ୧.୬୫ ଏକରରେ ଅମଳ ହୋଇଥିବା ପ୍ରାୟ ୧୫୦ ପକେଟ ଧାନ ସେ ବିକ୍ରି କରିପାରୁନାହାନ୍ତି । ଫଳରେ ବିକଳାଙ୍ଗ ଚାଷୀ ସୁଶାନ୍ତ ପ୍ରଧାନ ବାରମ୍ବାର ଲ୍ୟାମ୍ପସକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡିଛନ୍ତି । ଏହି ସମସ୍ୟାର ସମାଧାନ ଏବଂ କେଉଁ ଭୁଲ ପାଇଁ ସେ ଆଜି ଧାନ ବିକ୍ରି କରିବାରୁ ବଞ୍ଚିତ ରହିଛନ୍ତି ତାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ଅଭିଯୋଗ କରିଛନ୍ତି । ସୁଶାନ୍ତ ପ୍ରଧାନ ରକ୍ତହୀନତା ରୋଗରେ ପିଡୀତ ଥିବାରୁ ସରକାର ତାଙ୍କୁ ୪୦ ପ୍ରତିଶତ ବିକଳାଙ୍ଗ ଘୋଷଣା କରିଛନ୍ତି । ଏଭଳି ପରିସ୍ଥିତିରେ ସେ ଏ କାର୍ଯ୍ୟାଳୟରୁ



ସେ କାର୍ଯ୍ୟାଳୟ ଦୌଡ଼ି ବାକୁ ଅକ୍ଷମ ଥିବାରୁ କେଉଁ କାରଣରୁ ଏଭଳି ହେଲା ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ସମବାୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଜଣେ ବିକଳାଙ୍ଗ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି । ଏପରିକି ଯଦି ଶ୍ରୀ ପଧାନ ଧାନ ବିକ୍ରି କରିବାରୁ ବଞ୍ଚିତ ହେବାରୁ ସେ ମାନସିକ ଚାପ ସହିତ ଆର୍ଥିକ କ୍ଷତି ଏବଂ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ମଧ୍ୟ ଜଣାଇଛନ୍ତି । ଏଣୁକରି ଘଟଣାର ନିରପେକ୍ଷ ତଦନ୍ତ ସହିତ ଯଥାଶୀଘ୍ର ଧାନ ଟୋକେନ୍ ଜାରି କରାଯିବା ପାଇଁ ସେ ଦାବି କରିଛନ୍ତି । ଏ ସମ୍ପର୍କରେ କୁଲୁଣ୍ଡି ଲ୍ୟାମ୍ପସ ଏମଡିଙ୍କୁ ପଚାରିବାରୁ ସେ ଆମକୁ ତାଙ୍କ ସମସ୍ୟା ବାବଦରେ ଲିଖିତ ଅଭିଯୋଗ କରିଥିଲେ ଏବଂ ଆମ୍ଭେ ଆମ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ଓ ଚାଷିଙ୍କ ଧାନ କିଭଳି ବିକ୍ରି ହେବ ସେ ଦିଗରେ ଆମେ ଚେଷ୍ଟା କରୁଛୁ ବୋଲି ତାଙ୍କ ପ୍ରତିକ୍ରିୟା ରେ କହିଥିଲେ ।

# ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର କଚ୍ଛପ ଗତି

ରାଉରକେଲା,୩।୬ (ନିପ୍ର): ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଧାର୍ଯ୍ୟ ସମୟ ଠାରୁ ବିଳମ୍ବରେ ପହଞ୍ଚିବା ନେଇ ସୂଚନା ମିଳିଲେଣି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସୂଚନା ଅନୁସାରେ, ଜୁନ୍ ୧ ତାରିଖ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁବା କଥା, କିନ୍ତୁ ଯାହା ସୂଚନା ମିଳୁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଳମ୍ବରେ କେରଳ ଛୁଇଁବ । ଗତ ଚାରି ଦିନ ପୂର୍ବରୁ ଆଇଏମଡି ସଚିବ ଡକ୍ଟର ଏମ୍. ରାଜୀବନ ଏବଂ ଆଇଏମଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଏକ ସାମ୍ବାଦିକ ସମ୍ମିଳନୀର ଅନୁଯାୟୀ, ଜୁନ୍ ମାସରେ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ, ଯଦିଓ ତାପମାତ୍ରା ହାରାହାରି ରହିବ । ଏଲ୍ ନିନୋ ଜୁଲାଇରେ ମୌସୁମୀ ବର୍ଷାକୁ ଆହୁରି ହ୍ରାସ କରିବ ବୋଲି ଆଶା କରାଯାଉଛି, କିନ୍ତୁ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ପରିସ୍ଥିତିରେ ଉନ୍ନତି ଆସିପାରେ ଏବଂ ନିଅଣ୍ଟକୁ ପ୍ରତିହତ କରାଯାଇପାରିବ ।

# ବୌଦ୍ଧ ଜିଲ୍ଲାରେ ଆଇଏମଏଫଏଲ୍ ଦୋକାନ ବଣ୍ଟନ

ବୌଦ୍ଧ, ୩/୬ (ନିପ୍ର): ବୌଦ୍ଧ ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷ ପାଇଁ ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକର ବଣ୍ଟନ ନିମନ୍ତେ ଆଜି ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଖୋଲା ଲଟେରି ପ୍ରକ୍ରିୟା ସଫଳତାର ସହ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲଟେରି ପ୍ରକ୍ରିୟାରେ ଜିଲ୍ଲାର ୧୦ଟି ଆଇଏମଏଫଏଲ୍ ଦୋକାନ ପାଇଁ ମୋଟ ୧୩୭ଟି ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ସୂଚନା ଅନୁଯାୟୀ, ବାଉଁଶୁଣୀ ଦୋକାନ ପାଇଁ ସର୍ବାଧିକ ୩୦ଟି ଏବଂ କଣ୍ଟାମାଳ ଦୋକାନ ପାଇଁ ୨୯ଟି ଆବେଦନ ପତ୍ର ଦାଖଲ ହୋଇଥିଲା । ଲଟେରି ପ୍ରକ୍ରିୟାକୁ ୧୦ଟି ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିବା ବେଳେ ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା । ଏହି ଲଟେରି ପ୍ରକ୍ରିୟା ମାଧ୍ୟମରେ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ମିଳିଛି । ମୋଟ ୧୩୭ଟି ଆବେଦନ ପତ୍ର ପାଇଁ ପ୍ରତ୍ୟେକ ଆବେଦନ ବାବଦରେ ୩ ଲକ୍ଷ ଟଙ୍କା ହିସାବରେ ସରକାରଙ୍କ ରାଜକୋଷକୁ ୪ କୋଟି ୧୧ ଲକ୍ଷ ଟଙ୍କା ଆବେଦନ ଶୁଳ୍କ ବାବଦରେ ଆଦାୟ ହୋଇଛି । ଲଟେରି ରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଆବଶ୍ୟକ ଦଲିଲପତ୍ର ଯାଞ୍ଚ ପରେ ଏବଂ ନିର୍ଦ୍ଧାରିତ ଫି ଜମା କରିବା ପରେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ । ଲଟେରିର ଫଳାଫଳ ଇ-ଅବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି । ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା




ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସଭାଗୃହ ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଞ୍ଚ କରାଯାଇଥିବା ବେଳେ କେବଳ ଆବେଦନକାରୀ ଏବଂ ସେମାନଙ୍କ ଅନୁମୋଦିତ ପ୍ରତିନିଧିଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିଲା । ଆବେଦନକାରୀଙ୍କ ସୁବିଧା ପାଇଁ ପ୍ରଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ ସେବାର ବ୍ୟବସ୍ଥା କରାଯାଇଥିଲା । ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଥିଲା । ଲଟେରି ପ୍ରକ୍ରିୟା ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ, ପୁଲିସ ବିଭାଗ ଏବଂ ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଆଖିରେ ପୁଟୁଳି ବନ୍ଧା ଯାଇ ଲଟେରୀ ଉଠାଣ କରାଯାଇଥିଲା । ଏହି ସମୟ ରେ ଜିଲ୍ଲା ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ଏସ୍‌ଡିପିଓ ଲାରେନ୍ ରାଉତରାୟ, ବୌଦ୍ଧ ଆଇଆଇସି ନଳିନୀ କାନ୍ତ ଦାସ, ସମସ୍ତ ଡେପୁଟି କଲେକ୍ଟର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଝଲସିବ ଜଟଣୀ,କୋଟିଏ ୩୧ ଲକ୍ଷ ଟଙ୍କାର ଆଲୋକୀକରଣ ପ୍ରକଳ୍ପ ଶିଳାନ୍ୟାସ କଲେ ସାଂସଦ ଅପରାଜିତା

ଜଟଣୀ,୩।୬ (ନିପ୍ର): ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜଟଣୀ ବାସୀଙ୍କୁ ପୁଣି ଥରେ ଏକ ବଡ ଭେଟି ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ପ୍ରଥମେ ଜଟଣୀକୁ ବିଭିନ୍ନ ଆଡୁ ସଂଯୋଗ କରୁଥିବା ରାସ୍ତା ଉନ୍ନତି କରଣ ପରେ ଆଜି ରାସ୍ତା ଆଲୋକୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ । ଜଟଣୀ ଅଞ୍ଚଳରେ ୨ୟ ବୃହତ୍ ଆଲୋକୀକରଣ ପ୍ରକଳ୍ପ ଭାବରେ ୧କୋଟି ୩୧ ଲକ୍ଷ ଟଙ୍କାର ଅଟକଳରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ,ଏଥିରେ ଜଟଣୀ ଗେଟ୍ ନିକଟରୁ ଷଣ୍ଢପୂର୍ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଓ ଫ୍ଲାଏ ଓଭରବ୍ରିଜ୍ ଠାରୁ କୁଦିଆରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା କୁ ଷ୍ଟ୍ରିଟ୍ ଲାଇଟ୍ ଦ୍ୱାରା ଆଲୋକୀକରଣ କରାଯିବ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଏହି କାର୍ଯ୍ୟ ହେଉଥିବା ବେଳେ ଏହି ରାସ୍ତା ଆଲୋକୀକରଣରେ ୧୨୫ଟି ଗୋଟିକିଆ ଓ ୪୦ଟି ଦୁଇଟିକିଆ ୯୦ୱାଟ ସମ୍ପନ୍ନ ଲାଇଟ୍ ଖୁମ୍ବ ଲାଗିବାର ଯୋଜନା ରହିଛି । ଯେଉଁଥିରେ ମୋଟ୍ ୨୦୫ ଟି ଲାଇଟ୍ ବ୍ୟବହୃତ ହେବ । ଆସନ୍ତା ୪୫ଦିନ ମଧ୍ୟରେ ଏହି ପ୍ରକଳ୍ପ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ,ଏହି ଆଲୋକୀକରଣ କାର୍ଯ୍ୟ ହେବା ଦ୍ୱାରା ଜଟଣୀ ଅଞ୍ଚଳ ବାସୀ ଙ୍କୁ ବେଶ୍ ସୁବିଧା ହେବା ସହିତ ଅଞ୍ଚଳରେ ଅପରାଧିକ ଗତିବିଧି ହ୍ରାସ ପାଇବାରେ ସହାୟକ ହେବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ।

ଅନ୍ୟପଟେ 'ବିକାଶ ର କୌଣସି ଦଳ ନଥାଏ । ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା' କଥାକୁ ପୁନର୍ବାର ଦୋହରାଇଛନ୍ତି ଅପରାଜିତା । ସାଂସଦଙ୍କର ଏହି କାର୍ଯ୍ୟକୁ ଜଟଣୀ ବାସୀଙ୍କ ସମେତ ବିଭିନ୍ନ ଦିଗରୁ ବେଶ୍ ପ୍ରଶଂସା କରାଯାଇଥିବା ବେଳେ, ଆଗାମୀ ଦିନରେ ମିଳିତ ପ୍ରୟାସରେ ଏହିଭଳି



ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ଅପରାଜିତା । ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ସମ୍ମାନିତ ଅତିଥି ଭାବରେ ଜଟଣୀ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟ, ଜଟଣୀ ପୌରାଧକ୍ଷ ଅନନ୍ତ ବେହେରା,ଉପାଧକ୍ଷା ଆରତୀ ରାଉତ,ଖୋର୍ଦ୍ଧା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜଟଣୀ ପୌର ନିର୍ବାହୀ ଅଧିକାରୀ ଆକୃତି ଗୋଇଁକା, ଭୁବନେଶ୍ୱର ଉନ୍ନୟନ କରତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ ସଂଗ୍ରାମ କେଶରୀ ମିଶ୍ର, ସାଂସଦ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ପାରମ୍ପରୀକ ମତ୍ସ୍ୟଜୀବୀଙ୍କ ଆହାର ଛଡାଇ ନ ନେବା ପାଇଁ ଚେତାବନୀ

ରମ୍ଭା,୩।୬ (ନିପ୍ର): ଚିଲିକାରେ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ତହସିଲ ଜରିଆରେ ୪୦ହଜାର ଏକର ଜବରଦାଖଲ ଚିଙ୍ଗୁଡ଼ି ଘେରି ଗଢି ଉଠିଛି । ଏହି ଘୋଟଲା ଆର. ଆଇ, ତହସିଲଦାର, ଉପଜିଲ୍ଲାପାଳ ଓ ପୋଲିସ ରାଜନେତା ଦ୍ୱାରା ମାଫିଆଙ୍କୁ ମତ୍ସ୍ୟ ସୈରାତ ଜାଗା ନିରୀହ ମତ୍ସ୍ୟଜୀବୀଙ୍କ ଆହାର ଛଡେଇ ନେଉଛନ୍ତି ।

୪ହଜାରରୁ ଉର୍ଦ୍ଧ୍ୱ ମଶାରୀ ଚିଙ୍ଗୁଡ଼ି ଘେରି କରିଛନ୍ତି, ଚଟେଇ କୋଣ, (ସାନ ଅଳ )ଜମ୍ବଲ, ଗେରାଶର, ଚିକଲ ଖଣି, ବୁଦ୍ଧିବର, ଡିଆଁ କୁଦା, ପେଣ୍ଡଧୁଆ (ନୂଆପଡା )ସିପିଆ,ସାଂକୁସିଆ, ପୋଡାଖିଆ, ଗୀନାପାଲି ଗରଗରୀ ଦେଉଳିଆ, ଗୋବରୀ, ବାହାର ତତରା,ତଳରୀଗୁଡା, ଅନ୍ୟାନ୍ୟ ପାରମ୍ପରିକ ମତ୍ସ୍ୟ ସୈରାତ ପାରମ୍ପରିକମାଛ ମରା ପଦ୍ଧତି ଜାଣ,ତାଟ,ଖଟି ଓ ଖନ୍ଦା ପ୍ରଭୃତି ସ୍ଥାନ ମାନଙ୍କରେ ଚିଙ୍ଗୁଡ଼ି ଘେରି କରି



ମତ୍ସ୍ୟଜୀବୀଙ୍କ ପେଟକୁ ଲାତ ମାରିଛନ୍ତି ଫଳରେ ୭୦ ଭାଗ ମତ୍ସ୍ୟଜୀବୀ ଦାଦନ ଖଟି ନିର୍ଯ୍ୟାତିତ ହେଉଛନ୍ତି.ବର୍ଷକ ୨୦ ହଜାର କୋଟି ମାଫିଆ, ଦଲାଲ ଓ ପ୍ରଶାସନ ଲୋଟୁଛନ୍ତି । ସେଥିପାଇଁ ୨୦୧୮ମସିହା ଠାରୁ ପ୍ରଶାସନ ଲିଜ ଏଗ୍ରିମେଣ୍ଟ ବା ମତ୍ସ୍ୟ ଉପଗୁତା ବନ୍ଦ କରିଛନ୍ତି । ସେହି ଉପଗୁତା ତହସିଲ ଜରିଆରେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମାଧ୍ୟମରେ ସରକାର ପାଖକୁ କୋଟି କୋଟି ଟଙ୍କା ତହବିଲ ଆକାର ପହଂଚୁଥିଲା । ଏଣୁ ଏହା ସରକାରଙ୍କୁ କ୍ଷତି ପହଞ୍ଚାଇ ପ୍ରଶାସନ, ଚିଙ୍ଗୁଡ଼ି ମାଫିଆ ମାଲାମାଲ ହେଉଛନ୍ତି ମତ୍ସ୍ୟଜୀବୀ ଯେଉଁ ଗରିବକୁ ସେହି ଗରିବ ହେଉଛନ୍ତି । ସି. ଡି. ଏ ମଧ୍ୟ ଠିକ ରୂପ ରେଖା ଦେଉନାହାନ୍ତି, ସାଟଲାଇଟ ଭୁଲ ରିପୋର୍ଟ ବନାଉଛନ୍ତି । ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ମୌଳିକ ଅଧିକାର ନମିଳିଲେ ଓ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନହେଲେ ଚିଲିକା ଭିତରେ ମତ୍ସ୍ୟଜୀବୀ ଚିଙ୍ଗୁଡ଼ି ଘେରି ଭାଙ୍ଗିବାକୁ ପଛଘୁଞ୍ଚା ଦେବ ନାହିଁ ଆଇନ ହାତକୁ ନେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ମତ୍ସ୍ୟଜୀବୀ ଦାବି କରିଛନ୍ତି

# ୩୭ ଜଣ ମାଗଣା ଚକ୍ଷୁ ଚିକିତ୍ସା

ରମ୍ଭା,୩।୬ (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭାର ଗାୟତ୍ରୀ ଶକ୍ତିପୀଠ ପରିସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩୭ ଜଣଙ୍କ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରିକ୍ଷା କରାଯାଇ ତନ୍ମଧ୍ୟରୁ ୧୦ ଜଣଙ୍କୁ ପରଳ ଅପରେସନ ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି । ସହ-ସଂଯୋଜକ ରମ୍ଭାର ରବି ନାରାୟଣ ସେନାପତି, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ, ସମାଜସେବୀ ସତ୍ୟ ନାରାୟଣ ଆଚରୀ ଏବଂ ଟୁକୁନା ତରାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା । ଏହି ଶିବିରରେ ଉମାକାନ୍ତ ସାହୁ ଏବଂ ଚିକିତ୍ସାଳୟର ଟିମ୍ ମ୍ୟାନେଜର ଚିତ୍ରସେନ ଗୌଡ ଏବଂ ତାଙ୍କର ସହଯୋଗୀ କର୍ମଚାରୀମାନେ ଶିବିରରେ ରୋଗୀଙ୍କୁ ପରୀକ୍ଷା କରିବା ସହିତ ୧୦ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟ, ସମର ଝୋଳ ପଠାଯାଇଥିବା ଜଣାଯାଇଛି ।

# ବୌଦ୍ଧ ଏସପି ଭାବେର କୁଳଦୀପ ମୀନାଙ୍କ ଦାୟୀତ୍ୱ ଗ୍ରହଣ

ବୌଦ୍ଧ,୩/୬ (ନିପ୍ର): ବୌଦ୍ଧର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେର କୁଳଦୀପ ମୀନା ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏସପି ରାହୁଲ ଗୋଏଲଙ୍କ ଠାରୁ ଶ୍ରୀମୀନା ଦାୟୀତ୍ୱ ଗ୍ରହଣ କରିଥିଲେ । ଶ୍ରୀ ଗୋଏଲ ସ୍ପେସାଲ ବ୍ରାଂଚ ଏସପି ଭାବେର ବଦଳି ହୋଇଛନ୍ତି । ନୂତନ ଏସପି ଶ୍ରୀମୀନା ଗୋଏଲଙ୍କ ଏଡ଼ି ସି ଥିବା ବେଳେ ତାଙ୍କୁ




ବୌଦ୍ଧ ଏସପି ଭାବେର ବଦଳି ହୋଇଛି । ମୀନା ଦାୟୀତ୍ୱ ଗ୍ରହଣ କରିବା ପେର ନୂତନ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ଜିଲ୍ଲା ଆଇନଶୃଙ୍ଖଳା ଉପରେ ଦୃଷ୍ଟି ଦିଆଯିବ । ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ନିଶାମୁକ୍ତ ଓଡିଶା ଉପରେ ଫୋକସ କରାଯିବ, ଅପରାଧିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏହି ଅବସରେର ସମସ୍ତ ପୁଲିସ ଅଧିକାରୀ ଓ କମର୍ଚାରୀମେନ ବିଦାୟୀ ଏସପିଙ୍କୁ ଏକ ଶୋଭାଯାତ୍ରାେର ସରକାରୀ ବାସଭବନ ପଯ୍ୟର୍ନ୍ତ ନେଇ ଛାଡିଥିେଲ ।

# କଳାସଂସ୍କୃତି ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବୌଦ୍ଧ,୩।୬ (ନିପ୍ର): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ ଠାରେ ବୌଦ୍ଧ ବ୍ଲକ କଳା ସଂସ୍କୃତି ସଂଘ ଓ ହରଭଙ୍ଗା ବ୍ଲକ କଳା ସଂସ୍କୃତି ସଂଘ ମିଳିତ ସହଯୋଗରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଜିଲ୍ଲା ସୁଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ହରଭଙ୍ଗା ବ୍ଲକ କଳାକାର ସଂସ୍କୃତି ସଂଘ ଉପସଭାପତି ବୈକୁଣ୍ଠ ମହାକୁଡ, ବୌଦ୍ଧ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ସ୍ୱାଧୀନ କୁମାର ପରିଡା ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଚନ୍ଦ୍ରକାନ୍ତ ନାୟକ । କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକେର କଳାକାର ମାନଙ୍କର ବିଭିନ୍ନ ସମସ୍ୟା ଉପେର ଆଲୋଚନା କରାଯାଇଥିଲା । ଏହି ଅବସରେର ୪ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା

## ୬୦ ଦେଶ ଉପରେ ଆଉ ୧୨.୫% ଶୁଳ୍କ ଲଗାଇବ ଆମେରିକା

ନୂଆଦିଲ୍ଲୀ, ୩।୬: ଆମେରିକା ଆହୁରି ଶୁଳ୍କ ଲଗାଇବା ଧମକ ଦେଇଛି। ଭାରତ ସମେତ ୬୦ଟି ଦେଶ ଉପରେ ୧୨.୫ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇବାକୁ ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସଟିଆର) ପ୍ରସ୍ତାବ ଦେଇଛି। ବଳପୂର୍ବକ ଶ୍ରମ ଉପଯୋଗ କରି ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଶଗୁଡ଼ିକ ଉପରେ ଏହି ଟିକସ ଲାଗିବ। ଏହି ପ୍ରସ୍ତାବ ଆମେରିକା ବାଣିଜ୍ୟ ଆଇନ ୧୯୭୪ର ଧାରା ୩୦୧ ଅନୁଯାୟୀ ଦିଆଯାଇଛି। ଏହା ଆମେରିକା ସରକାରଙ୍କୁ ବିଦେଶୀ ନୀତି କିମ୍ବା ଅଭ୍ୟାସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାର ଦେଇଛି। ଏହି ଅଭ୍ୟାସକୁ ଆମେରିକୀୟ ବାଣିଜ୍ୟ ଓ ବାଣିଜ୍ୟିକ ସ୍ୱାର୍ଥ ପାଇଁ ଅନୁଚିତ କିମ୍ବା କ୍ଷତିକାରକ ବିଚାର କରାଯାଉଛି। ୟୁଏସଟିଆର୍ କହିଛି ଯେ ୬୦ଟି ଦେଶର ନୀତି, କାର୍ଯ୍ୟ ଓ ଅଭ୍ୟାସ ଅଯୌକ୍ତିକ। କାରଣ ବାଧ୍ୟତାମୂଳକ ଶ୍ରମରେ ତିଆରି ଜିନିଷ ରୋକିବାକୁ ସେମାନେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିନଥିଲେ। ସେମାନଙ୍କ ଅଭ୍ୟାସ ଆମେରିକୀୟ ବାଣିଜ୍ୟ ପ୍ରତି ପ୍ରତିବନ୍ଧକ ଓ ବୋଝ ଥିଲା। ଯେଉଁ ଦେଶଗୁଡ଼ିକ ବାଧ୍ୟତାମୂଳକ ଶ୍ରମ ସାମଗ୍ରୀକୁ ରୋକିବା ଲାଗି କିଛିଟା ପଦକ୍ଷେପ ଗ୍ରହଣ କରିଛନ୍ତି ସେମାନଙ୍କ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲାଗିବ। ଅନ୍ୟ ସବୁ ଦେଶ ଉପରେ ୧୨.୫ ପ୍ରତିଶତର ଅତିରିକ୍ତ ଶୁଳ୍କ ଲାଗୁ କରାଯିବ। ଭାରତ ସେହି ୫୪ଟି ଦେଶ ମଧ୍ୟରେ ସାମିଲ ଅଛି ଯାହା ବଳପୂର୍ବକ ଶ୍ରମ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଆମଦାନିକୁ ନିଷିଦ୍ଧ କରିବା ଓ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଏହି ବର୍ଗରେ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ବାଂଲାଦେଶ, ବ୍ରାଜିଲ, ଚୀନ୍, ଜାପାନ, ଦକ୍ଷିଣ କୋରିଆ, ଶ୍ରୀଲଙ୍କା, ସ୍ୱିଜରଲ୍ୟାଣ୍ଡ, ତୁର୍କୀ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବ୍ରିଟେନ ଓ ଭିଏତନାମ ରହିଛନ୍ତି।

## କ୍ୱେଟା ଟ୍ରେନ୍ ବିସ୍ଫୋରଣର ଜବାବ ୧୭ ଆତଙ୍କୀଙ୍କୁ ନିପାତ କଲା ପାକ୍ ସେନା

ନୂଆଦିଲ୍ଲୀ,୩।୬: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର କ୍ୱେଟା ସହରରେ ଗତ ସପ୍ତାହରେ ଟ୍ରେନ୍ ଉପରେ ହୋଇଥିବା ବୋମା ଆକ୍ରମଣରେ ଜଡ଼ିତ ୧୭ ଜଣ ଆତଙ୍କବାଦୀଙ୍କୁ ଏନକାଉଣ୍ଟର । ପାକିସ୍ତାନୀ ସୁରକ୍ଷା ବାହିନୀ ଏହି ଏନକାଉଣ୍ଟର କରିଛନ୍ତି । ମେ' ୨୪ ତାରିଖରେ କ୍ୱେଟାର ଏକ ଷ୍ଟେସନ ନିକଟରେ ଏକ ସଟଲ୍ ଟ୍ରେନ ଉପରେ ହୋଇଥିବା ସନ୍ଦିଗ୍ଧ ଆତ୍ମଘାତୀ ଆକ୍ରମଣରେ ୩ ଜଣ ସୁରକ୍ଷାକର୍ମୀଙ୍କ ସମେତ ୧୬ ଜଣ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ । ପାକିସ୍ତାନ ସେନାର ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ ଅନୁଯାୟୀ, ଏହି ଘଟଣା ପରେ, ସୁରକ୍ଷା ବାହିନୀ ବେଲୁଚିସ୍ତାନର ବିଭିନ୍ନ ଜିଲ୍ଲାରେ ଅନେକ ଗୁପ୍ତଚର ଆଧାରିତ ଅପରେସନ୍ କରିଥିଲେ, ଯେଉଁଥିରେ ୧୭ ଜଣ ଆତଙ୍କବାଦୀ ନିହତ ହୋଇଥିଲେ । ମାସ୍ତୁଙ୍ଗ, ନୁସ୍କି, ଜେହରି, ଖୁଜଦାର ଏବଂ କେଚ୍ରେ କରାଯାଇଥିବା ଅପରେସନ୍ ସମୟରେ ସୁରକ୍ଷା ବାହିନୀ ଅନେକ ଆତଙ୍କବାଦୀ ଆଡ୍ଡାକୁ ପ୍ରଭାବଶାଳୀ ଭାବରେ ଟାର୍ଗେଟ କରିଥିଲେ । ଫିତନା-ଅଲ୍-ହିନ୍ଦୋସ୍ତାନ ସହିତ ଜଡିତ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟରେ ସେମାନଙ୍କ ମଧ୍ୟରୁ ୧୭ ଜଣ ନିହତ ହୋଇଥିଲେ । ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ବିପୁଳ ପରିମାଣର ବିସ୍ଫୋରକ ଏବଂ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ ଜବତ କରିଛନ୍ତି । ଆତଙ୍କବାଦୀମାନେ ଅନେକ ଆତଙ୍କୀ କାର୍ଯ୍ୟକଳାପରେ ସାମିଲ ଥିଲେ । ପ୍ରଭାବିତ ଅଞ୍ଚଳରେ ଅବଶିଷ୍ଟ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ସର୍ଚ୍ଚ ଅପରେସନ୍ ଜାରି ରହିଛି ।

## ଏୟାର ଇଣ୍ଡିଆ କୋଠାକୁ ୧୬୦୧ କୋଟିରେ କିଣିଲେ ମହାରାଷ୍ଟ୍ର ସରକାର

ନୂଆଦିଲ୍ଲୀ,୩।୬: ମହାରାଷ୍ଟ୍ର ସରକାର ମୁମ୍ବାଇର ଐତିହାସିକ ଏୟାର ଇଣ୍ଡିଆ କୋଠାକୁ ଏୟାର ଇଣ୍ଡିଆ ଆସେଟ୍ସ ହୋଲ୍ଡିଂ ଲିମିଟେଡ୍ ଠାରୁ ୧୬୦୧ କୋଟି ଟଙ୍କାରେ କିଣିଛନ୍ତି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟ ସରକାରଙ୍କ ଅନେକ ବିଭାଗ ସମ୍ମୁଖୀନ ହେଉଥିବା ଦୀର୍ଘକାଳୀନ ସ୍ଥାନ ଅଭାବକୁ ସମାଧାନ କରିବାରେ ସାହାଯ୍ୟ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାର ଏହାର ଅନେକ କାର୍ଯ୍ୟାଳୟକୁ ଏୟାର ଇଣ୍ଡିଆ କୋଠାକୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି, ଯେଉଁଥିରୁ ଅଧିକାଂଶ ବର୍ତ୍ତମାନ ମୁମ୍ବାଇରେ ଭଡା ଘରେ ଚାଲିଛି। ପୂର୍ତ୍ତ ବିଭାଗ ଆଭ୍ୟନ୍ତରୀଣ ନବୀକରଣ କାର୍ଯ୍ୟ କରିବ ଓ ବର୍ଷକ ମଧ୍ୟରେ କୋଠାକୁ ବ୍ୟବହାର ପାଇଁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଧିଗ୍ରହଣ ସହିତ ସରକାରଙ୍କୁ ରାଜ୍ୟର ପ୍ରଶାସନିକ ମୁଖ୍ୟାଳୟ ମନ୍ତ୍ରଣାଳୟ ନିକଟରେ ପ୍ରାୟ ୪୬୪୭୦ ବର୍ଗ ମିଟର କାର୍ଯ୍ୟାଳୟ ସ୍ଥାନ ମିଳିବ। ମହାରାଷ୍ଟ୍ର ସରକାରଙ୍କ ପ୍ରଶାସନିକ ମୁଖ୍ୟାଳୟ 'ମନ୍ତ୍ରଣାଳୟ ଓ ଏହାର ସଂଲଗ୍ନ' କୋଠାରେ ବର୍ଷ ବର୍ଷ ଧରି ସ୍ଥାନର ଅଭାବ ରହିଥିଲା। ୨୦୧୨ରେ ମନ୍ତ୍ରଣାଳୟରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିବା ପରେ ସ୍ଥାନର ଅଭାବ ଦେଖାଯାଇଥିଲା।

## ରୁଷରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ, ୭ ମୃତ



କିଭ,୩।୬ : ୟୁକ୍ରେନରେ ରୁଷ୍ ନିୟନ୍ତ୍ରଣରେ ଥିବା ଡୋନେସ୍କ ଅଞ୍ଚଳରେ ଆଜି ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଆହୁରି ୧୧ ଜଣ ଆହତ ହୋଇଛନ୍ତି। ଡୋନେସ୍କରେ ଆଜି ଏକ ବସ୍ ଉପରେ ଡ୍ରୋନ୍ ମାଡ଼ ହୋଇଥିଲା। ଏହି ବସ୍‌ଟି ମସ୍କୋ ଏବଂ କ୍ରିମିଆର ସିମଫରୋପୋଲ୍ ମଧ୍ୟରେ ଯାତାୟାତ କରେ। ଡ୍ରୋନ୍ ଆକ୍ରମଣରେ ଆହୁରି ୧୧ ଜଣ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ବୁଧବାର ସକାଳେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି, ଗତକାଲି ରାତିରେ ରୁଷ୍ ପରିସରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ଆକ୍ରମଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ୟୁକ୍ରେନରେ ୨୩ ଜଣଙ୍କ ମୃତ୍ୟୁ ହେବାର ଦିନକ ପରେ ଆଜି ୟୁକ୍ରେନ ପାଲଟା ଜବାବ ଦେଇ ରୁଷ୍ ନିୟନ୍ତ୍ରିତ ଅଞ୍ଚଳରେ ଆକ୍ରମଣ କରିଛି।

### ଦିଦିଙ୍କ ଦଳ ଦୁଇଫାଳ

# ବିଦ୍ରୋହୀ ଗୋଷ୍ଠୀର ରୀତବ୍ରତ ହେଲେ ବିରୋଧୀ ଦଳ ନେତା



କୋଲକତା,୩।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଟିଏମସିରେ ଦେଖାଯାଇଥିବା କନ୍ଦଳ ଶେଷରେ ବିସ୍ଫୋରକ ରୂପ ନେଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ବହିଷ୍କୃତ ଟିଏମସି ବିଧାୟକ ରିତବ୍ରତ ବାନାର୍ଜୀ ହୋଇଛନ୍ତି ବେଙ୍ଗଲ ବିଧାନସଭାର ବିରୋଧୀ ଦଳ ନେତା। ବାଚସ୍ପତି ଆଜି ରିତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ମାନ୍ୟତା ଦେଇଛନ୍ତି। ତାଙ୍କୁ ବିଧାନସଭା ପକ୍ଷରୁ ବିରୋଧୀ ଦଳ ନେତାଙ୍କ ପାଇଁ ଉପଲବ୍ଧ ଚ୍ୟାମ୍ବରର ଚାବି ମଧ୍ୟ ହସ୍ତାନ୍ତର କରାଯାଇଛି। ଏହା ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶକ୍ତ ଝଟକା। କାରଣ ମମତା ଓ ତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ମିଳିତ ଭାବେ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଥିଲେ। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବିଧାନସଭା ସଚିବଙ୍କ ପାଖରେ ଦାଖଲ କରାଯାଇଥିଲା। କିନ୍ତୁ ବିଧାୟକଙ୍କ ଦସ୍ତଖତରେ ଜାଲିଆତି ଅଭିଯୋଗ ହୋଇଛି। ଏଥିପାଇଁ ଟିଏମସି ପକ୍ଷରୁ ରିତବ୍ରତ ବାନାର୍ଜୀ ଓ ସନ୍ଦିପନ ସାହାଙ୍କୁ ଟିଏମସି ବହିଷ୍କାର କରାଯାଇଥିଲା। ବାସ୍ ଏହାପରେ ରିତବ୍ରତଙ୍କ ନେତୃତ୍ୱରେ ଏକାଠି ହୋଇଥିଲେ ପ୍ରାୟ ୫୮ ଜଣ ବିଧାୟକ। ଆଜି ସେମାନେ ପ୍ରଥମେ ବାଚସ୍ପତିଙ୍କୁ ଭେଟି ଗୋଟିଏ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଶୋଭଦେବ ଚଟ୍ଟୋପାଧ୍ୟାୟଙ୍କ ବଦଳରେ ସେମାନେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସମର୍ଥନ କରିଥିଲେ। ରିତବ୍ରତ କହିଥିଲେ ଯେ "ଆମେ ଗୋଟିଏ ଟିମ ଭାବେ ଲଢ଼ିଥିଲୁ। ଆମେ ଏବେ ୫୮ ଜଣ ବିଧାୟକ ରହିଛୁ। ଆମେ ପ୍ରମୁଖ ବିରୋଧୀ। ଆଉ ୨ ଜଣ ଆମ ପାଖକୁ ଆସିବେ। କିନ୍ତୁ ସେମାନେ ରାଜ୍ୟ ବାହାରେ ରହିଛି। ବାଚସ୍ପତି ଏହାକୁ ବିଚାରକୁ ନିଅନ୍ତୁ। ଆମ ସହ ଆଉ ଦୁଇ ଜଣ ବିଧାୟକ ସାମିଲ ହେଲେ ସଂଖ୍ୟା ୬୦ ଛୁଇଁବ।"ଏହି ଦାବି ପରେ ରିତବ୍ରତଙ୍କ ପାଖରେ ଦୁଇ ତୃତୀୟାଂଶ ବିଧାୟକଙ୍କ ସମର୍ଥନ ରହିଥିବା ଜଣାପଡ଼ିଥିଲା। ଏଥିପାଇଁ ରିତବ୍ରତଙ୍କୁ ଟିଏମସିର ବିଦ୍ରୋହୀ ନେତାଙ୍କ କଥାରେ ବାଚସ୍ପତି ବିରୋଧୀ ଦଳ ନେତା ଭାବେ ମାନ୍ୟତା ଦେଇଛନ୍ତି। ଟିଏମସି ବେଙ୍ଗଲ ବିଧାନସଭାରେ ୮୦ଟି ଆସନ ଜିତିଥିବାରୁ ଏହାର ଦୁଇ ତୃତୀୟାଂଶ ହେଉଛି ୫୪। ଏପରି ସ୍ଥିତିରେ ବିଦ୍ରୋହୀ ଗୋଷ୍ଠୀ ବେଶ ସହଜରେ ନିଜର ଦାବି ହାସଲ କରିପାରିଛନ୍ତି। ବିରୋଧୀ ଦଳ ନେତା ମାନ୍ୟତା ପାଇବା ପରେ ରିତବ୍ରତ କୌଣସି ନୂଆ ଗୋଷ୍ଠୀ ସପକ୍ଷରେ ନଥିବା ସ୍ପଷ୍ଟ କରିଛନ୍ତି। ସେ ଏବେ ବି ମମତା ବାନାର୍ଜୀଙ୍କୁ ନିଜର ସୁପ୍ରିମୋ ଭାବେ ବିବେଚନା କରୁଥିବା କହିଛନ୍ତି। ରିତବ୍ରତ କହିଛନ୍ତି, "ଆମ ନେତା ହେଉଛନ୍ତି ମମତା ବାନାର୍ଜୀ ଓ ଆମେ ଟିଏମସିର ସଦସ୍ୟ। ଟିଏମସି ବିରୋଧୀ ଦଳ ନେତା ବାଛି ନ ପାରିବା ଅତ୍ୟନ୍ତ ପରିତାପର ବିଷୟ। ଆମେ ଆଗକୁ ଆସି ଦଳକୁ ରକ୍ଷା କରିଛୁ। ଆମେ ଆମ ନେତା ମମତା ବାନାର୍ଜୀଙ୍କୁ ଏହି ପ୍ରସଙ୍ଗରେ ସହମତି ଦେବାକୁ ଅନୁରୋଧ କରୁଛୁ। ଆମେ ତାଙ୍କୁ ମାର୍ଗଦର୍ଶକ ଭାବେ ବିବେଚନା କରୁଛୁ।" ରିତବ୍ରତ ଘୋଷଣା କରିଛନ୍ତି ଯେ ବିଧାନସଭାରେ ଟିଏମସିର ମୁଖ୍ୟ ସଚେତକ ଭାବେ ରଘୁନାଥଗଞ୍ଜ ବିଧାୟକ ଅଖ୍ତରଜମାଣ କାର୍ଯ୍ୟ କରିବେ। ସେହିପରି ଟିଏମସି ବିଧାୟକ ଦଳ ଉପ ନେତା ଭାବେ ଜାଭେଦ ଖାନ, ସନ୍ଦିପନ ସାହା, ସାବିନା ୟାସିମ ଓ ଶିଉଳି ସାହାଙ୍କୁ ଦାୟିତ୍ୱ ମିଳିଛି। ରିତବ୍ରତ ବାନାର୍ଜୀଙ୍କ କହିବା କଥା ଯେ ଟିଏମସି ବେଙ୍ଗଲ ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରିବ। କିନ୍ତୁ କେବଳ ବିରୋଧୀ ଭାବେ ସବୁ ପ୍ରସଙ୍ଗକୁ ବିରୋଧ କରିବ ନାହିଁ। ଦଳର ନେତୃବୃନ୍ଦ ବିରୋଧୀ ଦଳ ନେତା ଚୟନ ବେଳେ ପ୍ରଦତ୍ତ ନିୟମକୁ ମାନି ନଥିଲେ।

## ଅଭିଷେକଙ୍କ ଘରେ ଇଡି

ନୂଆଦିଲ୍ଲୀ,୩।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରଠାରୁ ବଢ଼ିବାରେ ଲାଗିଛି ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କ ଚିନ୍ତା । ହାତରୁ କ୍ଷମତା ଯିବା ଦିନରୁ ଦିଦିଙ୍କ ବେଳା ଖରାପ ପଡ଼ିଛି। ଗୋଟିଏ ପରେ ଗୋଟିଏ ବିଭ୍ରାଟ ହେବାରେ ଲାଗିଛି। ଗୋଟିଏ ପଟେ ଦଳରେ ମହାବିଭ୍ରାଟ ହୋଇଥିବାବେଳେ ଅନ୍ୟପଟେ ଅଭିଷେକ ବାନାର୍ଜୀଙ୍କ ଘରେ ପଶିଛି ଇଡି । ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ଅଭିଯୋଗରେ ଇଡି ପହଞ୍ଚିଥିବା କୁହାଯାଉଛି। ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକଙ୍କ କାଳୀଘାଟସ୍ଥିତ ବାସଭବନରେ ଛାନଭିନ୍ ଆରମ୍ଭ କରିଛି ଇଡି। ସମନ ଲେଖାଥିବା ଏକ ଫାଇଲ ଧରି ଇଡି ଅଧିକାରୀମାନେ ଅଭିଷେକଙ୍କ ବାସଭବନରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ପ୍ରାରମ୍ଭିକ ସୂଚନାରୁ ଶୁଣିବାକୁ ମିଳୁଛି କି, ଇଡି ଅଧିକାରୀମାନେ ନୋଟିସ୍ ଦେବାକୁ ଆସିଥିଲେ । ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ମାମଲାରେ ଜୁନ୍ ୧୫ ତାରିଖରେ ଇଡିରେ ହାଜର ହେବାକୁ ନୋଟିସ୍ ଦିଆଯାଇଛି। ଯାହାକି ଦିଦିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

## ଗ୍ରୀଷ୍ମ ପ୍ରବାହରେ ଉତ୍ତରପ୍ରଦେଶ ଭାରତର ସବୁଠାରୁ ପ୍ରଭାବିତ ରାଜ୍ୟ

ନୂଆଦିଲ୍ଲୀ,୩।୬: ଗ୍ରୀଷ୍ମପ୍ରବାହର ଭୟଙ୍କର ପ୍ରଭାବ ବିଷୟରେ ଚିନ୍ତାଜନକ ତଥ୍ୟ ସାମନାକୁ ଆସିଛି। ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଉତ୍ତରପ୍ରଦେଶରେ ମାତ୍ର ପାଞ୍ଚ ଦିନରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେତୁ ୮,୦୫୬ ଲୋକଙ୍କ ମୃତ୍ୟୁ ଘଟିପାରେ। ଉତ୍ତାପ ସମ୍ବନ୍ଧୀୟ ମୃତ୍ୟୁ ପାଇଁ ଭାରତର ସବୁଠାରୁ ମାରାତ୍ମକ ହଟସ୍ପଟ୍ ପାଲଟିଛି ଏହି ରାଜ୍ୟ। ବୃଦ୍ଧି ପାଉଥିବା ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ବାରମ୍ବାର ଓ ଭୟଙ୍କର ଗ୍ରୀଷ୍ମଲହରିକୁ ଇନ୍ଧନ ଦେଉଛି। ଗବେଷକମାନେ ଚେତାବନୀ ଦେଇଛନ୍ତି ଯେ ଉତ୍ତରପ୍ରଦେଶ ଅତ୍ୟଧିକ ମୃତ୍ୟୁର ସର୍ବାଧିକ ବିପଦର ସମ୍ମୁଖୀନ ହେଉଛି। ଏହି ପରିସଂଖ୍ୟାନ ୨୦୨୪ ଗ୍ରୀଷ୍ମ ଲହରି ସମୟରେ ମୃତ୍ୟୁର ଆକଳନ ଉପରେ ଆଧାରିତ, ଯାହା ସମସ୍ତ ଉତ୍ତାପ ରେକର୍ଡ ଭାଙ୍ଗିଥିଲା। ରେକର୍ଡ ଆରମ୍ଭ ହେବା ପରଠାରୁ ଏହା ପୃଥିବୀର ସବୁଠାରୁ ଉତ୍ତପ୍ତ ବର୍ଷ ଭାବରେ ଉଭା ହୋଇଥିଲା। ୟୁପିରେ ସର୍ବାଧିକ ୮,୦୫୬ ମୃତ୍ୟୁ ହେବାର ପୂର୍ବାନୁମାନ କରାଯାଇଥିବା ବେଳେ, ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ରାଜ୍ୟ ବିହାରରେ ପ୍ରାୟ ୩,୬୧୫ ମୃତ୍ୟୁ ହେବାର ଆକଳନ କରାଯାଇଛି। ଏହା ପଛକୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଯଥାକ୍ରମେ ୨,୯୬୪ ଓ ୨,୬୬୪ ମୃତ୍ୟୁ ଘଟିବ ବୋଲି ଆକଳନ କରାଯାଇଛି। ଏହି ଅଧ୍ୟୟନରେ ମୃତ୍ୟୁ ତଥ୍ୟ, ଜନସଂଖ୍ୟା ଆକଳନ ଓ ଐତିହାସିକ ଜଳବାୟୁ ଡାଟା ବ୍ୟବହାର କରି ଅତ୍ୟଧିକ ଉତ୍ତାପ ସମଗ୍ର ଭାରତର ଜିଲ୍ଲାଗୁଡ଼ିକୁ କିପରି ପ୍ରଭାବିତ କରିପାରେ ତାହାର ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା।

## ମୃତ୍ୟୁର ୪ ମାସ ପରେ ଖେମିନିଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ,୩।୬: ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଶେଷକୃତ୍ୟ ଆସନ୍ତା ଜୁନ୍ ୨୧ ତାରିଖରେ ମସହାଦ ସହରରେ ଅନୁଷ୍ଠିତ ହେବାକୁ ଯାଉଛି। ତାଙ୍କର ପାର୍ଥିବ ଶରୀରକୁ ଇରାନର ଅତ୍ୟନ୍ତ ପବିତ୍ର ଧାର୍ମିକ ସ୍ଥଳ 'ଇମାମ ରେଜା ପୀଠ' ନିକଟରେ କବର ଦିଆଯିବ। ଖେମିନିଙ୍କୁ ହତ୍ୟାର ପ୍ରାୟ ଚାରି ମାସ ପରେ ଏହି ଶେଷକୃତ୍ୟ ସମ୍ପନ୍ନ ହେବାକୁ ଯାଉଛି, ଯାହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି। ଇରାନର ପ୍ରଭାବଶାଳୀ ସାମରିକ ସଂଗଠନ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି) ଏହି ବିଶାଳ ସମାରୋହର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛି। ଏହି ପ୍ରସ୍ତୁତି ଇରାନରେ ଧର୍ମ ଏବଂ ସାମରିକ ଶକ୍ତିର ମିଶ୍ରଣକୁ ସ୍ପଷ୍ଟ ଭାବେ ପ୍ରଦର୍ଶିତ କରୁଛି। ଇରାନ ପ୍ରଶାସନର ଆକଳନ ଅନୁଯାୟୀ, ଏହା ଦେଶର ଇତିହାସରେ ସବୁଠାରୁ ବଡ଼ ଅନ୍ତ୍ୟେଷ୍ଟି କ୍ରିୟା ମଧ୍ୟରୁ ଏକ ହେବ, ଯେଉଁଥିରେ ସାମିଲ ହେବା ପାଇଁ ପ୍ରାୟ ୨ କୋଟି ଶୋକାକୁଳ ଜନତା ମସହାଦରେ ପହଞ୍ଚିବେ।

## ସୋମାଲିଲ୍ୟାଣ୍ଡକୁ ମାନ୍ୟତା ଦେବ ନାହିଁ ଆମେରିକା

ନୂଆଦିଲ୍ଲୀ,୩।୬: ଇରାନ ସହିତ ଏକ ଚୁକ୍ତି ଆଲୋଚନାରେ ବ୍ୟସ୍ତ ଥିବା ଆମେରିକା ଇସ୍ରାଏଲକୁ ଆଉ ଏକ ଝଟକା ଦେଇଛି। ଇସ୍ରାଏଲର ପ୍ରୟାସ ଥିଲା ମଧ୍ୟପ୍ରାଚ୍ୟରେ ଏକ ନୂତନ ଦେଶ, ସୋମାଲିଲ୍ୟାଣ୍ଡ ସୃଷ୍ଟି କରିବା। ତେଲ ଅଭିଭ ସମ୍ପ୍ରତି ସୋମାଲିଲ୍ୟାଣ୍ଡକୁ ସୋମାଲିଆରୁ ଏକ ପୃଥକ ରାଷ୍ଟ୍ର ଭାବରେ ମାନ୍ୟତା ଦେଇଛି। ଇସ୍ରାଏଲ ଆଶା କରିଥିଲା ଯେ ଆମେରିକା ମଧ୍ୟ ଏହାକୁ ଏକ ନୂତନ ରାଷ୍ଟ୍ର ଭାବରେ ମାନ୍ୟତା ଦେବ, କିନ୍ତୁ ୱାସିଂଟନ ସୋମାଲିଆର ଏକତା ଏବଂ ଅଖଣ୍ଡତାକୁ ସ୍ପଷ୍ଟ କରିଛି। ଏକ ରିପୋର୍ଟ ଅନୁଯାୟୀ, ସାଉଦି ଆରବ ଏବଂ ଅନ୍ୟାନ୍ୟ ଆରବ ଦେଶମାନଙ୍କ ଚାପ ପରେ, ଆମେରିକା ସୋମାଲିଆର ଏକତା ଏବଂ ଅଖଣ୍ଡତାକୁ ସ୍ପଷ୍ଟ କରିଛି। ଏହାର ଅର୍ଥ ହେଉଛି ଆମେରିକା ବର୍ତ୍ତମାନ ପାଇଁ ସୋମାଲିଲ୍ୟାଣ୍ଡକୁ ଏକ ଦେଶ ଭାବରେ ମାନ୍ୟତା ଦେବ ନାହିଁ। ଆମେରିକାର ବୈଦେଶିକ ବିଭାଗ ସୋମାଲିଲ୍ୟାଣ୍ଡ ଉପରେ କଂଗ୍ରେସକୁ ଏକ ରିପୋର୍ଟ ପ୍ରଦାନ କରିଛି।

## ମୋଦିଙ୍କୁ ଭେଟିଲେ ନେପାଳ ଶାସକ ଦଳର ଅଧ୍ୟକ୍ଷ

## ଏକାଠି କାମ କରିବାର ପ୍ରତିବଦ୍ଧତାକୁ ଦୋହରାଇଲେ ଦୁଇ ଦେଶ



ନୂଆଦିଲ୍ଲୀ,୩।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳର ନ୍ୟାସନାଲ ଇଣ୍ଡିପେଣ୍ଡେଣ୍ଟ ପାର୍ଟିର ଅଧ୍ୟକ୍ଷ ରବି ଲାମିଛାନେଙ୍କୁ ଭେଟି ଭାରତ-ନେପାଳ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ଆଲୋଚନା କରିଛନ୍ତି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏକ ସହଭାଗୀ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ଏକାଠି କାମ କରିବାର ଲାମିଛାନେଙ୍କ ଇଚ୍ଛାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଅନୁଯାୟୀ ନେପାଳ ଏକ ପ୍ରାଥମିକତା ଅଂଶୀଦାର ଏବଂ ଭାରତ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ଏବଂ ବହୁମୁଖୀ ସମ୍ପର୍କକୁ ନୂତନ ଉଚ୍ଚତାକୁ ଉଠାଇବା ପାଇଁ ନୂତନ ସରକାରଙ୍କ ସହିତ କାମ କରିବାକୁ ଅପେକ୍ଷା କରିଛି। ଏହା ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବି ଲାମିଛାନେଙ୍କ ନେତୃତ୍ୱରେ ଏକ ନେପାଳୀ ପ୍ରତିନିଧିମଣ୍ଡଳୀକୁ ଭେଟିଥିଲେ। ଅମିତ ଶାହ ନ୍ୟାସନାଲ ଇଣ୍ଡିପେଣ୍ଡେଣ୍ଟ ପାର୍ଟିର ନିର୍ବାଚନୀ ବିଜୟ ପାଇଁ ଲାମିଛାନେଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ନୂତନ ସରକାରଙ୍କ ସଫଳତା ପାଇଁ ଭାରତର ଶୁଭକାମନା ଜଣାଇଥିଲେ। ଉଭୟ ପକ୍ଷ ସ୍ୱତନ୍ତ୍ର ଭାରତ-ନେପାଳ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଏକାଠି କାମ କରିବାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ, ଦୁଇ ଦେଶ ମଧ୍ୟରେ ସହଯୋଗ ଏବଂ ପାରସ୍ପରିକ ବିଶ୍ୱାସକୁ ଆଗକୁ ବଢାଇବା ଉପରେ ସକାରାତ୍ମକ ଆଲୋଚନା ହୋଇଛି। ରବି ଲାମିଛାନେ ତାଙ୍କର ଭାରତ ଗସ୍ତ ସମୟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ମଧ୍ୟ ସାକ୍ଷାତ କରିଛନ୍ତି। ବୈଠକ ପରେ, ଲାମିଛାନେ କହିଛନ୍ତି ଯେ ନୂଆଦିଲ୍ଲୀରେ ଜୟଶଙ୍କରଙ୍କ ସହ ତାଙ୍କର ଏକ ବହୁତ ଗଠନମୂଳକ ଆଲୋଚନା ହୋଇଛି, ଯେଉଁଥିରେ ନେପାଳ-ଭାରତ ସମ୍ପର୍କକୁ ମଜବୁତ କରିବା, ବିକାଶ ସହଭାଗୀତା ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗ ବିସ୍ତାର କରିବା ଉପରେ ଆଲୋଚନା ହୋଇଛି। ଜୟଶଙ୍କର କହିଛନ୍ତି ଯେ, ଆଲୋଚନାର କେନ୍ଦ୍ର ବିନ୍ଦୁ ଭାରତ-ନେପାଳ ବିକାଶ ସହଭାଗୀତା ଏବଂ ଦୃଢ଼ ଲୋକ-ଲୋକ ସମ୍ପର୍କ ଥିଲା, ଯାହା ଉଭୟ ଦେଶର ପ୍ରଗତି ଏବଂ ସମୃଦ୍ଧିକୁ ଆଗକୁ ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

## ବାଣିଜ୍ୟ ରାଜିନାମାର ୯୯% ଚୂଡ଼ାନ୍ତ: ଆମେରିକା

ନୂଆଦିଲ୍ଲୀ,୩।୬: ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ବାଣିଜ୍ୟ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର କହିଛନ୍ତି ଯେ ରାଜିନାମାର ୯୯ ପ୍ରତିଶତ ଚୂଡ଼ାନ୍ତ ହୋଇସାରିଛି। ଶେଷ ୧ ପ୍ରତିଶତ ପ୍ରସଙ୍ଗ ନେଇ ଆଲୋଚନା ହେଉଛି। ସେ ନେଇ ଶୀଘ୍ର ସହମତି ହୋଇଯିବ। ସେଥିପାଇଁ ଆମେରିକୀୟ ପ୍ରତିନିଧି ନୂଆଦିଲ୍ଲୀ ଆସିଛନ୍ତି। ସେମାନେ ଗୁରୁବାର ଦିନ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଥିବା ଗୋର କହିଛନ୍ତି। ଭାରତ ସହ ବାଣିଜ୍ୟ ଆଲୋଚନା ଲମ୍ବା ସମୟ ଧରି ଚାଲିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ରାଜିନାମା ହେବାକୁ ୧୯ ବର୍ଷ ଲାଗିଥିବା ବୋଲି ସେ ମନେ ପକାଇଦେଇଛନ୍ତି।

### ଅଶାନ୍ତ ହର୍ମୁଜ ପ୍ରଣାଳୀ

# କୁଏତ ବିମାନବନ୍ଦର ଉପରେ ଇରାନର ମିସାଇଲ ମାଡ଼



କୁଏତ,୩।୬: ଗଲ୍ଫ ବା ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଯୁଦ୍ଧ ଆଜି ଆହୁରି ଭୟାନକ ରୂପ ଧାରଣ କରିଛି। ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ । ଆରମ୍ଭ ହେଲେ ଘମାଘୋଟ ଲଢ଼େଇ । ଆମେରିକା ଓ ଇରାନ ମଧ୍ୟରେ ଲଢ଼େଇ । ଉଭୟ ପରସ୍ପର ଉପରେ ଆକ୍ରମଣ କରିଛନ୍ତି । ଆମେରିକା ଉପରେ ପ୍ରତିଶୋଧ ନେବାକୁ ଯାଇ ଇରାନ, କୁଏତ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଛି । ସେପଟେ କୁଏତ ଆକ୍ରମଣକୁ ନିନ୍ଦା କରିବା ସହିତ ଏୟାର ଡିଫେନ୍ସ ସିଷ୍ଟମ ସାହାଯ୍ୟରେ ଶତ୍ରୁପକ୍ଷର ମିସାଇଲ୍ ଏବଂ ଡ୍ରୋନକୁ ନଷ୍ଟ କରିଦେଇଛି । ଆମେରିକା ଉପରେ ପ୍ରତିଶୋଧ ନେବାକୁ ଯାଇ ଇରାନ ଏହି କରିଛି ଆକ୍ରମଣ। କୁଏତ ଯେଉଁ ଅଞ୍ଚଳରେ ଇରାନ ମିସାଇଲ୍ ମାଡ଼ କରିଛି, ସେହି ସ୍ଥାନରେ ଜୋରଦାର ବିସ୍ଫୋରଣ ହୋଇଥିଲା । ବ୍ଲାଷ୍ଟ ପରେ ଭୟଭୀତ ହୋଇଯାଇଛନ୍ତି ସ୍ଥାନୀୟ ଲୋକ । ଇରାନ ଗଣମାଧ୍ୟମ ଏକ ରିପୋର୍ଟ ଅନୁଯାୟୀ, କୁଏତର ଏକ ଦ୍ୱୀପ ଅଞ୍ଚଳରେ ବିସ୍ଫୋରଣ ଶୁଣାବାକୁ ମିଳିବାକୁ । ଯେଉଁଥିରେ କୁଏତ ଆନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଏକ ଇରାନୀ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। କୁଏତରେ ଥିବା ଭାରତୀୟ ଦୂତାବାସ ବୁଧବାର ଦିନ ଏହି ଦୁଃଖଦ ଖବରକୁ ସ୍ପଷ୍ଟ କରିଛି। କୁଏତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ବିମାନବନ୍ଦରର ଅଫିସ ଓ କୂଟନୈତିକ କାର୍ଯ୍ୟାଳୟଗୁଡ଼ିକୁ ଟାର୍ଗେଟ କରି କରାଯାଇଥିବା ଏହି ଡ୍ରୋନ୍ ଓ ମିସାଇଲ ମାଡ଼ରେ ୬୩ ଜଣ ଯାତ୍ରୀ ଏବଂ ବିମାନବନ୍ଦର କର୍ମଚାରୀ ଆହତ ହୋଇଛନ୍ତି। ଆକ୍ରମଣ ପରେ ବିମାନ ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା, କିନ୍ତୁ ପରେ ସୁରକ୍ଷା ଯାଞ୍ଚ ଶେଷ କରି ଟର୍ମିନାଲ-୪ ରୁ କୁଏତ ଏୟାରୱେଜ୍ ପୁଣି ଉଡ଼ାଣ ଆରମ୍ଭ କରିଛି। ଇରାନ ବାହରିନରେ ଥିବା ଆମେରିକାର ପଞ୍ଚମ ନୌସେନା ବାହିନୀ ମୁଖ୍ୟାଳୟ ଏବଂ ଏକ ଏୟାରବେସ୍ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି, କିନ୍ତୁ ବାହରିନ ସେନା ଇରାନର ୩ଟି କ୍ଷେପଣାସ୍ତ୍ର ଓ ଅନେକ ଡ୍ରୋନକୁ ଆକାଶରେ ହିଁ ଧ୍ୱଂସ କରିଦେଇଛି। ଆମେରିକା ସାମରିକ ବାହିନୀ କହିଛି ଯେ କୁଏତ ଅଭିମୁଖେ ଆସୁଥିବା ଦୁଇଟି ଇରାନୀ ମିସାଇଲ୍ ଲକ୍ଷ୍ୟଭ୍ରଷ୍ଟ ହୋଇ ଖସିପଡ଼ିଛି ଏବଂ ଆମେରିକା ସେନା କୁଏତରେ ନାଗରିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ସହ ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନର କ୍ୟୁଶମ ଦ୍ୱୀପ ଉପରେ ଜବାବୀ ଆକ୍ରମଣ କରିଛି। ଗତ ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଇରାନ ପ୍ରତିଶୋଧ ସ୍ୱରୂପ ''ପାନାୟା'' ନାମକ ଏକ ଜାହାଜ ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି ଏବଂ ଆମେରିକା ପାଇଁ ହର୍ମୁଜ ପ୍ରଣାଳୀକୁ ଅଶାନ୍ତ କରିବା ଅତି ଭାରୀ ପଡ଼ିବ ବୋଲି ଚେତାବନୀ ଦେଇଛି। ୟୁଏଇର କୂଟନୈତିକ ପରାମର୍ଶଦାତା ଅନୱାର ଗାରଗାଶ ଏହି ବର୍ବର ଆକ୍ରମଣକୁ କଡ଼ା ନିନ୍ଦା କରି ସମଗ୍ର ଗଲ୍ଫ ଅଞ୍ଚଳକୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି।

# ପାନ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ, ଦୁଇ ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ଦୋକାନ ବନ୍ଦ କରୁଥିବା ବେଳେ ପାନ ନଦେବାରୁ ଦୋକାନୀକୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଚିତନ ଖୁଣ୍ଟିଆ ଓ ସୁରେଶ ମହାନ୍ତି। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଗତ ଦୁଇ ତାରିଖ ରାତି ପ୍ରାୟ ୧୧.୦୦ ଟା ସମୟରେ, ଅଭିଯୋଗକାରୀ ଅରବିନ୍ଦ ସାହୁ ଏବଂ ତାଙ୍କ ଭାଇ ଅବିନାଶ ସାହୁ ନବୀନ ନିବାସ ଛକର ଗାଙ୍ଗୁରାମ ସ୍ୱିଟ୍ସ ନିକଟରେ ଥିବା 'କୁନା-ମୁନା ବିଟିଲ ସପ' ନାମକ ନିଜର ପାନ ଦୋକାନ ବନ୍ଦ କରୁଥିବା ସମୟରେ, ଗିରଫ ଦୁଇ ଅଭିଯୁକ୍ତଙ୍କ ସମେତ ଚାରିରୁ ପାଞ୍ଚ ଜଣ ଲୋକ ଦୋକାନକୁ ଆସି ପାନ ଏବଂ ସିଗାରେଟ୍ ଦାବି କରିଥିଲେ । ଦୋକାନ ବନ୍ଦ ହେବା ସମୟରେ, ଅଭିଯୋଗକାରୀ ଜିନିଷ ବିକ୍ରି କରିବାକୁ ମନା କରିଦେଇଥିଲେ, ଯାହା ପରେ ଝଗଡ଼ା ହୋଇଥିଲା । ଝଗଡ଼ା ସମୟରେ ଉଭୟ ପକ୍ଷ ପରସ୍ପରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ, ପରସ୍ପରକୁ ହତ୍ୟା କରିବାକୁ ଧମକ ଦେଇଥିଲେ ଏବଂ ହତ୍ୟା ଉଦ୍ଦେଶ୍ୟରେ ପରସ୍ପରକୁ ଆକ୍ରମଣ ମଧ୍ୟ କରିଥିଲେ । ଆକ୍ରମଣ ସମୟରେ, ଅଭିଯୋଗକାରୀ ଅରବିନ୍ଦ ସାହୁଙ୍କ ଗୋଡରେ ଆଘାତ ଲାଗିଥିଲା । ସେହି ସମୟରେ, ଅଭିଯୁକ୍ତ ଚିନ୍ତନ ଖୁଣ୍ଟିଆ ଏବଂ ସୁରେଶ ମହାନ୍ତି ଅଭିଯୋଗକାରୀ ଏବଂ ତାଙ୍କ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ, ଯାହା ଫଳରେ ସେମାନେ ଆହତ ହୋଇଥିଲେ କରିଥିଲେ । ତଦନ୍ତ ସମୟରେ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଏକ ଚଢଉ କରି ଅଭିଯୁକ୍ତ ଚିତନ ଖୁଣ୍ଟିଆ ଏବଂ ସୁରେଶ ମହାନ୍ତିଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଖଣ୍ଡାକୁ ଜବତ କରିଥିଲେ । ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ । ଅନ୍ୟପକ୍ଷରେ ଅଭିଯୁକ୍ତ ଚିତନ ଖୁଣ୍ଟିଆଙ୍କ ଅଭିଯୋଗ ଆଧାରରେ ପୁଲିସ ପାନ ଦୋକାନୀକୁ ମଧ୍ୟ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଅବିନାଶ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଚିତନ ଅଭିଯୋଗ କରିଛନ୍ତି ଯେ, ଗଣ୍ଡଗୋଳ ସମୟରେ ଅବିନାସ ସାହୁ ଉତ୍ତେଜିତ ହୋଇ ଅଭିଯୋଗକାରୀଙ୍କୁ ଏକ ମରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ, ଯାହା ଫଳରେ ସେ ଆହତ ହୋଇଥିଲେ ।

# ମହିଳାଙ୍କୁ ଅସଦାଚରଣ ଉଦ୍ୟମ ଓ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଘରେ ପଶି ମହିଳାଙ୍କୁ ଅସଦାଚରଣ ଉଦ୍ୟମ ସହ ଆକ୍ରମଣ କରିବା ଅଭିଯୋଗରେ ଇନଫୋଭ୍ୟାଲି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କିଶୋର ଚନ୍ଦ୍ର ପ୍ରହରାଜ ଓରଫ ପୁପୁନ ଓରଫ ପୁପୁନି ପ୍ରହରାଜ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୦୨ ତାରିଖ ସନ୍ଧ୍ୟା ସମୟରେ ଅଭିଯୋଗକାରିଣୀ ଜୟନ୍ତୀ ସାହୁ ଜାଗସରା ସ୍ଥିତ ଘରେ ଏକା ଥିଲେ। ପରିସ୍ଥିତିର ସୁଯୋଗ ନେଇ, ଅଭିଯୁକ୍ତ ପୁପୁନି ଜୋରଜବରଦସ୍ତ ଲୁହା ଗ୍ରିଲ୍ ଗେଟ୍ ଖୋଲି ଅଭିଯୋଗକାରିଣୀଙ୍କ ସମ୍ମତି ବିନା ତାଙ୍କ ବାସଗୃହରେ ଅପରାଧିକ ଭାବରେ ପ୍ରବେଶ କରିଥିଲେ । ଘରେ ପ୍ରବେଶ କରିବା ପରେ, ସେ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ତାଙ୍କ ଚରିତ୍ର ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ, ଅଭିଯୁକ୍ତ ଜଣକ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କ ପିନ୍ଧା ପୋଷାକ ଟଣାଓଟରା କରିଥିଲେ। ଏହା ପରେ, ସେ ହଠାତ ଏକ ବାଉଁଶ ଲାଠି ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଲକ୍ଷକରି ଆକ୍ରମଣ କରିଥିଲେ ଯାହା ଫଳରେ ରକ୍ତାକ୍ତ ଆଘାତ ହୋଇଥିଲା । ପୀଡିତାଙ୍କ ଚିତ୍କାର ଶୁଣି, ପୂର୍ଣ୍ଣ ଚନ୍ଦ୍ର ପାଇକରାୟ ନାମକ ଜଣେ ବ୍ୟକ୍ତି ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରିଥିଲେ । ପରବର୍ତ୍ତୀ ସମୟରେ, ଯେତେବେଳେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଅଭିଯୁକ୍ତଙ୍କୁ ଘଟଣା ବିଷୟରେ ପଚରାଉଚରା କଲେ, ଅଭିଯୁକ୍ତ ତାଙ୍କୁ ଠେଲି ଦେଇଥିଲେ ଏବଂ ଉଭୟଙ୍କୁ ମୃତ୍ୟୁ ସମ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ । ଏନେଇ ଅଭିଯୋଗକାରିଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ କିଶୋର ଚନ୍ଦ୍ର ପ୍ରହରାଜ ଓରଫ ପୁପୁନ ଓରଫ ପୁପୁନି ପ୍ରହରାଜଙ୍କୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଥିଲେ ।

# ଅଭିଯୋଗକାରୀ ଯୁବତୀଙ୍କୁ ଏନ୍‌ଏଚ୍‌ଆରସି ଟିମ୍‌ର ଜେରା

ଭୁବନେଶ୍ୱର(ନିପ୍ର): ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ଏନଏଚଆରସି ଟିମ୍ ଛାନଭିନ୍ ଚଳାଇଛି। ଏନଏଚଆରସି କ୍ୟାମ୍ପ କୋର୍ଟରେ ଅଭିଯୋଗକାରୀ ଯୁବତୀ, ଆମ୍ବୁଲାନ୍ସ ଡ୍ରାଇଭର ଓ ଏଥିସହିତ ସୌମ୍ୟଙ୍କ ଶବ ବ୍ୟବଛେଦ କରିଥିବା କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଏଲ୍ .ଡି ବେହେରା ମଧ୍ୟ ହାଜର ହୋଇଛନ୍ତି। ଏହାଛଡ଼ା ବାଲିଅନ୍ତାର ତତ୍କାଳୀନ ପୁଲିସ ଅଧିକାରୀ ଅନୀଲ ପରିଡ଼ା ଏବଂ ଜଣେ କନେଷ୍ଟବଳ ମଧ୍ୟ ହାଜର ହୋଇଛନ୍ତି । ସେଦିନ ଘଟଣାସ୍ଥଳରେ କ'ଣ ଘଟିଥିଲା ସେନେଇ ଏମାନଙ୍କୁ ପଚରାଉଚରା କରାଯାଇଛି। ଘଟଣାଦିନ ଘଟଣାସ୍ଥଳକୁ ଯାଇଥିବା ଅଡ଼ଶପୁର ସିଏଚସିର ଆମ୍ବୁଲାନ୍ସ ଡ୍ରାଇଭର ସୁଜ୍ଞାନ ମଲ୍ଲିକଙ୍କୁ ମଧ୍ୟ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ମଙ୍ଗଳବାର ଗୋଟିଏ ଦିନରେ ୪ ସ୍ଥାନରେ ଏନଏଚଆରସି ଟିମ ଛାନଭିନ କରିଥିଲେ। ପ୍ରଥମେ ବଲିଅନ୍ତା କ୍ରାଇମସ୍ପଟ, ଏହା ପରେ ଅଡଶପୁର ସ୍ଥିତ ଜିମ୍ ସେଣ୍ଟର, ସୌମ୍ୟଙ୍କ ଗାଁ ମଉଜପୁରକୁ ଯାଇ ତଦନ୍ତ କରିଛନ୍ତି । ଏହା ପୂର୍ବରୁ ଷ୍ଟେଟ୍ ଗେଷ୍ଟ ହାଉସରେ ଇଡ଼ଏଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଡିଏସପିଙ୍କ ସମେତ ୭ଜଣଙ୍କୁ ପଚରା ଉଚରା କରିଥିଲେ। ଏଥିସହିତ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀଙ୍କ ଠାରୁ ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି । ଏନଏଚଆରସି ଟିମର ଜେରା ବେଳେ ଅଭିଯୋଗକାରୀ ଯୁବତୀ ଝାଳନାଳ ହୋଇପଡିଥିଲେ। ଟିମର ପ୍ରଶ୍ନବାଣରେ ଯୁବତୀ ଘାଇଲା ହୋଇଯାଇଥିବା ଭଳି ମନେ ହେଉଥିଲେ। ଉଲ୍ଲେଖଥାଉ କି, ମେ' ୭ ତାରିଖ ଦିନ ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁ (୩୨) ଜଣେ ମହିଳାଙ୍କୁ ଅସମ୍ମାନିତ କରିବାର ଅଭିଯୋଗରେ ସ୍ଥାନୀୟ ଲୋକଙ୍କ ଏକ ଭିଡ଼ ତାଙ୍କୁ ପିଟିପିଟି ହତ୍ୟା କରିଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା ଏବଂ ଆଇନ୍ ଶୃଙ୍ଖଳା ନେଇ ପ୍ରଶ୍ନ ଉଠାଇଥିଲା। ଘଟଣାର ତଦନ୍ତ ପାଇଁ କ୍ରାଇମ୍ ବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ସ୍ଥାନୀୟ ଲୋକ ସହିତ ବାହାର ଅଞ୍ଚଳର ମିସ୍‌କ୍ରିଆଣ୍ଟ ମଧ୍ୟ ଏଥିରେ ସମ୍ପୃକ୍ତ ଥିଲେ। କ୍ରାଇମ୍ ବ୍ରାଞ୍ଚ ଡିଜି ପୂର୍ବରୁ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା କହିଥିଲେ।

## ପୋଲିସ ଚଢ଼ାଉ, ୨ ଚୋରା ମାଙ୍କଡା ବୋଝେଇ ଟ୍ରକ ଜବତ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଞ୍ଚଳରେ ହୁହୁ ହୋଇ ଚୋରା ମାଙ୍କଡା ପଥର ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦେଖି



ପୋଲିସ ମଙ୍ଗଳବାର ଦିନ ଚଢ଼ାଉ କରି ଖଜୁରୀଆ ରାସ୍ତାରୁ ଓ ପଦ୍ମପୁରସ୍ଥିତ ନୂଆ ଜଗନ୍ନାଥ ସଡ଼କରୁ ଓଆର ୧୩ଜି ୯୯୧୩, ଓଆର ୦୨ବିଇ ୪୦୩୫ ନମ୍ବର ବିଶିଷ୍ଟ ଦୁଇଟି ମିନି ଟ୍ରକକୁ ଜବତ କରିଛି। ତେବେ ଚାଳକ ଦ୍ୱୟ କୌଶଳକ୍ରମେ ଖସି ପଳାଇ ଥିବା ଜଣାଯାଇଛି। ଏହି ୨ଟି ଜବତ ଟ୍ରକ ବେଆଇନ ଭାବେ ମାଙ୍କଡା ପଥର ବୋଝେଇ କରି ନେଇ ଯାଉଥିବାରୁ ଉଭୟଙ୍କ ନାମରେ ୨୦୧ ଓ ୨୦୨ରେ ଦୁଇଟି ମାମଲା ରୁଜୁ ହୋଇଛି। ଗାଡି ଦୁଇଟି ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି ।

## ବାଲୁଗାଁରୁ ବ୍ରାଉନ ସୁଗାର ଜବତ, ଜଣେ ଗିରଫ




ବାଣପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲାରେ ଧଳା ଜହର ବା ବ୍ରାଉନ ସୁଗାର କାରବାର ବୃଦ୍ଧି ପାଉଥିବା ବେଳେ ଚିଲିକା ଅଞ୍ଚଳ ମଧ୍ୟ ଏଥିରୁ ବାଦ ପଡିନି। ପୋଲିସ ଏବଂ ଅବକାରୀ ବିଭାଗ ଏହାକୁ ରୋକ ଲଗାଇବା ପାଇଁ ଚଢ଼ାଉ ଜାରି ରଖିଛି। ବାଲୁଗାଁ ନୂତନ ଆଇଆଇସି ଶ୍ରଦ୍ଧା ନାୟକଙ୍କ ପ୍ରଚେଷ୍ଟାରେ ବ୍ରାଉନ ସୁଗାର ବେପାରିଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁନୀଲ ପାଢ଼ୀ (୩୧)। ତାଙ୍କ ନିକଟରୁ ସମୁଦାୟ ୧୦.୬ ଗ୍ରାମ ବ୍ରାଉନ ସୁଗାର ସହ ନକଦ ୯୯୦ ଟଙ୍କା ଏବଂ ଏକ ମୋବାଇଲ ଫୋନ ମଧ୍ୟ ଜବତ କରିଛି ପୁଲିସ। ପୋଲିସ ସୂଚନା, ମୁତାବକ ବୁଧବାର ପୂର୍ବାହ୍ନରେ ବାଲୁଗାଁ ରାମପୁର ଛକ ରେଳ ଓଭରବ୍ରିଜ ନିକଟରେ ଧଳା ଜହର କାରବାର ହେଉଥିବା ଖବର ପାଇ ଖୋର୍ଦ୍ଧା ଏସପି ସ୍ମିତ ପରମାରଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏବଂ ଆଇଆଇସି ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଏସଆଇ ରସ୍ମି ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ସଙ୍ଗେସଙ୍ଗେ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ବାଲୁଗାଁ ପୋଲିସ ତାଙ୍କୁ ମାଡ଼ିବସିଥିଲା ଏବଂ ଗିରଫ କରି ଅଦାଲତରେ ହଜାର କରିଛି। ଏ ନେଇ ବାଲୁଗାଁ ଥାନାରେ କେସ ନମ୍ବର ୨୫୧/୨୬ ରେ ଏକ ମାମଲା ରୁଜୁ ହୋଇଥିବାର ଆଇଆଇସି ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ବାଲୁଗାଁ ଅବକାରୀ କାର୍ଯ୍ୟାଳୟର ଅନତିଦୂରରେ ବ୍ରାଉନ ସୁଗାର କାରବାର ଜାରି ରହିଥିବା ବେଳେ ଅବକାରୀ ବିଭାଗ ଏହାର ଟେର ପାଇପାରୁନି।

## ୩୨ ଟନ୍ ଚୋରା ଲୁହାପଥର ଜବତ: ୪ ଗିରଫ

ରାଉରକେଲା(ନିପ୍ର): ଜିଲ୍ଲା ପୋଲିସର ରଘୁନାଥପାଲ୍ଲୀ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ ଓଡ଼ି୦୭ଏଏଚ୍-୫୨୫୩ ପଞ୍ଜିକରଣ ନମ୍ବର ଥିବା ଏକ ଟ୍ରକ୍ ଗାଡ଼ିରେ ଚୋରା ଲୁହାପଥର ପରିବହନ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ସେମାନେ ବାଲୁଘାଟ ପାର୍କିଂ ସମ୍ମୁଖରେ ଗାଡ଼ିଟିକୁ ଅଟକାଇଥିଲେ। ପରେ ଦେଖିଲେ ଯେ ସେଥିରେ ୩୨,୦୯୦ କିଲୋଗ୍ରାମ ଚୋରା ଲୁହାପଥର ଲୋଡ୍ ଥିଲା। ଏହାକୁ ଡ୍ରାଇଭର ସ୍ୱୀକାର କରିଥିଲେ ଯେ, ସେ ବାଂଶପାଣି ଯୋଡାରୁ ଲୁହାପଥର କଲୁଙ୍ଗା ଅଞ୍ଚଳରେ ନିଷ୍କାସନ କରିବା ପାଇଁ ଆଣିଥିଲେ। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ କେଉଁଝର ଜିଲ୍ଲା ବଡବିଲ ଥାନା ଅନ୍ତର୍ଗତ ରାମନଗରର ରୋଶନ ଯାଦବ (୪୫)ଙ୍କୁ ବିଏନ୍ଏସ୍ ଧାରା ୩୦୩(୨)/୩(୫)ରେ ଗିରଫ କରାଯାଇଛି। ସେହିପରି ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ପୋଲିସ୍ ବିଟ୍ ହାଉସ୍ ନିକଟସ୍ଥ ଏମ.ଡି. ତୋସିଫ (୩୮),




ବ୍ରାହ୍ମଣୀତରଙ୍ଗ ଥାନା ଅଧିନସ୍ଥ ଟିସିଆଇ ଫାଲସାଟୋଲାର ସନ୍ଦୀପ ଶର୍ମା (୩୧), କେଉଁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ କମାରଯୋଡାର ରାଜା ପାତ୍ର (୩୨)ଙ୍କୁ ମଧ୍ୟ ୨୦୨୬ ଜୁନ୍ ୩ ତାରିଖରେ ବିଏନ୍ଏସ୍ ଧାରା ୩୦୩(୨)/୬୧(୨)ରେ ଗିରଫ୍ କରାଯାଇଛି। ୩୨,୦୯୦ କିଲୋଗ୍ରାମ ଚୋରି ଲୁହା ପଥର ବୋଝେଇ ଟ୍ରକକୁ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ରଘୁନାଥପାଲି ପିଏସ୍ କେସ୍ ନଂ-୩୩୦ ତାରିଖ ୧.୦୬.୨୦୨୬ ଖଣି ଏବଂ ଖଣିଜ ବିକାଶ ଏବଂ ବିଏନ୍ଏସ୍ ଆଇନର ଧାରା ୨୧ ଅନ୍ତର୍ଗତ ୩୦୩(୨)/୩୧୭(୨)/୩(୫) ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ରେସିଂ ବାଇକ୍ ଜବତ: ୨୦ହଜାର ଟଙ୍କା ଜରିମାନା



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପୋଲିସ ବୁଧବାର ଏକ ରେସିଂ ବାଇକ୍ ଜବତ କରିଛି। ଏହି ବାଇକର ସାଇଲେନ୍ସର ରୂପାନ୍ତରିତ କର୍କଶ ଶବ୍ଦ କରୁଥିବା ସାଇଲେନ୍ସର ଲଗାଯାଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଆରଟିଓଙ୍କୁ ଅବଗତ କରାଯିବା ପରେ ଏଭଳି ବେଆଇନ କାର୍ଯ୍ୟ ପାଇଁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ରେସିଂ ବାଇକ୍ ଏବଂ ରୂପାନ୍ତରିତ ସାଇଲେନ୍ସର ବ୍ୟବହାର ବିରୋଧରେ ଅଭିଯାନ ଜାରି ରହିବ ଏବଂ ବାଇକ୍ ରେସରମାନେ ଅଥବା ରୂପାନ୍ତରିତ ସାଇଲେନ୍ସର ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଚିଣ୍ଡା ଆଇଆଇସି ରାଧାକାନ୍ତ ବାରିକ କହିଛନ୍ତି।

ଭୁଶୁଡୁଛି ବିଜେଡି ଗଡ଼

## ପୂର୍ବତନ କର୍ପୋରେଟର ଓ ପୂର୍ବତନ ଡେପୁଟି ମେୟରଙ୍କ ଇସ୍ତଫା

କଟକ(ନିପ୍ର): କଟକରେ ଭୁଶୁଡୁଛି ବିଜେଡି ସଂଗଠନ । ପୂର୍ବତନ ସାଂସଦ ଦେବାଶିଷ ସାମନ୍ତରାୟ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେବା ପରେ ଦଳୀୟ ସଂଗଠନ ଦିଶାହୀନ ହୋଇପଡିଛି। ଯଦିଓ ମେୟର ସୁବାଷ ସିଂହ ସଂଗଠନ ତାଙ୍କ ଅକ୍ତିଆରରେ ରଖିବାକୁ ତତ୍ପର ହୋଇପଡିଛନ୍ତି, କିନ୍ତୁ ବାସ୍ତବରେ ତାଙ୍କର ସଂଗଠନରେ କିଛି କର୍ତ୍ତୃତ୍ୱ ନଥିବା ପରିଲକ୍ଷିତ ହେଉଛି। ଏବେ ଜଣଙ୍କ ପରେ ଜଣେ ନେତା ବିଜେଡିର ହାତ ଛାଡୁଛନ୍ତି। ଦେବାଶିଷଙ୍କ ପରେ ଏବେ ଦେବାଶିଷଙ୍କ ଏକାନ୍ତ ଅନୁଗତ ସିଏମସିର ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ଦଳ ଛାଡିଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି। ରଞ୍ଜନ ଜୀବନ ବିନ୍ଦୁ କଟକ ସିଟି ସଂଯୋଜକ ଥିଲେ। ଦେବାଶିଷ ସାମନ୍ତରାୟଙ୍କର ଜଣେ ସମର୍ଥକ ଥିଲେ ରଞ୍ଜନ। ଦେବାଶିଷ ଦଳ ଛାଡ଼ିବା ପରେ ସେ ମଧ୍ୟ ଦଳ ଛାଡ଼ିଦେଇଛନ୍ତି। ରଞ୍ଜନ ତାଙ୍କ ଇସ୍ତଫାପତ୍ରରେ ଦଳ ତାଙ୍କୁ ଅଣଦେଖା କରୁଥିବା ଉଲ୍ଲେଖ କରିଛନ୍ତି। ସେହିପରି ସିଏମସିର ପୂର୍ବତନ ଡେପୁଟି ମେୟର ତଥା ବରିଷ୍ଠ ନେତା ମଧୁସୂଦନ ସାହୁ ମଧ୍ୟ ଦଳ ଛାଡ଼ିଛନ୍ତି । ସେ ମଧ୍ୟ ତାଙ୍କ ଇସ୍ତଫା ପତ୍ର ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି । ଦଳରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଦଳ ଛାଡ଼ିଥିବା ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି । ୨୦୨୨ ପୌର ନିର୍ବାଚନରେ ଦେବାଶିଷଙ୍କ ନେତୃତ୍ୱରେ ବାରବାଟୀ-କଟକରେ ଦଳକୁ ସର୍ବାଧିକ କର୍ପୋରେଟର ଆସନରେ ବିଜୟୀ କରାଇବାରେ ସଫଳ ହୋଇଥିଲୁ ବୋଲି ରଞ୍ଜନ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ବିଭିନ୍ନ ସାଂଗଠନିକ କାର୍ଯ୍ୟକମ ଏବଂ ଦାୟିତ୍ୱରେ କ୍ରମାଗତ ଭାବେ ଅଣଦେଖା ଏବଂ ଅବହେଳା କରାଯାଇ ଥିଲା। ଯେଉଁଥିପାଇଁ ଦଳ ଛାଡ଼ିଲି ବୋଲି ରଞ୍ଜନ କହିଛନ୍ତି।

## ମହିଳାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ସହ ହତ୍ୟା ଉଦ୍ୟମ ଅଭିଯୋଗ

ପିପିଲି(ନିପ୍ର): ପ୍ରେମ ବିବାହ କରିଥିବା ଜଣେ ମହିଳାଙ୍କୁ ସ୍ୱାମୀ ଓ ଶାଶୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ୧୬୫/୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ବଳଙ୍ଗା ଥାନା ଅନ୍ତର୍ଗତ ରଥ ପୁରୁଷୋତ୍ତମପୁର ଗ୍ରାମର ଅନୁସୟା ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ କଟକ ଜିଲ୍ଲା ବଡ଼ ମୁଣ୍ଡୁଳି କଲୋନୀର ଅଭିନାଶ ସାହୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହେବାରେ ଉଭୟ ଗତ ୨୦୨୪ ଡିସେମ୍ବର ମାସ ୧୨ତାରିଖରେ ଭୁବନେଶ୍ୱର କୋର୍ଟରେ ରେଜିଷ୍ଟ୍ରି ବିବାହ କରିଥିଲେ। ବିବାହ ପରେ ଶାଶୁ ଘରକୁ ଯିବା ପରେ ସେଠାରେ ସ୍ୱାମୀ ଅବିନାଶ ଓ ଶାଶୁ ସସ୍ମିତା ସାହୁ ସବୁବେଳେ ଅନୁସୟାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେବା ସହ ମାଡମାରି ଥାଆନ୍ତି। ଏପରିକି ଗରମ ଲୁହା ଖଡିକାରେ ଶରୀରକୁ ଚେଙ୍କ ଦେଇ ଶରୀର ସାରା କ୍ଷତ ଚିହ୍ନ କରିଦେଇଥିବା ବେଳେ ଅତ୍ୟାଚାର ସମୟର କିଛି ଦୃଶ୍ୟକୁ ଅନୁସୟା ନିଜ ମୋବାଇଲରେ ରେକର୍ଡିଂ କରି ପ୍ରମାଣ ରଖିଥିଲେ । ଏହା ଜାଣିପାରି ଶାଶୁ ସସ୍ମିତା ମୋବାଇଲକୁ ଛଡ଼ାଇ ନେଇ ପାଣିରେ ପକାଇ ଭାଙ୍ଗି ଦେଇଥିଲେ। ସସ୍ମିତା ପିନ୍ଧିଥିବା ସମସ୍ତ ଅଳଙ୍କାରକୁ ସେମାନେ ଖୋଲି ରଖିଦେଇଥିଲା ବେଳେ ସସ୍ମିତା ମାଗିବାରୁ ସେମାନେ ସସ୍ମିତାଙ୍କୁ ଶ୍ୱାସରୁଦ୍ଧ କରି ମାରି ମହାନଦୀରେ ଫିଙ୍ଗି ଦେବାକୁ ଧମକ ଦେଉଥିଲେ। ଦିନ ଘରେ କେହି ନଥିବା ସୁଯୋଗରେ ସସ୍ମିତା ପରିବାରକୁ ଫୋନ ଯୋଗେ ସମସ୍ତ କଥା କହିଥିଲେ । ପରେ ସସ୍ମିତାଙ୍କ ଭାଇ ଘଟଣା ସ୍ଥଳରେ ପହଞ୍ଚି ସସ୍ମିତାଙ୍କୁ ଘରକୁ ନେଇ ଆସିଥିଲେ। ସେବେଠାରୁ ସସ୍ମିତା ବାପ ଘରେ ରହୁଥିବା ବେଳେ ଶାଶୁ ଘର ଲୋକେ ତାଙ୍କୁ ଘରକୁ ନ ନେବା ଓ ତାଙ୍କ ପରିବାରଙ୍କ ଫୋନ ନମ୍ବରକୁ ବ୍ଲକ କରିଦେଇଥିବା ନେଇ ସସ୍ମିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ବାଇକ-ସ୍କୁଟି ମୁହାଁମୁହିଁ ଧକ୍କା: ସ୍କୁଟି ଚାଳକ ମୃତ

ଆସିକା(ନିପ୍ର): ବାଇକ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ସ୍କୁଟି ଚାଳକର ମୃତ୍ୟୁ ଘଟିଛି। ଗାଙ୍ଗପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ଛକ ନିକଟରେ ବାଇକ ନମ୍ବର ଓଡି ୦୭ ବିବି ୯୩୨୪ ସହ ବିପରୀତ ଦିଗରୁ ଆସିଥିବା ଓଡି ୦୭ ଜେ ୨୭୦୯ ନମ୍ବର ବିଶିଷ୍ଟ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଗାଙ୍ଗପୁର ଥାନା ଖୁକୁଣ୍ଡିଆ ଗ୍ରାମର ଚିତ୍ତରଞ୍ଜନ ବିଶ୍ୱାଳ (୬୨) ପିତା ସ୍ୱର୍ଗତ ଶ୍ରୀଧର ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ଗାଙ୍ଗପୁର ଥାନା ଖୁକୁଣ୍ଡିଆ ଗ୍ରାମର ଚିତ୍ତରଞ୍ଜନ ବିଶ୍ୱାଳ (୬୨) ଗାଙ୍ଗପୁର ଠାରେ ବ୍ୟାଙ୍କ କାମ ସାରି ନିଜ ସ୍କୁଟିରେ ନିଜ ଗ୍ରାମ ଖୁକୁଣ୍ଡିଆ ଫେରୁଥିବା ବେଳେ ସିଙ୍ଗିପୁର ଛକ ନିକଟରେ ଆସିକା ପଟୁ ଅତି ଦ୍ରୁତ ବେପରୁଆ ଭାବେ ବାଇକ ଚଳାଇ ଆସୁଥିବା ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଚିତ୍ତରଞ୍ଜନ ଛିଟିକି ହୋଇ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କ ପରିବାର ଲୋକ ୧୦୮ଆମ୍ବୁଲାନ୍ସ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଚିତ୍ତରଞ୍ଜନଙ୍କ ଭଣଜା ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟରେ ଶବ ବ୍ୟବଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନତର କରାଯାଇଛି।

କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲା

## ବେଆଇନ ପଥରଖଣିରେ ଭାଗବସାରୁ ବିବାଦ ହୋଇଥିବା ଅଭିଯୋଗ



କବିସୂର୍ଯ୍ୟନଗର: କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଚାଲିଛି ଏଚଆରପିସି ତଦନ୍ତ। ବୁଧବାର ପରିବାର ଲୋକଙ୍କୁ ଜେରା କରାଯାଇଛି। ସେପଟେ ବିବାଦୀୟ ଆଇପିଏସଙ୍କ ଉପରେ ଏଯାଏଁ ହୋଇନି କାର୍ଯ୍ୟାନୁଷ୍ଠାନ। ଯାହାକୁ ନେଇ ଉଠିଛି ବଡ଼ପ୍ରଶ୍ନ। ଜଣେ ମହିଳାଙ୍କୁ ଧରି ତଳେ ପଡ଼ିଥିବା ବାବୁ ହେଉଛନ୍ତି ବହିଷ୍କୃତ ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନ। ଆଉ ମୁଣ୍ଡରେ ଗାମୁଛା ବାନ୍ଧିଥିବା ଏ ବାବୁ ହେଉଛନ୍ତି କବିସୂର୍ଯ୍ୟନଗରର ଜୁନିଅର ମାଇନିଂ ଅଫିସର ମାନା ହେମ୍ରମ୍। ପଥର ଖଣିକୁ ଚଢ଼ଉ ପାଇଁ ଯାଇଥିବା ବିବାଦୀୟ ଆଇପିଏସ୍ ନିତେଶ ମିଶ୍ରାଙ୍କ ସାମ୍ନାରେ ଘଟିଥିଲା ଏଭଳି ଅପ୍ରିତିକର ସ୍ଥିତି। ପଥର ଖାଦାନରେ କାମ କରୁଥିବା ଶ୍ରମିକଙ୍କୁ ବିନା ୟୁନିଫର୍ମ ଓ ମହିଳା ପୁଲିସ ନ ନେଇ ପୁରା ଟିମ୍ ଯାଇଥିଲା ବେଳେ ହୋମଗାର୍ଡ କୃଷ୍ଣ ପ୍ରଧାନ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ତା'ଠୁ ସାଂଘାତିକ ହେଉଛି ଗତ ୬ ମାସ ଭିତରେ କବିସୂର୍ଯ୍ୟନଗର ଅଞ୍ଚଳରେ ଯେତେ ବେଆଇନ ଲଘୁଖଣିଜ କାରବାରରେ ଚଢ଼ଉ ହୋଇଛି, କେଉଁଠି ଜଣେ ବି ମାଫିଆ ଧରାପଡ଼ିନି। ବରଂ ପଥର, ମୋରମ ଖାଦାନ ଠାରୁ ନେଇ ବାଲି ଘାଟରେ ଗିରଫ ହୋଇଛନ୍ତି ପୁଳା ପୁଳା ଦିନ ମଜୁରିଆ। ଏମାନଙ୍କୁ ଢାଲ କରି ଖସି ଯାଉଛନ୍ତି ମାଇନିଂ ମାଫିଆ। ସେପଟେ ଆଜି ଦ୍ୱିତୀୟ ଦିନରେ ପରିବାରଲୋକଙ୍କୁ ଜେରା କରିଛି ଏଚ୍‌ଆରପିସି ଟିମ୍। ପୁରୁଷୋତ୍ତମପୁରରେ ଏକ ଡାକବଙ୍ଗଳାରେ ଟିମ୍ ସେମାନଙ୍କୁ ଡାକି ତଥ୍ୟ ନେଇଥିବା ଜଣାପଡ଼ିଛି। ଖଣି ମନ୍ତ୍ରୀଙ୍କ ଜିଲ୍ଲାରେ ଖଣି ଚୋରି। ନା ଏହାକୁ ରୋକି ହେଉଛି, ନା ଧରାପଡୁଛନ୍ତି ମାଫିଆ। ଜିଲ୍ଲା ଖଣି ବିଭାଗ ବି ନିଘୋଡ଼ ନିଦରେ। କିଛିଦିନ ତଳେ ଇଡି ଖଣି ମାଫିଆଙ୍କ ଘରେ ପଶିଥିଲା ହେଲେ ଖଣି ବିଭାଗ ଟେର ପାଇନଥିଲା। ତେବେ କବିସୂର୍ଯ୍ୟନଗର ହାଜତ ମୃତ୍ୟୁର ବିବାଦ ବେଆଇନ୍ ପଥର ଖଣିରୁ ଆରମ୍ଭ ହୋଇଥିଲା ବେଳେ ବିବାଦୀୟ ଆଇପିଏସ୍‌ଙ୍କ ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ ଦେଖିବାର କଥା।

## ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ: ୨ ମାଫିଆ ଗିରଫ



କଟକ(ନିପ୍ର): କଟକ ଜିଲ୍ଲାରେ ନକଲି ବିଦେଶୀ ମଦ ତିଆରି ୟୁନିଟ ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଜିଲ୍ଲାର ମୋବାଇଲ ସ୍କ୍ୱାଡ ମାହାଙ୍ଗା ଥାନା ଅନ୍ତର୍ଗତ ଅଲିନଗର ଗ୍ରାମଠାରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ନକଲି ମଦ ପାଇଁ ବ୍ୟବହୃତ ହେଉଥିବା ସ୍ପିରିଟ, ନକଲି ବିଦେଶୀ ମଦ, ନକଲି ଲେବେଲ ସହ ୨ ଜଣ ମାଫିଆଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଆସାମୀ ସୁକୁଦେବ ସାମଲ ଓ ବିଦୁଲତା ସାମଲଙ୍କର ଘର ଉପରେ ଚଢ଼ାଉ କରି ସ୍ପିରିଟ- ୧୪ ଲିଟର, ଡୁପ୍ଲିକେଟ ବିଦେଶୀ ମଦ ୧୮୦ ଗୋଟି ବୋତଲ, ପ୍ରାୟ ୩୨.୪୦୦ ଲିଟର, ଡୁପ୍ଲିକେଟ ଲେବେଲ ୬୦୦, ଏମସି ନମ୍ବର ୱାନ ରମ, ୪୦୦ ରୟାଲ ଷ୍ଟାଗ ୧୦୦୦ ଇଏଏଲ ୧୧୪୦ ଗୋଟି, ଖାଲି କାଚ ବୋତଲ ୨୮୦ ଗୋଟି ୨୦୦, ଠିପି, ୪୧୦ ଗୋଟି ବରାମଦ କରି ଜବତ କରାଯାଇଛି। ଏହି ସଂକ୍ରାନ୍ତରେ ୧ ଗୋଟି ମାମଲା ରୁଜୁ କରାଯାଇ ଉକ୍ତ ଘର ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଜବତ ନକଲି ବିଦେଶୀ ମଦ ଓ ଅନ୍ୟାନ୍ୟ ସରଞ୍ଜାମର ଆନୁମାନିକ ମୂଲ୍ୟ ୧,୭୯,୩୬୦ ବୋଲି ଅବକାରୀ ଟିମ୍ ସୂତ୍ରରୁ ଜଣାପଡ଼ିଛି।

# ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ବ୍ରିକ୍ସ ଗୋଷ୍ଠୀର ଦ୍ୱିତୀୟ ବୈଠକ




**ଭୁବନେଶ୍ୱର, ୩/୬(ପିଆଇବି):** ଭାରତ ୨୦୨୬ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀ ବୈଠକର ଅଧ୍ୟକ୍ଷତା କରୁଥିବା ବେଳେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ପକ୍ଷରୁ ପୁରୀ ଠାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ ଗୋଷ୍ଠୀର ଦ୍ୱିତୀୟ ବୈଠକ ଆୟୋଜନ କରାଯାଉଛି । ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ବୈଠକ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ‘‘ଦୀର୍ଘସ୍ଥାୟିତ୍ୱ, ନବସୃଜନ, ସହଯୋଗ ଏବଂ ସ୍ଥିରତା ଲାଗି ନିର୍ମାଣ’’ ଶୀର୍ଷକ ଏହି ବୈଠକରେ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବ୍ରିକ୍ସ ସଦସ୍ୟ ଦେଶ ଯଥା ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞମାନେ ଯୋଗ ଦେଉଛନ୍ତି । ମୁଖ୍ୟତଃ ଗୋଷ୍ଠୀ-ଭିତ୍ତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ବିପଦ ପରିଚାଳନା ପାଇଁ ଆର୍ଥିକ ସହାୟତା, ବହୁମୁଖୀ ବିପଦ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ଦୃଢ଼ ଭିତ୍ତିଭୂମି, ପ୍ରକୃତି-ଭିତ୍ତିକ ସମାଧାନ ଏବଂ ବିପର୍ଯ୍ୟୟ ସହନଶୀଳତାକୁ ମଜବୁତ କରିବା ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ବ୍ୟବହାର ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବୈଠକରେ ବିଚାରବିମର୍ଶ କରାଯିବ । ଓଡ଼ିଶାରେ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥା ରହିଛି । ଏହା ବିଶେଷକରି ବାତ୍ୟା ପରିଚାଳନା, ପ୍ରାରମ୍ଭିକ ସତର୍କତା ପ୍ରସାରଣ, ସ୍ଥାନାନ୍ତର ଯୋଜନା ଏବଂ ଗୋଷ୍ଠୀ-ଭିତ୍ତିକ ପ୍ରତିକ୍ରିୟା ବ୍ୟବସ୍ଥାରେ ମୃତକଙ୍କ ସଂଖ୍ୟା ଶୂନ ସ୍ତରରେ ରଖିବାରେ ରାଜ୍ୟ ସଫଳ ହୋଇଛି । ଏହି ଉପଲବ୍ଧିକୁ ସ୍ୱୀକୃତି ଦେଇ ଓଡ଼ିଶାକୁ ଆୟୋଜକ ରାଜ୍ୟ ଭାବରେ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ପ୍ରତିନିଧିମାନେ ରାମଚଣ୍ଡୀଠାରେ ପାଣିରୁ ଉଦ୍ଧାର କାର୍ଯ୍ୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ଉପରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଓଡ୍ରାଫ) ଦ୍ୱାରା ଏକ କାର୍ଯ୍ୟକ୍ରମର ପ୍ରଦର୍ଶନ ଦେଖିବେ । ପ୍ରତିନିଧିମାନେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ସହ ମଧ୍ୟ ଆଲୋଚନା କରିବେ । ଏହାଦ୍ୱାରା ଉପକୂଳ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଦୃଢ଼ତା ଏବଂ ଗୋଷ୍ଠୀ ଭିତ୍ତିକ ପ୍ରସ୍ତୁତିରେ ଓଡ଼ିଶାର ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ବିଷୟରେ ଜାଣିବା ଲାଗି ସୁଯୋଗ ମିଳିବ । ଏହା ସହିତ, ପ୍ରତିନିଧିମାନେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କ ପରିଦର୍ଶନ କରିବେ ।

# ଇଗ୍ନୋରେ ନୂତନ ନାମଲେଖା ଓ ପୁନଃ ପଂଜିକରଣ ଆରମ୍ଭ




**ଭୁବନେଶ୍ୱର, ୩/୬(ପିଆଇବି):** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଏବଂ ପୁନଃ ପଂଜିକରଣ ପ୍ରକ୍ରିୟାର ଆରମ୍ଭ ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା, (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଆସନ୍ତା ଜୁଲାଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏବଂ ପୁନଃ ପଂଜୀକରଣ ପ୍ରକ୍ରିୟା ଆସନ୍ତା ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ ।

# ଆଦିବାସୀ ଯୁବତୀଙ୍କ ଚାଲାଣ ଓ ନିର୍ଯାତନା ଘଟଣାରେ ଜାତୀୟ ମାନବାଧିକାର କମିଶନ ସ୍ୱତଃ ତଦନ୍ତ ଆରମ୍ଭ



**ଭୁବନେଶ୍ୱର, ୩/୬(ପିଆଇବି):** ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ ଅଞ୍ଚଳର ଜଣେ ୧୭ ବର୍ଷୀୟ ଆଦିବାସୀ ଯୁବତୀଙ୍କୁ ଚାଲାଣ, ବିକ୍ରୟ କରାଯାଇଥିବା ଗଣମାଧ୍ୟମ ରିପୋର୍ଟ ଉପରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି), ଭାରତ ସ୍ୱତଃ ତଦନ୍ତ କରିଛି । ଆଦିବାସୀ ଯୁବତୀ ଜଣକ ପ୍ରାୟ ଦୁଇ ବର୍ଷ ଧରି ଉତ୍ତର ପ୍ରଦେଶର ଝାନ୍ସୀରେ ବାରମ୍ବାର ଯୌନ ନିର୍ଯାତନାର ଶିକାର ହୋଇଥିଲେ । ରିପୋର୍ଟ ଅନୁଯାୟୀ, ପୀଡିତା ଏବଂ ଅନ୍ୟ ତିନି ଜଣ ଝିଅଙ୍କୁ ଚାକିରି ଦେବା ବାହାନାରେ ଉତ୍ତର ପ୍ରଦେଶକୁ ଚାଲାଣ କରାଯାଇଥିଲା । ଜଣେ ସ୍ଥାନୀୟ ଓକିଲଙ୍କ ସହାୟତାରେ ଝିଅଟି ଖସି ପଳାଇବାରେ ସଫଳ ହୋଇ ଝାନ୍ସୀ ପୋଲିସର ଦ୍ୱାରସ୍ଥ ହୋଇଥିଲା । ଯଦିଓ ତାଙ୍କ ବୟାନ ରେକର୍ଡ କରାଯାଇଥିଲା, କିନ୍ତୁ ପୋଲିସ ଦ୍ୱାରା ଓଡ଼ିଶାକୁ ଟ୍ରେନ ଟିକେଟ ଯୋଗାଇବା ବ୍ୟତୀତ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ଫେରିବା ପରେ, ଓଡ଼ିଶା ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା ଏବଂ ତଦନ୍ତ ଚାଲୁ ରହିଛି । କମିଶନ ଦେଖିଛନ୍ତି ଯେ ଖବର ରିପୋର୍ଟର ବିଷୟବସ୍ତୁ, ଯଦି ସତ୍ୟ, ତେବେ ଏହା ମାନବାଧିକାର ଉଲ୍ଲଂଘନର ଗମ୍ଭୀର ପ୍ରସଙ୍ଗ । ତେଣୁ, ଏହା ଦୁଇ ସପ୍ତାହ ମଧ୍ୟରେ ଏହି ବିଷୟରେ ଏକ ବିସ୍ତୃତ ରିପୋର୍ଟ ମାଗିବା ପାଇଁ ଓଡିଶାର ପୋଲିସ ମହାନିର୍ଦ୍ଦେଶକ, ଉତ୍ତର ପ୍ରଦେଶର ପୋଲିସ ମହାନିର୍ଦ୍ଦେଶକ ଏବଂ ଢେଙ୍କାନାଳର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନୋଟିସ ଜାରି କରିଛି । ଏଥିରେ ତଦନ୍ତର ସ୍ଥିତି ଏବଂ ପୀଡିତାଙ୍କୁ ସହାୟତା ଓ ପୁନର୍ବାସ ପ୍ରଦାନ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ତର୍ଭୁକ୍ତ ହେବ ବୋଲି ଆଶା କରାଯାଉଛି । ୨୯ ମଇ ୨୦୨୬ ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପୀଡିତାଙ୍କୁ ପ୍ରାୟ ତିନି ମାସ ଧରି ଏକ ଘରେ ବନ୍ଦୀ ରଖାଯାଇଥିଲା ଏବଂ ସେଠାରେ ତାଙ୍କୁ ବାରମ୍ବାର ଯୌନ ନିର୍ଯାତନାର ଶିକାର କରାଯାଇଥିଲା ବୋଲି ଅଭିଯୋଗ ହୋଇଛି ।

## ଖାଦ୍ୟ ସୁରକ୍ଷା ନିଶ୍ଚିତ କରୁଛି ଏଫସିଆଇର ସାଇଲୋ ବ୍ୟବସ୍ଥା

**ଭୁବନେଶ୍ୱର, ୩/୬(ପିଆଇବି):** ଫସଲ ଅମଳ ପରେ ଏହାର ଠିକଣା ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦିଓ ପାରମ୍ପରିକ ଭାବେ ଭାରତରେ ଖାଦ୍ୟ ସଂରକ୍ଷଣ ପ୍ରକ୍ରିୟା ଜାରି ରହିଛି କିନ୍ତୁ ଉପଯୁକ୍ତ ସଂରକ୍ଷଣ ଅଭାବରୁ ପ୍ରତିବର୍ଷ ଆମ ଦେଶରେ ଆନୁମାନିକ ପ୍ରାୟ ୧୨ ରୁ ୧୬ ନିୟୁତ (୧.୨ରୁ ୧.୬ କୋଟି) ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି । ଯେଉଁ ଦେଶରେ ଚାଷୀଙ୍କଠାରୁ ବହୁ ପରିମାଣରେ ଖାଦ୍ୟଶସ୍ୟ ସଂଗ୍ରହ କରାଯାଏ ଏବଂ ୮୦ କୋଟିରୁ ଅଧିକ ଲୋକଙ୍କୁ ଖାଦ୍ୟ ସହାୟତା ଯୋଗାଇ ଦିଆଯାଏ, ସେଠାରେ ଏହିଭଳି କ୍ଷତିକୁ ରୋକିବା ଉଭୟ ଅର୍ଥନୈତିକ ଆବଶ୍ୟକତା ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଜରୁରୀ ବିଷୟ । ଏହି ଆହ୍ୱାନକୁ ଗ୍ରହଣ କରି, ଭାରତୀୟ ଖାଦ୍ୟ ନିଗମ (ଏଫ୍ସିଆଇ) ସାରା ଦେଶରେ ଆଧୁନିକ ଷ୍ଟିଲ୍ ସାଇଲୋ (କଣ୍ଟେନର ଭଳି ବଡ଼ ସଂରକ୍ଷଣ ପାତ୍ର)ର ଏକ ନେଟୱର୍କ ପ୍ରତିଷ୍ଠା କରିଛି । ଏହା ବିଶ୍ୱର ସବୁଠାରୁ ବଡ଼ ଖାଦ୍ୟଶସ୍ୟ ସଂରକ୍ଷଣ ଆଧୁନିକୀକରଣ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ବୋଲି ଗ୍ରହଣ କରାଯାଉଛି । କାରଣ ଏହାଦ୍ୱାରା ପାରମ୍ପରିକ ସଂରକ୍ଷଣ ପଦ୍ଧତି ବଦଳରେ ବୈଜ୍ଞାନିକ ତଥା ପ୍ରଯୁକ୍ତିବିଦ୍ୟା-ଆଧାରିତ ବ୍ୟବସ୍ଥା ଆପଣାଯାଉଛି । ଫଳରେ ଖାଦ୍ୟଶସ୍ୟର ଗୁଣବତ୍ତା ବଜାୟ ରହିବା ସହ ଶସ୍ୟ ନଷ୍ଟ ହେବାର ଆଶଙ୍କା ହ୍ରାସ ପାଉଛି । ସାଧାରଣ ଗୋଦାମ ଗୃହ ତୁଳନାରେ ଏହି ସାଇଲୋଗୁଡ଼ିକରେ ଆର୍ଦ୍ରତା-ନିୟନ୍ତ୍ରଣ ବ୍ୟବସ୍ଥା, ବାୟୁ ଚଳାଚଳ ସୁବିଧା, ସ୍ୱୟଂଚାଳିତ ମହଜୁଦ ପରିଚାଳନା ଏବଂ ଯାନ୍ତ୍ରିକ ଖାଦ୍ୟଶସ୍ୟ ପରିଚାଳନା ବ୍ୟବସ୍ଥା ରହିଛି । ଏହି ସବୁ ବୈଶିଷ୍ଟ୍ୟ ଦୀର୍ଘ ସମୟ ଧରି ଖାଦ୍ୟଶସ୍ୟର ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ, ପାରମ୍ପରିକ ସ୍ଥାନାନ୍ତରଣ ପ୍ରକ୍ରିୟାରେ ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ।

# କେନ୍ଦ୍ର ସରକାରଙ୍କ ୧୨ ବର୍ଷ ସଫଳତା ପ୍ରଚାର ପାଇଁ ଆଇଏମପିସିସି ବୈଠକ

**ଭୁବନେଶ୍ୱର, ୩/୬(ପିଆଇବି):** କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା 'ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି' (ଆଇଏମପିସିସି) - ଓଡ଼ିଶା ମଣ୍ଡଳର ମାସିକ ବୈଠକ ବୁଧବାର ଭୁବନେଶ୍ୱରସ୍ଥିତ ଏନଏବିଏମ - ପ୍ରସାର ଭାରତୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ “ଏନଡିଏ ସରକାରଙ୍କ ୧୨ ବର୍ଷ: ସଫଳତା, ଉପଲବ୍ଧି ଓ ମାଇଲଖୁଣ୍ଟ” ଅଭିଯାନର ପ୍ରଚାର ଓ ଜନସମ୍ପର୍କ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା, ସରକାରୀ ବିଭାଗ ଏବଂ ଜନସମ୍ପର୍କ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଗତ ୧୨ ବର୍ଷ ମଧ୍ୟରେ ଭାରତ ସରକାରଙ୍କ ସଫଳତା ଏବଂ ପରିବର୍ତ୍ତନମୂଳକ ପଦକ୍ଷେପ



ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅଭିଭାଷଣରେ ଶ୍ରୀ ମିଶ୍ର ପରସ୍ପର ବୁଝାମଣା, ସହଯୋଗ ଓ ସୁଶାସନକୁ ସୁଦୃଢ଼ କରିବାରେ ସଂଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ଫ୍ରେଞ୍ଚ ଲେଖକ ଆଲବର୍ଟ କାମସଙ୍କ ୧୯୫୭ ମସିହାର କ୍ଷୁଦ୍ର ଗଳ୍ପ “ଦ ସାଇଲେଣ୍ଟ ମ୍ୟାନ୍”ର ଉଦାହରଣ ଦେଇ କହିଥିଲେ ଯେ ନୀରବତା ମଧ୍ୟ ଏକ ପ୍ରକାର ସଂଯୋଗ ହୋଇପାରେ, କିନ୍ତୁ ଏହାର ଯଥୋଚିତ ସମାଧାନ ନ ହେଲେ ସଂସ୍ଥା ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିପାରେ । ନିରନ୍ତର ସଂଳାପ ଓ ଜନସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ଅଧିକାରୀମାନଙ୍କୁ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କିତ ସୂଚନାକୁ ସକ୍ରିୟ ଭାବେ ପ୍ରସାର କରିବାକୁ ଆହ୍ୱାନ ଜଣାଇଥିଲେ । ନାଗରିକମାନଙ୍କ ନିକଟରେ ସୂଚନା ପହଞ୍ଚାଇବା ଓ ସୂଚନାଗତ ବ୍ୟବଧାନ ଦୂର କରିବା ପାଇଁ ବିଭିନ୍ନ ଯୋଗାଯୋଗ ସଂସ୍ଥା ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ ବୋଲି ସେ କହିଥିଲେ । ବୈଠକରେ ସଦସ୍ୟମାନେ ନିଜ ନିଜ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିବା ସହିତ ଉତ୍ତମ ଅଭ୍ୟାସ, ସଫଳତା ଏବଂ ନବୀନ ପ୍ରଚାର ପ୍ରୟାସ ସମ୍ପର୍କରେ ଅବଗତ କରାଇଥିଲେ ।

## ୭ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦୋନ୍ନତି

**ଭାପୁର,୩/୬(ନିପ୍ର):** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟ ତଥା ଭାପୁର ବ୍ଲକରେ ୭ ଜଣ ହାଇସ୍କୁଲ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ରୂପେ ପଦୋନ୍ନତି କରାଯାଇଛି । ସରକାରୀ ହାଇସ୍କୁଲ ରେ ପ୍ରଧାନଶିକ୍ଷକ ନ ଥିବାରୁ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିଲା ।ରାଜ୍ୟ ସରକାରଙ୍କ ନିକଟରେ ସଙ୍ଘ ପକ୍ଷରୁ ବାରମ୍ବାର ପ୍ରଧାନଶିକ୍ଷକ ପଦବୀ ପୂରଣ ସହିତ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଦାବୀ ହୋଇ ଆସୁଥିଲା । ସରକାର ଏହାକୁ ଗୁରୁତର ସହ ବିଚାରକୁ ନେଇ ପଦୋନ୍ନତି ଦେଇଥିବାରୁ ସଙ୍ଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ,ଗିରୀଶ କୁମାର ମାର୍ଥାଙ୍କୁ ଆର.ସି.ଏସ. ହାଇସ୍କୁଲ, ବିଜିପୁର, ବ୍ରହ୍ମାନନ୍ଦ ମହାପାତ୍ରଙ୍କୁ ଚାରୁଦେବୀ ହାଇସ୍କୁଲ, ଜାମୁସାହି, ସଞ୍ଜୟ କୁମାର ମଲ୍ଲିକଙ୍କୁ ଏସ.ସି.ଏସ. ବିଦ୍ୟାମନ୍ଦିର, କରବର, ଦିଲ୍ଲୀପ କୁମାର ସାହୁଙ୍କୁ ତନ୍ତୁବାୟ ସହଯୋଗ ସମବାୟ ବିଦ୍ୟାପୀଠ, ବାଇଗୁଣିଆ, ସୁରେନ୍ଦ୍ର କୁମାର ନନ୍ଦଙ୍କୁ ବଳଦିଆ ନୂଆଗାଁ ହାଇସ୍କୁଲ,ସବିତା କୁମାରୀ ସାହୁଙ୍କୁ ଚକ୍ରଧରପ୍ରସାଦ ହାଇସ୍କୁଲ ଏବଂ ଅଭୟ କୁମାର ବିଶ୍ୱାଳଙ୍କୁ ନଟବର ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମାବତୀକୁ ପ୍ରଧାନଶିକ୍ଷକ ରୂପେ ପଦୋନ୍ନତି ପାଇ ବଦଳି ହୋଇଛନ୍ତି ।

# ସରିଲା ମଦ ଦୋକାନ ନିଲାମ, ୫୦ପ୍ରତିଶତ ଦୋକାନ ହାତେଇଲେ ବିହାରୀ ବ୍ୟବସାୟୀ

- ୧୧୦୯ ଦୋକାନ ପାଇଁ ସାଢ଼େ ୨୬ ହଜାର ଆବେଦନ
- ସରକାର ୮ ଶହ କୋଟି ରାଜସ୍ୱ କମାଇଲେ

**ଭୁବନେଶ୍ୱର,୩।୬(ନିପ୍ର):** ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ୩୨ଟି ଅବକାରୀ ରାଜସ୍ୱ ଜିଲ୍ଲାରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରୀ ଉଠାଣ ପ୍ରକ୍ରିୟା ଶେଷ ହୋଇଛି । ସବୁ ଅବକାରୀ ଜିଲ୍ଲାରେ ଜିଲ୍ଲାପାଳ କିମ୍ବା ଏଡିଏମ୍ ଲଟେରୀ ଉଠାଇଥିଲେ । ରାଜ୍ୟ ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ମଙ୍ଗଳବାର ଗୋଟିଏ ଦିନରେ ୯୬୦ଟି ବିଦେଶୀ ମଦ ଦୋକାନ ପାଇଁ ଲଟେରୀ କରାଯାଇ ଲାଇସେନ୍ସ ପାଇଥିବା ଆବେଦନକାରୀଙ୍କ ନାଁ ଘୋଷଣା କରାଯାଇଛି । ୧୧୦୯ଟି ମଦ ଦୋକାନ ପାଇଁ ୨୬ ହଜାର ୬ ଶହ ଜଣ ଆବେଦନ କରିଥିଲେ । ଲଟେରୀ ହୋଇଥିବା ୯୬୦ଟି ଦୋକାନ ମଧ୍ୟରୁ ୫୦% ବିହାରର ବ୍ୟବସାୟୀ ହାତେଇବାରେ ସଫଳ ହୋଇଛନ୍ତି । ୨୦୨୧ ମସିହାରେ ୧୨୯୭ଟି ମଦ ଦୋକାନ ପାଇଁ ୧୯୪୧୬ ଜଣ ଆବେଦନ କରିଥିଲେ । ସେତେବେଳେ ମଦ ଦୋକାନ ଲାଇସେନ୍ସ ପ୍ରକ୍ରିୟାରେ ଲଟେରୀ ପାଇଁ ଆବେଦନକାରୀଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା । ଯାହାକି ନନ୍ ରିଫଣ୍ଡେବଲ୍ । ଅର୍ଥାତ୍ ଲାଇସେନ୍ସ ନମିଳିଲେ ଟଙ୍କା ଫେରସ୍ତ ନାହିଁ । ତେବେ ଏହାରି ଭିତରେ ସରକାର ଏକ ସର୍ତ୍ତ ରଖିଥିଲେ । ସର୍ତ୍ତ ଥିଲା ଯଦି ବାହାର ରାଜ୍ୟର ଯେଉଁ ବ୍ୟକ୍ତି ଲଟେରୀରେ ଭାଗ ନେବେ ସେମାନଙ୍କର ଓଡ଼ିଶାରେ ଜମି କି ଘର ଥିବା ନିହାତି ଆବଶ୍ୟକ । ହେଲେ ଚଳିତ ଥର ମଦ ଦୋକାନ ଲଟେରୀରେ ଏ ବ୍ୟବସ୍ଥା ରଖାଗଲାନାହିଁ । ଏହାବାଦ ଏମ୍ଜିକ୍ୟୁ(ମିନିମମ୍ ଗ୍ୟାରେଣ୍ଟେଡ୍ କୋଟା) ବଦଳରେ ଏମ୍ଜିଆର (ମିନିମମ୍ ଗ୍ୟାରେଣ୍ଟେଡ୍ ରେଭିନ୍ୟୁ) ଲାଗୁ କଲେ । ଲଟେରୀ ଆବେଦନ ଫି ବଢ଼ାଇ ଦେଲେ । ୨୦୨୬ରେ ସରକାର ଦେଶୀ ମଦ ଦୋକାନ ପାଇଁ ୨ ଲକ୍ଷ ଏବଂ ବିଦେଶୀ ଠିପି ବନ୍ଦ ଦୋକାନ ପାଇଁ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲେ । ଯାହା ନନ୍ ରିଫଣ୍ଡେବଲ୍ । ଏହାପରେ ମଧ୍ୟ ମଦ ଦୋକାନ ପାଇଁ ରେକର୍ଡ ସଂଖ୍ୟକ ବ୍ୟବସାୟୀ ଲଟେରୀରେ ଭାଗ ନେଲେ । ୧୧୦୯ଟି ଦୋକାନ (ଦେଶୀ ଓ ବିଦେଶୀ ଠିପି ବନ୍ଦ) ପାଇଁ ପ୍ରାୟ ୨୬ ହଜାର ୬ ଶହରୁ ଅଧିକ ବ୍ୟକ୍ତି ଆବେଦନ କରିଥିଲେ । ଏଥିରୁ ସରକାର ପାଖାପାଖି ୮ ଶହ କୋଟି ରାଜସ୍ୱ ଆଦାୟ କଲେ । ଚଳିତ ବର୍ଷ ଲଟେରୀରେ ରାଜ୍ୟ ବାହାରର ଲୋକଙ୍କ ପାଇଁ କୌଣସି ନିୟମ ନଥିଲା । ଫଳରେ ବିହାର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ପଶ୍ଚିମବଙ୍ଗର ବ୍ୟବସାୟୀ ଲଟେରୀରେ ଭାଗ ନେଇଥିଲେ । ଘର ଜମି ବାଧ୍ୟତାମୂଳକ ନଥିବାରୁ ରାଜ୍ୟ ବାହାରର ମାଫିଆମାନେ ମନଇଚ୍ଛା ଆବେଦନ କରିଥିଲେ । ବିହାରର ଲୋକମାନେ ଶହ ଶହ ସଂଖ୍ୟାରେ ଲଟେରୀରେ ଭାଗ ନେଇଥିଲେ । ଲଟେରୀ ହୋଇଥିବା ଦୋକାନ ମଧ୍ୟରୁ ୫୦% ଦୋକାନ ବିହାରୀ ବ୍ୟବସାୟୀ ପାଇଛନ୍ତି । ଏହାକୁ ନେଇ ରାଜ୍ୟର ମଦ ବ୍ୟବସାୟୀଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି ।

## ଖୋର୍ଦ୍ଧାରୋଡ ଷ୍ଟେସନ ଇନଚାର୍ଜ ହେଲେ ଏଲଡି ମହାନ୍ତି

**ଜଟଣୀ,୩/୬(ନିପ୍ର):** ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ୍ ଷ୍ଟେସନ ଇନଚାର୍ଜ ଭାବେ ଯୋଗଦେଲେ ଏଲ ଡ଼ି ମହାନ୍ତି । ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ ଷ୍ଟେସନରେ ପହଞ୍ଚି ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ । କର୍ମଚାରୀଙ୍କ ପ୍ରତି ବିନା ଭେଦଭାବରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ । ପରେ ବର୍ତ୍ତମାନର ଷ୍ଟେସନ ଇନଚାର୍ଜ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟ ସହକର୍ମୀ ମାନେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଶ୍ରୀ ମହାନ୍ତି ଜଣେ ବରିଷ୍ଠ ଟାଣୁଆ ଶ୍ରମିକ କଂଗ୍ରେସ ନେତା ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ ।

## ଅଗଷ୍ଟ ୨୧ରୁ ଲୋକ ଅଦାଲତ ସମାଧାନ ସମାରୋହ

**ଭଦ୍ରକ, ୩/୬(ନିପ୍ର):** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ସୂଚନା ଦିଆଯାଇଛି ଯେ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ) -୨୦୨୬ ଆସନ୍ତା ଅଗଷ୍ଟ ମାସ ୨୧, ୨୨, ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଅଛି । ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା ଏବଂ ଏହି ସୁଯୋଗର ସଦୁପଯୋଗ କରିବା ।

## ୨୮ ଗ୍ରାମ ବ୍ରାଉନ ସୁଗାର ସହ ୩ ଗିରଫ

**ଜଟଣୀ,୩/୬(ନିପ୍ର):** ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ସ୍ପେଶାଲ ଟିମ୍ ନୂଆଗାଁ ଗାନ୍ଧିନଗର ସ୍ଥିତ ରୀନା ନାୟକଙ୍କ ଘର ନିକଟରେ ଅତର୍କିତ ଚଢଉ କରିବା ସହ ବେଆଇନ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଅଭିଯୁକ୍ତ ରୀନା ନାୟକ, ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାହାକ, ଏବଂ ଅଭିଯୁକ୍ତ ଏସକେ. ମୁଦ୍ଦିନ ନାମକ ତିନିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଜଟଣୀ ଥାନା ପୁଲିସ ୨୯୮/୨୬ରେ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ।

**AFFIDAVIT**

By virtue of an affidavit sworn before Notary Public, Kendrapara affidavit no.9019 dtd.03.06.2026, I Amarendra nayak S/o-Nilamani Nayak, Village-Balabhadrapur, Po-Nuahat, Ps-Derabish, Dist-Kendrapara, Odisha-754289 do hereby declare that, I have changed the name of my son from name Lagnajit Nayak to Sri Lagnajit Nayak. Henceforth he will be known as Sri Lagnajit Nayak for all purposes.

**Sd/-Amarendra Nayak**

## ଜମିରୁ ବେଆଇନ ମାଟି ଚୋରି, ୨ ଗିରଫ

**ଭୁବନେଶ୍ୱର, ୩/୬(ନିପ୍ର):** ବେଆଇନ ଭାବେ ଜଣକୁ ଜମିରୁ ମାଟି ଚୋରି କରିବା ସହ ତାଙ୍କୁ ଧମକଚମକ ଦେବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମୁକ୍ତିକାନ୍ତ ହରିଚନ୍ଦନ ଓ ତୋଫାନ ହରିଚନ୍ଦନ । ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଉମାକାନ୍ତ ବରିଶଲ୍ୟଙ୍କର ପାଞ୍ଚଗାଁ ମୌଜାରେ ୧୪୫୬ ନମ୍ବର ପ୍ଲଟ ରହିଛି । ଗତ ୨୬.୦୫.୨୦୨୬ ବିଳମ୍ବିତ ରାତିରେ ଗିରଫ ଦୁଇ ଅଭିଯୁକ୍ତ ଏକ ଜେସିବି ମେସିନ ଏବଂ ଏକ ହାଇୱା ଟ୍ରାକ ସାହାଯ୍ୟରେ ଅଭିଯୋଗକାରୀଙ୍କ ଉକ୍ତ ଜମିରୁ ପ୍ରାୟ ୪୦ ଟ୍ରିପ ମାଟି ବେଆଇନ ଭାବେ ପରିବହନ କରିଥିଲେ । ତା ପରଦିନ ଘଟଣା ସମ୍ପର୍କରେ ଜଣାପଡିବା ପରେ ଅଭିଯୋଗକାରୀ ଏନେଇ ଅଭିଯୁକ୍ତଙ୍କୁ ପ୍ରଶ୍ନ କରିବାରୁ, ଉଭୟ ଅଭିଯୁକ୍ତ ତାଙ୍କୁ ଏବଂ ତାଙ୍କ ବାପାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ନାନା ପ୍ରକାର ଧମକ ଦେଇଥିଲେ । ତେଣୁ ସେ ଅଭିଯୁକ୍ତ ମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ ।

# ||||||||||||| ଦିଲ୍ଲୀରେ ପୁଣି ଥରେ ଚମକିଲା ଗଞ୍ଜାମ ||||||||||||| ଜିଲ୍ଲାକୁ ୩ ପ୍ରତିଷ୍ଠିତ ଜାତୀୟ ପୁରସ୍କାର



**ଛତ୍ରପୁର, ୩/୬ :** ପୁଣି ଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା । ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର । ଜିଲ୍ଲାର ୨ଟି ପଞ୍ଚାୟତ ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବା ବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି । ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି । ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ‘ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ‘ ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବାବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇପାରିଛି । ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି । ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ହସ୍ତରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ପିଇଓ ରୋଜାଲିନ ବେହେରା, ମନ୍ଦାର ସରପଞ୍ଚ ସୁନିତା ଜେନା ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବାଣୀ ସୁକାନ୍ତ ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି । ଏହି ଐତିହାସିକ ସଫଳତା ଜନପ୍ରତିନିଧି, ପଞ୍ଚାୟତିରାଜ ଜନ ପ୍ରତିନିଧି, ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବୋପରି ଗଞ୍ଜାମବାସୀଙ୍କ ସାମୂହିକ ନିରନ୍ତର ଉଦ୍ୟମ ଓ ପାରସ୍ପରିକ ସହଯୋଗ ଫଳରେ ଗଞ୍ଜାମ ଜିଲ୍ଲାକୁ ଏହି ସର୍ବଭାରତୀୟ ଗୌରବ ମିଳିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ୱାସନ କହିଛନ୍ତି । ସମସ୍ତ ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ସେ କହିଛନ୍ତି । ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
13001/747/2627
OFFICE OF THE MUNICIPAL COUNCIL: JATANI
ସ୍ଥାନ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist- Khordha (Odisha), Pin-752050
E-mail - municipalityjatni@gmall.com, Phone. No. 0674- 2490826

**QUOTATION CALL NOTICE**

Sealed quotations are invited from registered contractors having valid Income Tax and GST Registration Certificates for "Desilting of different Drains in Ward No.02,03,04,05,06,07,08, 09,10,11,12,13.14,15,21,22 and 23 under Jatni Municipality". The tender paper will be available individually for the different wards in Jatni Municipality Office on payment of Rs.600/- (Rupees Six Hundred) in shape of Cash / Bank Draft in favour of Executive Officer, Jatni Municipality and to attached along with Tender paper. The Quotation shall be submitted on or before dt.09.06.2026 at 11 a.m. and the bid will be opened on dt.10.06.2026 at 11:00 a.m. in presence of the bidder or their authorized representative. The undersigned reverses all rights to reject any or all quotations without assigning any reason thereof.

Sd/-Executive Officer, Jatni Municipality

OIPR 13001/13041/1/26-27/0010

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ